## ସଂକ୍ଷେପରେ

### ଡୋଭାଲଙ୍କ ଘରକୁ ଅନୁପ୍ରବେଶ ଉଦ୍ୟମ

**ନୂଆଦିଲ୍ଲୀ, ୧୬।୨:** କେନ୍ଦ୍ରୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ବାସଭବନରେ ଜଣେ ଅଜଣା ଯୁବକ ପ୍ରବେଶ ପ୍ରୟାସ କରିଛନ୍ତି । ବୁଧବାର ସକାଳ ପ୍ରାୟ ୭ଟା ବାଜି ୪୫ ମିନିଟରେ କାରରେ ଜଣେ ଯୁବକ ଆସି ଡୋଭାଲଙ୍କ ବାସଭବନ ସାମ୍ନାରେ ଅଟକିବା ସହ ଘର ଭିତରକୁ ପ୍ରବେଶ ପାଇଁ ଜିଦ୍ କରିଥିଲେ। ସେଠାରେ ଉପସ୍ଥିତ ସୁରକ୍ଷାକର୍ମୀ ଉକ୍ତ ଯୁବକଙ୍କୁ ଡୋଭାଲଙ୍କ ବାସଭବନ ଭିତରକୁ ପ୍ରବେଶ ଅନୁମତି ଦେଇ ନ ଥିଲେ। ଯୁବକଙ୍କ ଦେହରେ ଚିପ୍ ଖଞ୍ଜା ଯାଇଥିବା ସହ ତାହା ରିମୋର୍ଟ ଦ୍ୱାରା ପରିଚାଳିତ ହୋଇଥିବା ନିଜ ବୟାନରେ କହିଛନ୍ତି ଉକ୍ତ ଯୁବକ। ଯୁବକ ଜଣକ ମାନସିକ ବିକାଗସ୍ତ ବୋଲି ଯାଞ୍ଚରୁ ଜଣାପଡିଥିବା କହିଛନ୍ତି ସ୍ଥାନୀୟ ପୁଲିସ।

### ହିମନ୍ତଙ୍କ ନାଁରେ ଏଫ୍ଆଇଆର୍


ହିମନ୍ତ ବିଶ୍ୱଶର୍ମା

**ହାଇଦ୍ରାବାଦ, ୧୬।୨:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇ ଫସିଯାଇଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। ଅପମାନଜନକ ମନ୍ତବ୍ୟ ଦେବା ନେଇ ବୁଧବାର ତାଙ୍କ ବିରୋଧରେ ଦାୟର ହୋଇଛି ଏଫ୍ଆଇଆର୍। ତେଲଙ୍ଗାନା ପ୍ରଦେଶ କଂଗ୍ରେସ (ଟିପିସିସି) ଦଳ ପକ୍ଷରୁ ହାଇଦ୍ରାବାଦର ଜୁବଲୀ ହିଲ୍ସ ପୋଲିସ ଷ୍ଟେଶନରେ ଏଫ୍ଆଇଆର୍ ଦାଖଲ ହୋଇଛି। ଟିପିସିସି ସଭାପତି ରାଭନ୍ତ ରେଡ୍ଡୀଙ୍କ ସମେତ କଂଗ୍ରେସ ଦଳର ଅନେକ ନେତା ହିମନ୍ତଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ପାଇଁ ଦାବି କରିଛନ୍ତି। ପ୍ରକାଶ ଯେ, ଗତ ୧୧ରେ ଭାଜପା ନେତା ହିମନ୍ତ ଉତ୍ତରାଖଣ୍ଡ ନିର୍ବାଚନୀ ପ୍ରଚାରରେ ଯାଇଥିବାବେଳେ ରାହୁଲଙ୍କ ପିତୃ ପରିଚୟର ପ୍ରମାଣ ମାଗିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ରାଜୀବ ଗାନ୍ଧୀଙ୍କ ପୁଅ ବୋଲି ଭାଜପା ପ୍ରମାଣ ମାଗିଛି କି କହି ସେ ବିବାଦୀୟ ହୋଇଥିଲେ। ହିମନ୍ତ ରାହୁଲଙ୍କୁ ସମାଲୋଚନା କରିବା ସହ ୨୦୧୬ ସର୍ଜିକାଲ ଷ୍ଟ୍ରାଇକ୍ ନେଇ କଂଗ୍ରେସ ପ୍ରମାଣ ମାଗିବାରୁ ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ବର୍ଷିଥିଲେ। ହିମନ୍ତଙ୍କ ବିରୋଧରେ ଆଇପିସି ଧାରା ୫୦୪ ଏବଂ ୫୦୫ (୨) ଅନ୍ତର୍ଗତ ମାମଲା ରୁଜୁ ହୋଇଥିବା କହିଛନ୍ତି ବଞ୍ଜାରା ହିଲ୍ସ ଏସିପି ଏମ୍ ସୁଦର୍ଶନ ।

### ଡିଭାଇଡରରେ ପିଟିହେଲା କାର୍: ୬ ମୃତ

**ରାୟପୁର, ୧୬।୨:** ଛତିଶଗଡ ଅଭାନପୁରରେ ବୁଧବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଡ୍ରାଇଭର ସମେତ ଅନ୍ୟ ୪ ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। କାରଟି ଗରିଆବନ୍ଧ ଜିଲାରେ ଥିବା ରାଜିମ ଅଭିମୁଖେ ଯାତ୍ରା କରୁଥିଲା। ହଠାତ୍ ଭାରସାମ୍ୟ ହରାଇ ଅଭାନପୁର ଡିଭାଇଡରରେ କାର୍‌ଟି ପିଟି ହୋଇଯାଇଥିଲା। କାରରେ ଥିବା ସମସ୍ତ ମହିଳା ମାଘ ପୂର୍ଣ୍ଣିମା ମେଳା ଦେଖିବା ପାଇଁ ଯାଉଥିଲେ। ସେମାନେ ଛତିଶଗଡ ଜିଲାର ଜିଲ୍ଲାର ସୁବାସନଗରର ଇଲାକାର ବୋଲି କହିଛନ୍ତି ସ୍ଥାନୀୟ ପୋଲିସ।

### ୧୭ ବର୍ଷ ପରେ ମୁକ୍ତାର ଅନ୍‌ସାରିଙ୍କୁ ଜାମିନ

**ଲକ୍ଷ୍ନୌ,୧୬।୨:** ୧୭ ବର୍ଷ ଧରି ଉତ୍ତର ପ୍ରଦେଶର ବନ୍ଦା ଜେଲରେ ଥିବା ମାଫିଆ ଡନ୍ ତଥା ବିଧାୟକ ମୁକ୍ତାର ଅନ୍‌ସାରିଙ୍କୁ ବୁଧବାର ଜାମିନ ମିଳିଛି। ମଉସ୍ଥିତ ଏମ୍‌ପି-ଏମ୍ଏଲ୍ଏ କୋର୍ଟ ତାଙ୍କୁ ୧ ଲକ୍ଷ ଟଙ୍କା ବ୍ୟକ୍ତିଗତ ମୁଚାଲିକାରେ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭାଜପା ବିଧାୟକ କ୍ରିଷ୍ଣାନନ୍ଦ ରାଏଙ୍କୁ ହତ୍ୟା କରିବା ଅଭିଯୋଗରେ ୨୦୦୫ରେ ମୁକ୍ତାରଙ୍କୁ ଗିରଫ କରାଯାଇଥିଲା। ସେବେଠୁ ସେ ଜେଲରେ ଥିଲେ। ମୁକ୍ତାରଙ୍କ ଜାମିନ ବିଳମ୍ବିତ ହେବାରୁ ପୁଅ ଅବାସ ଅନ୍‌ସାରି ତାଙ୍କ ପାରମ୍ପରିକ ଆସନ ମଉ ସଦରରୁ ଏଥର ନିର୍ବାଚନ ଲଢୁଛନ୍ତି। ମୁକ୍ତାର ୧୯୯୬ ମସିହାରୁ ୫ ଥର ଏହି ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି।




ବେଜିଂର ଅଲିମ୍ପିକ୍ ଷ୍ଟାଡିୟମ୍‌ରେ ୟୁକ୍ରେନ୍ ନାଗରିକ ନିଜ ଦେଶର ଜାତୀୟ ପତାକା ଧରି ଏକତା ଦିବସ ପାଳନ କରୁଛନ୍ତି।



୨୦୧୪ରେ କ୍ରିମିଆ ଦଖଲ କରି ରୁଷିଆରୁ ୟୁରୋପୀୟ ଶକ୍ତିଙ୍କୁ ବିତାଡ଼ିତ କରିବା ଥିଲା ବିଶ୍ୱକୁ ଷ୍ଟ୍ରଙ୍ଗମ୍ୟାନ୍ ଭ୍ଲାଡିମିର ପୁଟିନ୍‌ଙ୍କ ପ୍ରଥମ ସନ୍ଦେଶ। ଏବେ ପଡ଼ୋଶୀ ୟୁକ୍ରେନ୍ ଆମେରିକା ଆଡ଼କୁ ଢଳୁଥିବା ଦେଖି ପୁଟିନ୍ ଗୋଟିଏ ପଟେ ଆଲୋଚନା କଥା କହୁଥିବାବେଳେ ଅନ୍ୟପକ୍ଷେ ସୀମାରେ ସମରସଜ୍ଜା କରି ଭିନ୍ନ ଏକ ବାର୍ତ୍ତା ଦେବାକୁ ଚାହିଁଛନ୍ତି। ତାହା ହେଲା ମସ୍କୋକୁ ଆଉ ଅଣଦେଖା କରାଯାଇପାରିବ ନାହିଁ।

## ବିନା ଗୁଳିରେ ପାଶ୍ଚାତ୍ୟ ବିଧ୍ୱସ୍ତ

### କଟାକ୍ଷ କଲା କ୍ରେମ୍‌ଲିନ୍

ୟୁକ୍ରେନ୍ ସୀମାରୁ ନିଜ ସୈନ୍ୟଙ୍କୁ କେତେକାଂଶରେ ପ୍ରତ୍ୟାହାର କରିଥିବା ନେଇ ରୁଷିଆ ଘୋଷଣା କରିବା ପରେ ପାଶ୍ଚାତ୍ୟ ଦେଶଗୁଡ଼ିକୁ କ୍ରେମ୍‌ଲିନ୍ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଆଚରଣକୁ ନେଇ କଟାକ୍ଷ କରିଛି। ବିନା ଗୁଳିରେ ପାଶ୍ଚାତ୍ୟ ଦେଶଗୁଡ଼ିକ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ମସ୍କୋ ତାଚ୍ଛଲ୍ୟ କରିଛି। ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜଖାରୋଭା ଏକ ଟେଲିଗ୍ରାମ୍ ପୋଷ୍ଟରେ ଲେଖିଛନ୍ତି, ୨୦୨୨ ଫେବୃୟାରୀ ୧୫ ଇତିହାସରେ ଲିପିବଦ୍ଧ ହୋଇରହିବ। କାରଣ ଏହି ଦିନ ପାଶ୍ଚାତ୍ୟର ଯୁଦ୍ଧ ପ୍ରଚାର ଅଭିଯାନ (ପ୍ରୋପାଗାଣ୍ଡା) ବିଫଳ ହୋଇଛି। ଆମେ ଗୋଟିଏ ବି ଗୁଳି ଚଳାଇ ନ ଥିବାବେଳେ ସେମାନେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛନ୍ତି।

# ଖେଳୁଛନ୍ତି ପୁଟିନ୍, ବାଇଡେନ୍ ସତର୍କ

କିଭ୍/ମସ୍କୋ/ୱାଶିଂଟନ,୧୬।୨

ୟୁକ୍ରେନ୍‌କୁ ନେଇ ମାସାଧିକ କାଳ ଧରି ମୁହାଁମୁହିଁ ଅବସ୍ଥାରେ ରୁଷିଆ ଓ ଆମେରିକା। ପଡ଼ୋଶୀ ୟୁକ୍ରେନ୍ ଉପରେ ରୁଷିଆ କୌଣସି ମୁହୂର୍ତ୍ତରେ ଆକ୍ରମଣ କରିବା ଆଶଙ୍କା ଥିବାରୁ କ୍ରେମ୍‌ଲିନ୍‌କୁ ଆମେରିକା ନେତୃତ୍ୱାଧୀନ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ସଦସ୍ୟ ରାଷ୍ଟ୍ରଗୁଡ଼ିକ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ଫେବୃୟାରୀ ୧୬ରେ ରୁଷିଆ ଆକ୍ରମଣ କରିପାରେ ବୋଲି ପୂର୍ବରୁ ଆମେରିକୀୟ ଗୋଇନ୍ଦା ସଂସ୍ଥାଗୁଡ଼ିକ ପକ୍ଷରୁ ସତର୍କ କରାଯାଇଥିବାରୁ ବୁଧବାର ୟୁକ୍ରେନ୍‌ରେ ଏକତା ଦିବସ ପାଳନ କରାଯାଇଛି।



ତେବେ କ୍ରେମେନିଆ ଉପଦ୍ୱୀପରୁ ସୈନ୍ୟ ଅପସାରଣର ଭିଡିଓ ଜାରି କରି ସ୍ଥିତି ସ୍ୱାଭାବିକ ହେଉଥିବା ନେଇ ରୁଷିଆ ସଙ୍କେତ ଦେଇଥିଲା । ହେଲେ ବାସ୍ତବରେ ସୀମାରୁ ରୁଷିଆ ନିଜ ସୈନ୍ୟ ଓ ଯୁଦ୍ଧାସ୍ତ୍ର ପ୍ରତ୍ୟାହାର କରି ନ ଥିବା ଦର୍ଶାଇ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଉଦ୍‌ବେଗ ପ୍ରକାଶ କରିଛନ୍ତି। ନାଟୋ ମୁଖ୍ୟ ଜେନ୍ସ ଷ୍ଟୋଲ୍‌ଟେନ୍‌ବର୍ଗଙ୍କ ମତରେ ରୁଷିଆ ସାମରିକ ବଳ ପ୍ରତ୍ୟାହାର ପରିବର୍ତ୍ତେ ସୈନ୍ୟ ଠୁଳ ଜାରି ରଖିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ନାଟୋ ରାଷ୍ଟ୍ରଗୁଡ଼ିକର ପ୍ରତିରକ୍ଷାମନ୍ତ୍ରୀମାନେ ମାରାଥନ୍ ବୈଠକ କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହାର କୂଟନୈତିକ ସମାଧାନ ବାଟ ଖୋଜିବା ପାଇଁ ସହଯୋଗୀଙ୍କୁ ପରାମର୍ଶ ଦେଇଛନ୍ତି। ତଥାପି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସମରସଜ୍ଜା ଓ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ ଥିବାରୁ ଏହା ତାଙ୍କର ବିପଜ୍ଜନକ ଖେଳ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଏକଦା ସୋଭିଏତ୍ ୟୁନିୟନ୍‌ର ସଦସ୍ୟ ଥିବା ୟୁକ୍ରେନ୍ ୧୯୯୧ ଅଗଷ୍ଟ ୨୪ରେ ସଂଘରୁ ଓହରିଯାଇ ନିଜକୁ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିଥିଲା। ସେବେଠୁ ରୁଷିଆ ସହ ଏହି ପଶ୍ଚିମ ୟୁରୋପୀୟ ରାଷ୍ଟ୍ରର ସମ୍ପର୍କ ବିଗିଡ଼ିବାରେ ଲାଗିଥିବାବେଳେ ୨୦୦୮ରେ ୟୁକ୍ରେନ୍ ନାଟୋରେ ମିଶିବା ଲାଗି ମେମ୍ବରଶିପ୍ ଆକ୍ସନ ପ୍ଲାନ୍ (ଏମ୍ଏପି) ଆରମ୍ଭ କରିଥିଲା। ନାଟୋ ଏବଂ ୟୁରୋପୀୟ ସଂଘର ସଦସ୍ୟତା ଲାଭ ସକାଶେ ୨୦୧୯ ଫେବୃୟାରୀରେ ୟୁକ୍ରେନର ସମ୍ବିଧାନ ସଂଶୋଧନ କରାଯାଇଥିଲା। ୨୦୨୦ ସେପ୍ଟେମ୍ବରରେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଦେଶର ନୂଆ ସୁରକ୍ଷା ରଣନୀତି ଉପରେ ମୋହର ମାରିବା ପରେ ସଦ୍ୟ ବିବାଦ ମୁଣ୍ଡ ଟେକିଛି। କାରଣ ଏହି ସିକ୍ୟୁରିଟି ଷ୍ଟ୍ରାଟେଜି ଅନୁସାରେ ୟୁକ୍ରେନ୍ ପାଇଁ ନାଟୋ ସଦସ୍ୟତା ହାସଲ ସହଜ ହୋଇଯାଇଛି। ନାଟୋରେ ୟୁକ୍ରେନ୍ ମିଶିବାର ତାତ୍ପର୍ଯ୍ୟ ହେଉଛି ନିଜ ଭୂଖଣ୍ଡରେ ପାଶ୍ଚାତ୍ୟ ସାମରିକ ବଳକୁ ମୁତୟନ ଅନୁମତି ଦେବା। ଏହି ସ୍ଥଳେ ନିଜ ପଡ଼ୋଶୀ ରାଷ୍ଟ୍ରରେ ଆମେରିକାର ଆଧିପତ୍ୟକୁ ଶକ୍ତିଶାଳୀ ପୁଟିନ୍ ବରଦାସ୍ତ କରିପାରୁ ନାହାନ୍ତି। ତେଣୁ ସେ ଡୋନ୍‌ବାସ କ୍ଷେତ୍ରକୁ ବାୟୁସେନା, ନୌସେନା ଓ ଅର୍ଦ୍ଧସାମରିକ ବଳ ସୈନ୍ୟଙ୍କୁ ପଠାଇବାରେ ଲାଗିଛନ୍ତି। ସଦର୍ନ ମିଲିଟାରି ଡିଷ୍ଟ୍ରିକ୍ଟରୁ ରୁଷିଆ କିଛି ମାତ୍ରାରେ ସେନା ପ୍ରତ୍ୟାହାର କରିଥିବା ଘୋଷଣା କରିଥିଲେ ସୁଦ୍ଧା ତାକୁ କେହି ବିଶ୍ୱାସ କରିପାରୁ ନାହାନ୍ତି।

ଦୁଇଦେଶର ମଧ୍ୟରେ ଯୁଦ୍ଧ ହେଲେ କେବଳ ରୁଷିଆ କିମ୍ବା ୟୁକ୍ରେନ୍ ପ୍ରଭାବିତ ହେବ ନାହିଁ, ବରଂ ଏହାର ଦୁଷ୍ପରିଣାମ ସାରା ବିଶ୍ୱକୁ ଭୋଗିବାକୁ ପଡ଼ିବ, ଯାହାର ସଙ୍କେତ ସାମ୍ପ୍ରତିକ ଉତ୍ତେଜନାରୁ ସୁସ୍ପଷ୍ଟ। ମୋଟାମୋଟି ଭାବେ ଏହି ଯୁଦ୍ଧ ବିଶ୍ୱକୁ ଦୁଇଭାଗ କରିଦେବ। ଗୋଟିଏ ପଟେ ରୁଷିଆ ଓ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ରହିବେ ଏବଂ ଅନ୍ୟପକ୍ଷେ ଆମେରିକା ତଥା ୟୁରୋପୀୟ ଦେଶ।

## ରୁଷିଆକୁ ନାଟୋର ଅବିଶ୍ୱାସ

ରୁଷିଆର ସୈନ୍ୟ ଅପସାରଣ ଭିଡିଓକୁ ନେଇ ନାଟୋ ସନ୍ଦେହ ବ୍ୟକ୍ତ କରିଛି। ନାଟୋ ମହାସଚିବ ଜେନ୍ସ ଷ୍ଟୋଲଟେନ୍‌ବର୍ଗ ବୁଧବାର କହିଛନ୍ତି, ୟୁକ୍ରେନ୍ ସୀମାରେ ରୁଷିଆ ଲଗାତର ସୈନ୍ୟ ଓ ଯୁଦ୍ଧାସ୍ତ୍ର ଠୁଳ କରିବାରେ ଲାଗିଛି। କୂଟନୈତିକ ଉଦ୍ୟମ ଜାରି ରଖିବା ପାଇଁ ମସ୍କୋ ଚାହୁଁଥିବା ନେଇ ଆମେ ଶୁଣିବାକୁ ପାଇଛୁ। କିନ୍ତୁ ଅଦ୍ୟାବଧି ଉତ୍ତେଜନା ହ୍ରାସ ଦିଗରେ ରୁଷିଆ କିଛି ପଦକ୍ଷେପ ନେଇନାହିଁ। ଓଲଟା ଅଧିକ ସଂଖ୍ୟକ ସୈନ୍ୟଙ୍କୁ ପଠାଇବାରେ ଲାଗିଛି। ଆମେ ଆଲୋଚନା ଟେବୁଲରେ ବସିବାକୁ ପ୍ରସ୍ତୁତ ଅଛୁ। କିନ୍ତୁ ରୁଷିଆ ଆମ କଥା ନ ଶୁଣିଲେ ଯେକୌଣସି ପଦକ୍ଷେପ ନେବାକୁ ବି ପଛାଇବୁ ନାହିଁ।


ୟୁକ୍ରେନ୍ ସଙ୍କଟ ଆଲୋଚନା ପରିପ୍ରେକ୍ଷୀରେ ବ୍ରସେଲ୍ସରେ ବୁଧବାର ଆମେରିକା ପ୍ରତିରକ୍ଷା ସଚିବ ଲୟଡ୍ ଜେ. ଅଷ୍ଟିନ୍‌ଙ୍କୁ ସ୍ୱାଗତ କରୁଛନ୍ତି ନାଟୋ ମହାସଚିବ ଜେନ୍ସ ଷ୍ଟୋଲଟେନବର୍ଗ (ଡାହାଣ)।

## ହ୍ୱେଇ ଉପରେ ଆଇଟି ଚଢ଼ାଉ

**ନୂଆଦିଲ୍ଲୀ, ୧୬।୨:** ନିକଟରେ ୫୪ ଚାଇନା ଆପ୍‌କୁ କେନ୍ଦ୍ର ସରକାର ବ୍ୟାନ କରିବା ପରେ ବୁଧବାର ଟିକସ ଚୋରି ଅଭିଯୋଗରେ ଚାଇନିଜ୍ ଟେଲିକମ୍ କମ୍ପାନୀ ହ୍ୱେଇର ଭାରତରେ ଥିବା ବିଭିନ୍ନ ଶାଖା କାର୍ଯ୍ୟାଳୟରେ ଆୟକର (ଆଇଟି) ଚଢ଼ାଉ ହୋଇଛି। ଦିଲ୍ଲୀ, ହରିୟାଣାର ଗୁରୁଗ୍ରାମ ଏବଂ କର୍ନାଟକର ବେଙ୍ଗାଲୁରୁ ସ୍ଥିତ ଏହି କମ୍ପାନୀ କାର୍ଯ୍ୟାଳୟରେ ଆଇଟି ଅଧିକାରୀମାନେ ଚଢ଼ାଉ କରି କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରିଛନ୍ତି। ଆୟକର ବିଭାଗ ଅଧିକାରୀଙ୍କ କହିବା ଅନୁସାରେ, ହ୍ୱେଇ ଭାରତରେ ବ୍ୟବସାୟ ଏବଂ ବିଦେଶୀ କାରବାରରେ ଟିକସ ଫାଙ୍କିଥିବା ଅଭିଯୋଗ ରହିଛି। ଏହାର ତଦନ୍ତ ପାଇଁ କମ୍ପାନୀ କାର୍ଯ୍ୟାଳୟରେ ଥିବା ଆର୍ଥିକ ଦଲିଲକୁ ଯାଞ୍ଚ କରାଯାଇଛି। ତେବେ ଅଭିଯୋଗକୁ ହ୍ୱେଇ ପକ୍ଷରୁ ଖଣ୍ଡନ କରାଯାଇଛି। ଭାରତରେ ଆଇନଗତ ଭାବେ କାରବାର ଚାଲିଛି। ସରକାରଙ୍କୁ ସବୁ ପ୍ରକାର ସହଯୋଗ କରାଯାଉଛି ବୋଲି କମ୍ପାନୀ କହିଛି। ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ହ୍ୱେଇ ଉପରେ ୫ଜି ସେବାର ଟ୍ରାଏଲ ପାଇଁ ଅନୁମତି ଦେଇନାହାନ୍ତି।

## କୋଭିଡ୍ କଟକଣା କୋହଳ କର: କେନ୍ଦ୍ର

ନୂଆଦିଲ୍ଲୀ, ୧୬।୨

ଦେଶରେ କରୋନା ସଂକ୍ରମଣ କମିବାରେ ଲାଗିଛି। କିଛି ରାଜ୍ୟରେ ସଂକ୍ରମଣ ନିୟନ୍ତ୍ରଣରେ ଥିଲାବେଳେ କିଛି ରାଜ୍ୟରେ ସଂକ୍ରମଣରେ ସାମାନ୍ୟ ବୃଦ୍ଧି ପରିଲକ୍ଷିତ ହେଉଛି। ତେବେ ସଂକ୍ରମଣ ସ୍ଥିତିକୁ ଦୃଷ୍ଟିରେ ରଖି କରୋନା କଟକଣା କୋହଳ କରିବା ପାଇଁ ବୁଧବାର କେନ୍ଦ୍ରୀୟ ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ଚିଠି ଲେଖିଛନ୍ତି। ରାଜ୍ୟର ସଂକ୍ରମଣ ଗ୍ରାଫ୍‌କୁ ନଜରରେ ରଖି କଟକଣା କୋହଳ କିମ୍ବା କଟକଣାରେ ପରିବର୍ତ୍ତନ କରିବା ପାଇଁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। କଟକଣା କାରଣରୁ ଯେଭଳି ଦେଶର ଆର୍ଥିକ ସଙ୍କଟ ନ ଦେଖାଯାଏ, ସେଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ପ୍ରକାର ନିର୍ଦ୍ଦେଶ ଜାରି କରାଯାଇଛି। ଜାନୁଆରୀ ୨୧ ତାରିଖରୁ କ୍ରମାଗତ ଦେଶରେ ସଂକ୍ରମଣ କମିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୨୭,୪୦୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଦେଶରେ ସଂକ୍ରମଣ ହାର ୩.୬୩ ପ୍ରତିଶତ ଖସିଥିବା କହିଛନ୍ତି ସ୍ୱାସ୍ଥ୍ୟ ସଚିବ। ସଂକ୍ରମଣ ହ୍ରାସକୁ ନଜରରେ ରଖି କେନ୍ଦ୍ର ସରକାର କିଛିଦିନ ପୂର୍ବେ ବିଦେଶ ଫେରନ୍ତାଙ୍କ ପାଇଁ ଲାଗୁ କଟକଣା କୋହଳ କରିଛନ୍ତି।

## ୪ ବର୍ଷରୁ କମ୍ ପିଲାଙ୍କୁ ବେଲ୍ଟ ଜରୁରୀ

### ସଡ଼କ ପରିବହନ ମନ୍ତ୍ରଣାଳୟର ନୂଆ ନିୟମ

ନୂଆଦିଲ୍ଲୀ, ୧୬।୨

ବାଇକ୍‌ରେ ୪ କିମ୍ବା କମ୍ ବର୍ଷ ବୟସର ପିଲାଙ୍କୁ ନେବା ଉପରେ ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ନୂଆ ନିୟମ ଲାଗୁ କରାଯାଇଛି। ସେଣ୍ଟ୍ରାଲ ମୋଟର ଭେହିକିଲ୍ (ଦ୍ୱିତୀୟ ସଂଶୋଧନ) ନିୟମ, ୨୦୨୨ ଅନୁସାରେ, ବାଇକ୍‌ରେ ୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ ନେଉଥିଲେ ସୁରକ୍ଷା ବେଲ୍ଟ ଏବଂ ହେଲ୍‌ମେଟ ବାଧ୍ୟତାମୂଳକ। ସେଫ୍ଟି ହାର୍ନେସ ଶିଶୁଙ୍କୁ ଚାଳକଙ୍କ ସହ ଯୋଡ଼ି ରଖିବ। ସେଫ୍ଟି ହାରନେସ୍ ହାଲୁକା ଓଜନ, ୱାଟରପ୍ରୁଫ୍ ସହ ୩୦ କେ.ଜି. ପର୍ଯ୍ୟନ୍ତ ଓଜନ ସମ୍ଭାଳି ପାରୁଥିବା ଆବଶ୍ୟକ। ପିଲାଙ୍କୁ ନେବା ସମୟରେ ଗାଡିର ଘଣ୍ଟା ପ୍ରତି ବେଗ ୪୦ କି.ମି.ରୁ ଅଧିକ ରହିବ ନାହିଁ। ନିୟମ ଭାଙ୍ଗିଲେ ୧ ହଜାର ଟଙ୍କା ଜରିମାନା ସହ ୩ ମାସ ଯାଏ ଲାଇସେନ୍ସ ରଦ୍ଦ କରାଯିବ। ଏନେଇ ବିଜ୍ଞପ୍ତି ପ୍ରକାଶର ବର୍ଷେ ପରେ ନିୟମ ଲାଗୁ ହେବ।



## ପଗଡ଼ିକୁ ଅନୁମତି, ହିଜାବକୁ ଟାର୍ଗେଟ

ବେଙ୍ଗାଲୁରୁ, ୧୬।୨

କର୍ନାଟକରେ ଜାରି ଥିବା ହିଜାବ ବିବାଦ ଉପରେ ବୁଧବାର ପୁଣି ହାଇକୋର୍ଟରେ ଶୁଣାଣି ହୋଇଛି। ମୁସଲମାନମାନେ ଅଧିକ ଭେଦଭାବର ଶିକାର ହେଉଥିବା ଆବେଦନକାରୀଙ୍କ ଓକିଲ ଯୁକ୍ତି କରିଛନ୍ତି। କର୍ନାଟକର ପୂର୍ବତନ ଆଡ୍‌ଭୋକେଟ ଜେନେରାଲ ରବି ବର୍ମା କୁମାର ଖଣ୍ଡପୀଠଙ୍କୁ କହିଥିଲେ, ଭାରତୀୟ ସମାଜରେ ଚୁଡ଼ି, ପଗଡ଼ି ଅତି ସାଧାରଣ କଥା ଭାବେ ଦେଖାଯାଉଛି। ସରକାର ମୁସଲମାନ ମହିଳାଙ୍କ ପ୍ରତି ଭେଦଭାବ କରୁଛନ୍ତି। ଆମେ କ'ଣ ଶିଖ୍‌ଙ୍କ ପଗଡ଼ି ଓ ଝିଅ ତଥା ମହିଳାମାନେ ପିନ୍ଧୁଥିବା ଚୁଡ଼ି ଉପରେ ରୋକ ଲଗାଇପାରିବା କି? ଯଦି ତାହା ହୋଇପାରିବନି ତେବେ ହିଜାବକୁ କାହିଁକି ଟାର୍ଗେଟ କରାଯାଉଛି ବୋଲି ସେ ପଚାରିଛନ୍ତି। ଭାରତରେ ବିବିଧତା ବଜାୟ ରହିବା ଜରୁରୀ ବୋଲି ସେ ଅଦାଲତରେ କହିଛନ୍ତି। ଗୁରୁବାର ପୁଣି ଏହି ପ୍ରସଙ୍ଗରେ କୋର୍ଟରେ ଶୁଣାଣି ହେବ। ଅନ୍ୟପକ୍ଷରେ ହିଜାବ ପ୍ରସଙ୍ଗରେ ଆନ୍ଦୋଳନକାରୀଙ୍କ ଉପରେ କୋହଳ ନୀତି ଆପଣାଯିବ ନାହିଁ ବୋଲି କର୍ନାଟକ ଗୃହ ମନ୍ତ୍ରୀ ଆରଗା ଜ୍ଞାନେନ୍ଦ୍ର କହିଛନ୍ତି। କୌଣସି ଧର୍ମୀୟ ପୋଷାକ ପିନ୍ଧି ସ୍କୁଲ କଲେଜ ନ ଆସିବାକୁ କୋର୍ଟ ଦେଇଥିବା ଅନ୍ତରୀଣ ରାୟକୁ ସମସ୍ତେ ମାନିବା ପାଇଁ ସେ ପରାମର୍ଶ ଦେଇଛନ୍ତି।


ଚିକ୍‌ମାଗାଲୁରସ୍ଥିତ ଏକ କଲେଜ କ୍ୟାମ୍ପସରେ ହିଜାବ ପିନ୍ଧି ଛାତ୍ରୀମାନେ ବିକ୍ଷୋଭ କରୁଛନ୍ତି।

### କର୍ନାଟକ ହାଇକୋର୍ଟରେ ଆବେଦନକାରୀଙ୍କ ପ୍ରଶ୍ନ

# ଧରିତ୍ରୀ DHARITRI

ଗୁରୁବାର, ଫେବୃୟାରୀ ୧୭/୨୦୨୨ | Thursday, February 17/2022 | ପୃଷ୍ଠା-୧




## ଏରିକାଙ୍କୁ 'ଦାଦା ସାହେବ ଫାଲ୍‌କେ'

ଟିଭି ସିରିଏଲ୍ ଅଭିନେତ୍ରୀ ଏରିକା ଫର୍ନାଣ୍ଡିଜ୍ ନିଜ ଅଭିନୟର ଯାଦୁ ଦେଖାଇ ହାସଲ କରିଛନ୍ତି ଦାଦା ସାହେବ ଫାଲ୍‌କେ ପୁରସ୍କାର।

୦୫

୦୬

## ପଦାର୍ପଣରେ ବିଷ୍ଣୋଇ ସଫଳ

ଭାରତ ପକ୍ଷରୁ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣରେ ସଫଳ ହୋଇ ୱେଷ୍ଟଇଣ୍ଡିଜର ୨ଟି ଉଇକେଟ ଅକ୍ତିଆର କରିଛନ୍ତି ଯୁବ ସ୍ପିନର ରବି ବିଷ୍ଣୋଇ।



# ପ୍ରଥମ ପର୍ଯ୍ୟାୟରେ ହିଂସା

**ପଞ୍ଚାୟତ ନିର୍ବାଚନ**

- ଖବରଦାତାଙ୍କୁ ଆକ୍ରମଣ
- ଭୋଟ ବାକ୍ସ ନେଇ ଜଙ୍ଗଲକୁ ପଳାଇଲେ
- ହିଂସାକାଣ୍ଡ ପାଇଁ ୧୬ ବୁଥ୍‌ରେ ମତଦାନ ସ୍ଥଗିତ



କୃଷ୍ଣପ୍ରସାଦ ବ୍ଲକ୍‌ର ଅଲଣ୍ଡା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟର ଦୃଶ୍ୟ।

ଭୁବନେଶ୍ୱର,୧୬।୨(ବ୍ୟୁରୋ)

୫ ପର୍ଯ୍ୟାୟ ଚାଲିଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ। ବୁଧବାର ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ବୁଥ୍ ଜବରଦଖଲ, ବୋମାମାଡ଼, ବାଲଟ ବାକ୍ସ ଉଠାଇ ନେବା, ଖବରଦାତାଙ୍କୁ ମାଡ଼ ମାରିବା ଭଳି ଘଟଣା ଘଟିଛି। ବିଶେଷକରି ପୁରୀ, ଯାଜପୁର, କଟକ, ଢେଙ୍କାନାଳ, କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ନିର୍ବାଚନ ହିଂସାକାଣ୍ଡ ପାଇଁ ୧୬ଟି ବୁଥ୍‌ରେ ମତଦାନ ସ୍ଥଗିତ ରହିଛି। କଳାହାଣ୍ଡି ଜିଲାର ଜୁନାଗଡ଼ ବ୍ଲକର ଡୁଣ୍ଡାମେଲା ଗ୍ରାମପଞ୍ଚାୟତର ୧୧ ନମ୍ବର ୱାର୍ଡରେ ବିଶେଷ କାରଣ ଯୋଗୁ ନିର୍ବାଚନ ହୋଇ ନ ଥିବା କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଢେଙ୍କାନାଳ ଜିଲାର ୩ଟି ବୁଥ୍, ଯାଜପୁର ଜିଲାର ୭ଟି ବୁଥ୍ ଏବଂ ପୁରୀ ଜିଲାର ୫ଟି ବୁଥ୍‌ରେ ହିଂସାକାଣ୍ଡ ଯୋଗୁ ଭୋଟ ଗ୍ରହଣ ସ୍ଥଗିତ ରହିଥିବା କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳର ଅଲଣ୍ଡା ପଞ୍ଚାୟତର ୪ନମ୍ବର ବୁଥ୍‌ରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ପରିସ୍ଥିତି ଉଗ୍ରରୂପ ଧାରଣ କରିବାରୁ ଅଲଣ୍ଡା ଓ ତିଞ୍ଛିଣି ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ବୋମାମାଡ଼ ହୋଇଥିଲା। ଏଥିରେ ଉଭୟ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ଏପରି କି ଏହି ସମୟରେ ୮ନଂ. ବୁଥ୍‌ରୁ କେତେଜଣ ଦୁର୍ବୃତ୍ତ ବାଲଟ ବାକ୍ସ ଲୁଟି ନେଇଯିବାରୁ ମତଦାନ ବନ୍ଦ ରହିଛି। ବ୍ରହ୍ମଗିରି ☞ପୃଷ୍ଠା-୨

## ଆଇନଶୃଙ୍ଖଳା ବଜାୟ ରଖ

**ପୋଲିସ ଡିଜିଙ୍କୁ କମିଶନଙ୍କ ନିର୍ଦ୍ଦେଶ**

ବୁଧବାର ଭୋଟ ଗ୍ରହଣ ବେଳେ ରାଜ୍ୟର କେତେକ ସ୍ଥାନରେ ନିର୍ବାଚନୀ ହିଂସାକାଣ୍ଡ ଘଟିଛି। ଏହାକୁ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଗମ୍ଭୀରତାର ସହ ନେଇଛନ୍ତି। ପ୍ରଥମ ପର୍ଯ୍ୟାୟ ମତଦାନ ହିଂସା ଯେପରି ଆସନ୍ତା ୪ଟି ପର୍ଯ୍ୟାୟରେ ପୁନରାବୃତ୍ତି ନ ହେବ ସେ ନେଇ କମିଶନର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟ ଭୋଟ ଗ୍ରହଣ ସମୟରେ ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ କରିବା ସହ ନିର୍ବାଚନ ପରିଚାଳନାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ପୋଲିସ ମହାନିର୍ଦ୍ଦେଶକ (ଡିଜି)ଙ୍କୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

## ୭୦ % ମତଦାନ

**ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ୨୩ ସ୍ଥାନରେ ନିର୍ବାଚନ ବନ୍ଦ**

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ବୁଧବାର ଶେଷ ହୋଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ମୋଟ ୭୦ ପ୍ରତିଶତ ମତଦାନ ହୋଇଛି। ପଞ୍ଚାୟତ ଭୋଟ୍ ପାଇଁ ମତଦାତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଭୋଟ ଦେବା ପାଇଁ ବୁଥ୍ ଆଗରେ ଭୋଟରଙ୍କ ଲମ୍ବା ଲାଇନ ଲାଗିଥିଲା। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା। ଆରମ୍ଭରୁ ମତଦାନ ସାମାନ୍ୟ ଧିମା ହୋଇଥିବା ବେଳେ ସକାଳ ୯ଟା ପରଠାରୁ ଭୋଟ ଗ୍ରହଣ କେନ୍ଦ୍ର ନିକଟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମତଦାନ ଦିନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ତେବେ ଚଳିତ ନିର୍ବାଚନରେ ମତଦାନ ହାର ହ୍ରାସ ପାଇଛି। ୨୦୧୭ରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ୭୬.୬୫ ପ୍ରତିଶତ ଥିବାବେଳେ ଚଳିତ ଥର ୭୦ ପ୍ରତିଶତ ହୋଇଛି।

ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁଁ ପ୍ରଥମ ପର୍ଯ୍ୟାୟରେ ୨୩ଟି ସ୍ଥାନରେ ମତଦାନ ବନ୍ଦ ରହିଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ୨୩ଟି ସ୍ଥାନ ମଧ୍ୟରୁ ଗୋଟିଏ ଜିଲା ପରିଷଦ, ୬ ସରପଞ୍ଚ ପଦବୀ, ୩ ପଞ୍ଚାୟତ ସମିତି ସଭ୍ୟ, ୧୩ଟି ୱାର୍ଡମେମ୍ବର ପଦବୀରେ ନିର୍ବାଚନ ବନ୍ଦ ହୋଇଛି। ଆଉ ୪ ଟି ପର୍ଯ୍ୟାୟ ମତଦାନ ବାକିଥିବା ବେଳେ ଉକ୍ତ ସମୟ ମଧ୍ୟରେ ବନ୍ଦ ହୋଇଥିବା ସ୍ଥାନରେ ନିର୍ବାଚନ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୩୦ ଜିଲାର ୭୧ ବ୍ଲକର ୨୦୦ ଜିଲା ପରିଷଦ ଜୋନ୍‌ର ୧,୬୬୯ ଗ୍ରାମପଞ୍ଚାୟତରେ ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡମେମ୍ବର ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଛି। ୨୨ ହଜାର ୩୭୯ ବୁଥରେ ମୋଟ ୬୭.୫୧ଲକ୍ଷ ଭୋଟର ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ଭୋଟ୍ ଗ୍ରହଣ ସରିବା ପରେ ବାଲଟ୍ ବକ୍ସଗୁଡ଼ିକୁ ସିଲ୍ କରାଯାଇ କଡ଼ା ସୁରକ୍ଷା ମଧ୍ୟରେ ବ୍ଲକ୍ ହେଡ୍‌କ୍ୱାର୍ଟର୍ସର ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି।

## ସଞ୍ଜୀବ ଚଢା କୃଷି ବିଭାଗ ସ୍ୱତନ୍ତ୍ର ସଚିବ

- ଆଇଏଫ୍‌ଏସ୍, ଆଇଏଏସ୍ ସ୍ତରରେ ବଦଳି

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ରାଜ୍ୟ ସରକାର ଆଇଏଏସ୍ ଏବଂ ଆଇଏଫ୍‌ଏସ୍ ଅଫିସର ସ୍ତରରେ ଅଦଳ ବଦଳ କରିଛନ୍ତି। କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୧୯୮୯ ବ୍ୟାଚ ବରିଷ୍ଠ ଆଇଏଫ୍‌ଏସ୍ ଅଫିସର ସଞ୍ଜୀବ କୁମାର ଚଢ଼ାଙ୍କୁ କୃଷି ଓ କୃଷକ ଶସକ୍ତୀକରଣ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ତାଙ୍କୁ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଏବଂ ଓଏସ୍‌ଏମ୍ ବୋର୍ଡର ମେମ୍ବର ସେକ୍ରେଟାରୀ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୨୦୦୭ ବ୍ୟାଚ ଆଇଏଏସ୍ ଅଫିସର ଅରବିନ୍ଦ ଅଗ୍ରୱାଲଙ୍କୁ ସାମାଜିକ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଆବଣ୍ଟନରେ ଅସମାନତା






# ପରଲୋକରେ ଡିସ୍କୋ କିଙ୍ଗ୍



ବାପି ଲାହିରୀ (୧୯୫୨-୨୦୨୨)

ମୁମ୍ବାଇ, ୧୬।୨

ବଲିଉଡ୍‌ର ଡିସ୍କୋ କିଙ୍ଗ୍ ଭାବେ ପରିଚିତ ସଙ୍ଗୀତକାର ତଥା ଗାୟକ ବାପି ଲାହିରୀଙ୍କ ମଙ୍ଗଳବାର ରାତିରେ ପରଲୋକ ଘଟିଛି। ତାଙ୍କୁ ୬୯ ବର୍ଷ ହୋଇଥିଲା। ଦୀର୍ଘ ଦିନ ହେଲା ସେ ଅସୁସ୍ଥ ଥିଲେ। ମଙ୍ଗଳବାର ସେ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ମୁମ୍ବାଇର ଜୁହୁ ସ୍ଥିତ କ୍ରିଟି କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। 'ଅବ୍‌ଷ୍ଟ୍ରକ୍ଟିଭ୍ ସ୍ଲିପ୍ ଆପ୍‌ନିଆ' ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବଲିଉଡ୍‌ର ବହୁ ବିଶିଷ୍ଟ କଳାକାର ଶୋକ ବ୍ୟକ୍ତ କରିଛନ୍ତି। ଗୁରୁବାର ବାପି ଲାହିରୀଙ୍କ ପୁଅ ଆମେରିକାରୁ ଫେରିବା ପରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ତାଙ୍କ ସ୍ତ୍ରୀ ଚିତ୍ରାଣୀ ଲାହିରୀ, ଝିଅ ରିମା ଲାହିରୀ, ପୁଅ ବାପ୍ପା ଲାହିରୀ ଅଛନ୍ତି।

କ୍ରିଟି କେୟାର ହସ୍ପିଟାଲ ନିର୍ଦ୍ଦେଶକ ଡା. ଦୀପକ ନାମଜୋଶୀ କହିଛନ୍ତି, ବାପି ଲାହିରୀଙ୍କ ଫୁସ୍‌ଫୁସ୍‌ରେ ସଂକ୍ରମଣ ଏବଂ ଅବ୍‌ଷ୍ଟ୍ରକ୍ଟିଭ୍ ସ୍ଲିପ୍ ଆପ୍‌ନିଆ (ଶୋଇବା ବେଳେ ଶ୍ୱାସକ୍ରିୟାରେ ସମସ୍ୟା ଉପୁଜାଉଥିବା ଏକ ପ୍ରକାର ରୋଗ) ଯୋଗୁ ତାଙ୍କୁ ଗତ ଜାନୁୟାରୀରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୨୯ ଦିନ ଧରି ଚିକିତ୍ସା ମଧ୍ୟରେ ସେ ୧୮ ଦିନ ଆଇସିୟୁରେ ଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ତାଙ୍କୁ ଫେବୃୟାରୀ ୧୪ରେ ଡିସ୍‌ଚାର୍ଜ କରାଯାଇଥିଲା। ମାତ୍ର ଦେଢ଼ ଦିନ ପରେ ପୁଣି ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ହସ୍ପିଟାଲ ଅଣାଯାଇଥିଲେ ହେଁ ରାତି ପ୍ରାୟ ୧୧.୪୫ରେ ଦେହାନ୍ତ ଘଟିଥିଲା। ଗତ ବର୍ଷ ଏପ୍ରିଲରେ ସେ କୋଭିଡ୍‌ରେ ମଧ୍ୟ ସଂକ୍ରମିତ ହୋଇଥିଲେ। କରୋନାରୁ ଆରୋଗ୍ୟ ହେବା ପରଠାରୁ ସେ ଅସୁସ୍ଥ ଥିଲେ। ଜୁହୁସ୍ଥିତ ବାସଭବନରେ ତାଙ୍କ ପାଇଁ ହ୍ୱିଲ ଚେୟାର ଓ ଲିଫ୍ଟ ବ୍ୟବସ୍ଥା କରାଯାଇଥିଲା।

ବଲିଉଡ୍‌ରେ ଡିସ୍କୋ ସଙ୍ଗୀତକୁ ଲୋକପ୍ରିୟ କରାଇଥିବା ବାପି ଲାହିରୀ ୧୯୫୨ ନଭେମ୍ବର ୨୭ରେ ପଶ୍ଚିମବଙ୍ଗର ଜଲପାଇଗୁଡ଼ିର ଏକ ବ୍ରାହ୍ମଣ ବେଙ୍ଗଲୀ ☞ପୃଷ୍ଠା-୨

# ସ୍ୱାମୀଙ୍କୁ ଖୋଜିବାକୁ ଯାଇ ମହିଳା ନିଖୋଜ

**ମାଓବାଦୀଙ୍କ କବ୍‌ଜାରେ ମା' ଝିଅ**



ସ୍ୱାମୀ ଅଶୋକ ପାୱାର ଓ ଦୁଇ ଝିଅଙ୍କ ସହ ସୋନାଲି ପାୱାର।

ରାୟପୁର, ୧୬।୨

ମାଓବାଦୀଙ୍କ ଦ୍ୱାରା ଅପହୃତ ଇଞ୍ଜିନିୟର ସ୍ୱାମୀଙ୍କୁ ଖୋଜିବାକୁ ଯାଇ ମହିଳା ନିଖୋଜ ହୋଇଯାଇଛନ୍ତି। ଛତିଶଗଡ଼ ରାଜଧାନୀ ରାୟପୁରରେ ଘଟିଛି ଏହି ଘଟଣା। ଗତ ୧୧ ତାରିଖରେ ମାଓବାଦୀମାନେ କାର୍ଯ୍ୟରତ ଇଞ୍ଜିନିୟର ଅଶୋକ ପାୱାର ଏବଂ ସହକର୍ମୀ ଆନନ୍ଦ ଯାଦବଙ୍କୁ ଅପହରଣ କରି ନେଇଥିଲେ। ଏହାର ସୂଚନା ପାଇ ଅଶୋକଙ୍କ ସ୍ତ୍ରୀ ସୋନାଲି ପାୱାର ସ୍ୱାମୀଙ୍କୁ ମୁକ୍ତ କରିବା ଲାଗି ମାଓବାଦୀଙ୍କ ଉଦ୍ଦେଶ୍ୟରେ ଏକ ଭାବାବେଗ ଭରା ଭିଡିଓ ଜାରି କରିଥିଲେ। କିନ୍ତୁ ସ୍ୱାମୀଙ୍କୁ ମାଓବାଦୀ ନ ଛାଡ଼ିବା ପରେ ସୋନାଲି ନିଜେ ସ୍ୱାମୀଙ୍କୁ ଉଦ୍ଧାର କରିବା ପାଇଁ ଅଢେଇ ବର୍ଷର ଝିଅକୁ ସାଥିରେ ନେଇ ବାହାରିପଡ଼ିଥିଲେ ବିଜାପୁର-ନାରାୟଣପୁର ଜିଲା ଅନ୍ତର୍ଗତ ଅବୁଝମାଡ ଘଞ୍ଚ ଜଙ୍ଗଲ ମଧ୍ୟକୁ। ବିଜାପୁର ଜିଲା ଇନ୍ଦ୍ରାବତୀ ବ୍ରିଜ୍ ନିର୍ମାଣ କାର୍ଯ୍ୟ କରୁଥିବା ଏକ ଘରୋଇ ସଂସ୍ଥାରେ ଦୁହେଁ କାର୍ଯ୍ୟ କରୁଥିଲେ। ମାଓବାଦୀମାନେ ସେମାନଙ୍କର କୌଣସି କ୍ଷତି କରି ନ ଥିବା ଜଣାପଡ଼ିଛି। ମାଓବାଦୀ ମଙ୍ଗଳବାର ସନ୍ଧ୍ୟାରେ ଅଶୋକ ଓ ଆନନ୍ଦଙ୍କୁ ଛାଡିବା ବେଳେ ସେମାନଙ୍କୁ ୨-୨ ହଜାର ଟଙ୍କା ଦେଇଥିବା ପୋଲିସଙ୍କୁ କହିଛନ୍ତି ଆନନ୍ଦ। ବର୍ତ୍ତମାନ ବିଜାପୁର କୁଟରୁରେ ଦୁହିଁଙ୍କୁ ରଖାଯାଇଥିବା ସ୍ଥାନୀୟ ଏଏସ୍‌ପି ପଙ୍କଜ ଶୁକ୍ଳା କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସୋନାଲି ଓ ତାଙ୍କ ଝିଅଙ୍କ କୌଣସି ପତ୍ତା ମିଳୁ ନ ଥିବାବେଳେ ଖୁବ୍‌ଶୀଘ୍ର ସେ ସ୍ୱାମୀଙ୍କୁ ଭେଟିବା ପାଇଁ କୁଟରୁ ଆସିବେ ବୋଲି କହିଛନ୍ତି ପୋଲିସ ଅଧିକାରୀ। ସୋନାଲିଙ୍କର ଦୁଇ ଝିଅ ଥିବାବେଳେ ସାନ ଝିଅଙ୍କୁ ନେଇ ସେ ସ୍ୱାମୀଙ୍କୁ ଖୋଜିବା ପାଇଁ ଜଙ୍ଗଲକୁ ଯାଇଥିବାବେଳେ ବଡ ଝିଅ ତାଙ୍କ ପରିବାର ସହ ଅଛନ୍ତି।




**ଆଜିର ମନ୍ତବ୍ୟ**

ଏବେ ବି ୟୁକ୍ରେନ୍‌କୁ ରୁଷିଆ ପକ୍ଷରୁ ଟାର୍ଗେଟ ଆଶଙ୍କା ରହିଛି। ଆକ୍ରମଣ କଲେ ରୁଷିଆକୁ ମୁହଁତୋଡ଼ ଜବାବ ଦେବା ପାଇଁ ଆମେରିକା ପ୍ରସ୍ତୁତ।
**-ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି**


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡିଶା କଦଳୀ ଗଛ**
**ଅଣଚାଷ ବାଆ ଭାଙ୍ଗି ପକେଇଲା**
**ଭଣ୍ଡା ନବ କିଏ ଆସ ।**

କିଛି ବ୍ୟକ୍ତି ଆବଶ୍ୟକତାଠୁଁ ଅଧିକ କଞ୍ଜୁସ ସ୍ୱଭାବର ହୋଇଥାନ୍ତି। ଭଲରେ ମନ୍ଦରେ କାହାକୁ କିଛି ଦେଇ ନ ଥାନ୍ତି। ତେବେ ପରିସ୍ଥିତିରେ ପଡ଼ି ଦେବାର ଆବଶ୍ୟକତା ଦେଖାଦେଲେ ସେଥିରୁ କିଛି ଦେଇ ନିଜ ଦାତାପଣିଆ ଦେଖେଇ ହେବାରେ ହେଳା କରି ନ ଥାନ୍ତି। ନଷ୍ଟ ହୋଇଯାଉଥିବା ଜିନିଷରୁ କିଞ୍ଚିତ ଦାନକରି ଆତ୍ମସନ୍ତୋଷ ଲାଭ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବେଶି ତେଲ ଲୁଗାରେ ଯାଏ**
**ବେଶି ତେଲ ହଗାରେ ଯାଏ ।**

ଦେହରେ ବେଶି ତେଲ ମାଖୀ ହେଲେ ତାହା ପିନ୍ଧିଥିବା ବେଶ ପୋଷାକ ବା ବସନରେ ଲାଗିଯାଏ। ସେହିପରି ଖାଦ୍ୟରେ ତେଲର ମାତ୍ରା ଅଧିକ ହେଲେ ପେଟ ବା ସ୍ୱାସ୍ଥ୍ୟ ଖରାପ ହେବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ପ୍ରସବ ପାଇଁ ଲାଞ୍ଚ, ଡାକ୍ତର ଗିରଫ




ଚଢ଼ାଉ ହୋଇଥିବା ଘର ଏବଂ ଜବତ ଟଙ୍କା ।

**ନିମାପଡ଼ା(ଡିଏନ୍‌ଏ)/ଭୁବନେଶ୍ୱର, ୧୬।୨(ବ୍ୟୁରୋ)**

ପ୍ରସବ ପୂର୍ବରୁ ନେଇଥିଲେ ୫ହଜାର । ପରେ ଆଉ ୩ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଗଲେ ଡାକ୍ତର। ସେ ହେଲେ ପୁରୀ ଜିଲା ନିମାପଡ଼ା ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ସୁକାନ୍ତ ଜେନା। ବୁଧବାର ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଭିଜିଲାନ୍ସ ପକ୍ଷରୁ ତାଙ୍କ ନାମରେ ଏକ ମାମଲା (ନଂ.୪/୨୦୨୨) ରୁଜୁ କରାଯାଇ ତଦନ୍ତ ସହ ଚଢ଼ାଉ ଆରମ୍ଭ ହୋଇଛି। ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆରେ ଥିବା ତାଙ୍କ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ତାଙ୍କ ଘରୁ ନଗଦ ୧ କୋଟି ୧୨ ଲକ୍ଷ ଟଙ୍କା ଜବତ କରାଯାଇଛି। ନଗଦ ଟଙ୍କା ଜବତ ଘଟଣାରେ ଏହା ସର୍ବାଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସେ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହ କରାଯାଉଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାରୁ ତାଙ୍କ ସମ୍ପତ୍ତି ସମ୍ପର୍କରେ ଅଧିକ ସୂଚନା ଦିଆଯାଇ ନାହିଁ। ସୂଚନା ଅନୁଯାୟୀ, ପୁରୀ ଜିଲା କୋଣାର୍କ ଅଞ୍ଚଳର ପବିତ୍ର ଭୋଇ ତାଙ୍କ ସମ୍ପର୍କୀୟ ଭଉଣୀଙ୍କୁ ପ୍ରସବ ପାଇଁ ମଙ୍ଗଳବାର ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ତେବେ ଉକ୍ତ ବିଭାଗର ଡାକ୍ତର ସୁକାନ୍ତ ଜେନା ପ୍ରସବ ପାଇଁ ଟଙ୍କା ଦାବି କରିଥିଲେ। ପ୍ରସବ ପୂର୍ବରୁ ୫ ହଜାର ଓ ପରେ ୩ ହଜାର ଟଙ୍କା ନେବେ ବୋଲି କହିଥିଲେ। ଦାବି ଅନୁସାରେ ସୁକାନ୍ତଙ୍କୁ ପ୍ରଥମେ ସେ ୫ ହଜାର ଟଙ୍କା ଦେଇଥିଲେ। ଏଥିସହ ଘଟଣା ସମ୍ପର୍କରେ ସେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ, ପ୍ରସବ ପରେ ବୁଧବାର ଅପରାହ୍ନରେ ସୁକାନ୍ତ ଆଉ ୩ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

**ଯାଞ୍ଚବେଳେ ଘରୁ ମିଳିଲା ନଗଦ ୧.୧୨ କୋଟି**

- **ପୂର୍ବରୁ ନେଇଥିଲେ ୫ ହଜାର ଟଙ୍କା**
- **ଆଉ ୩ ହଜାର ନେବାବେଳେ ଧରାପଡ଼ିଲେ**
- **ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଜାରି**



ସୁକାନ୍ତ ଜେନା

# ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ, ୧୦ ଆହତ

**ବଡ଼ଆଙ୍କୋରେ ନିର୍ବାଚନୀ ହିଂସା**

**ଆଳି,୧୬।୨(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ବଡ଼ଆଙ୍କୋ ଗାଁରେ ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ରାତି ୯ ଟାରେ ହିଂସା ଘଟିଛି। ବଡ଼ଆଙ୍କୋ ଗାଁରେ ଦୁଇଗୋଷ୍ଠୀ ଭୋଟକୁ ନେଇ ମାରପିଟ ଘଟିବାରୁ ୧୦ ଜଣ ଆହତ ହୋଇଛନ୍ତି। ଥାନାରେ ସୁବ୍ରତ ସାହୁ ଅଭିଯୋଗ କରିଛନ୍ତି, ଗାଁର ସୁବ୍ରତ ତ୍ରିପାଠୀ, ସୁଶାନ୍ତ ବେହୁରା, ଅଜୟ ସାହୁ, ସହଦେବ ବେହୁରା, ଅବକାଶ ସେଠୀଙ୍କ ସମେତ ବଡ଼ଆଙ୍କୋ ହନୁମାନ ଛକରେ ବସି ଗାଁରେ ନିର୍ମାଣାଧୀନ ହନୁମାନ ମନ୍ଦିର ବିଷୟରେ ଆଲୋଚନ କରୁଥିଲେ। ଏହି ସମୟରେ ଗାଁର ସୁବାସ ମଲିକ, ରମେଶ ମଲିକ, ବାବାଜୀ ମଲିକଙ୍କ ସମେତ କେତେଜଣ ସେମାନଙ୍କୁ ବିଭିନ୍ନ ମରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପାଟିଶୁଣି ଗ୍ରାମବାସୀ ଆସିବାରୁ ସେମାନେ ଛାଡି ପଳାଇ ଯାଇଥିଲେ। ସେମାନଙ୍କ ଆକ୍ରମଣରେ ସୁବ୍ରତ, ସୁଶାନ୍ତ, ଅଜୟ, ସହଦେବ, ଅବକାଶ, ସୁବ୍ରତ ଆହତ ହୋଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷରେ ଉଷା ମଲ୍ଲିକ, ନିରଞ୍ଜନ ମଲିକ, ରମେଶ ପ୍ରମୁଖଙ୍କୁ ସଦେଇ ବେହେରା, କାଳିଆ, ଅଜୟ, ଟାଇଆ ପ୍ରମୁଖ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଛି। ଏହି ଘଟଣା ପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ପୋଲିସ ସନ୍ଦେହ କରୁଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଗାଁରେ ପୋଲିସ ମୁତୟନ କରାଯାଇଥିବା ଆଇଆଇସି ସଲୀଲ କୁମାର ପ୍ରଧାନ କହିଛନ୍ତି।

# ଭୋଟଦାନରୁ ବଞ୍ଚିତ ଭୋଟର- ପୋଲିସ ମୁହାଁମୁହିଁ

ଖୋର୍ଦ୍ଧା ଅଫିସ/ବୋଲଗଡ଼, ୧୬।୨ (ଡି.ଏନ୍.ଏ) : ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ବେଳେ ବୋଲଗଡ ବେଗୁନିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୋଲଗଡ ବ୍ଲକ ଅଧୀନ ବୋଲଗଡ ପଞ୍ଚାୟତର ବାମନ ଉଚ୍ଚବିଦ୍ୟାଳୟ ପରିସରରେ ହୋଇଥିବା ମତଦାନ କେନ୍ଦ୍ରରେ ନିର୍ବାଚନୀ ହିଂସାକାଣ୍ଡ ହୋଇଥିଲା। ଭୋଟ ଗ୍ରହଣ ସରିବା ପରେ ମତଦାନ କେନ୍ଦ୍ର ଭିତରେ ଜଣେ ଯୁବକଙ୍କ ଉପସ୍ଥିତିକୁ ନେଇ ବିଜେଡି କର୍ମୀମାନେ ସ୍ଥାନୀୟ ତହସିଲଦାରଙ୍କ ସହ ଯୁକ୍ତିତର୍କ କରିବା ସହିତ ସମ୍ପୃକ୍ତ ଯୁବକଙ୍କୁ ମାଡ଼ ମାରିବା ଦେଖିବାକୁ ମିଳିଥିଲା। ଘଟଣା ସ୍ଥଳରେ ବୋଲଗଡ ଥାନା ଅଧିକାରୀ ପହଞ୍ଚି ଗଣ୍ଡଗୋଳକାରୀଙ୍କୁ ସେଠାରୁ ଘଉଡାଇବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ସେହିପରି ଡାବରଧୁଆ ପଞ୍ଚାୟତର ଘୋରଡ଼ିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ମତଦାନ କେନ୍ଦ୍ରରେ ମଧ୍ୟ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଥିଲା। ବିଗତ ନିର୍ବାଚନରେ ମତଦାନ କରିଥିବା ପ୍ରାୟ ଦେଢ଼ଶହରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ଚଳିତ ପଞ୍ଚାୟତ ନିର୍ବାଚନରେ ଭୋଟର ତାଲିକାରୁ ନା କଟିବାକୁ ନେଇ ପ୍ରଶାସନକୁ ଦାୟୀ କରିଥିଲେ। ଏହାକୁ ନେଇ ମତଦାନରୁ ବଞ୍ଚିତ ହୋଇଥିବା ଭୋଟର ଓ ତହସିଲଦାରଙ୍କ ମଧ୍ୟରେ ଯୁକ୍ତିତର୍କ ମଧ୍ୟ ହୋଇଥିଲା। ଏଥିରେ ପୋଲିସ ଲୋକମାନଙ୍କୁ ବୁଝାଶୁଝା କରିବା ବେଳେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ପରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ବୁଝାଇବା ପରେମତଦାନ ପ୍ରକ୍ରିୟା ସରିବା ପରେ ସମସ୍ତ ବାଲଟ ବକ୍ସଗୁଡିକୁ ପୋଲିସ ଉପସ୍ଥିତିରେ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ପରିସରରେ ହୋଇଥିବା ଷ୍ଟ୍ରଙ୍ଗରୁମକୁ ପଠାଯାଇଥିଲା।

# ୩ ବୁଥ୍‌ରେ ଗଣ୍ଡଗୋଳ, ମତଦାନ ବନ୍ଦ

**କଣାସ,୧୬।୨(ସ୍ୱ.ପ୍ର)**

- **କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ, କ୍ୟାମେରା ଭଙ୍ଗାରୁଜା**
- **କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଆଗରେ ଧାରଣା**

କଣାସ ବ୍ଲକ ଅନ୍ତର୍ଗତ ୨୮ଟି ଗ୍ରାମପଞ୍ଚାୟତର ୩୫୯ଟି ମତଦାନ କେନ୍ଦ୍ରରେ ବୁଧବାର ଭୋଟ ଗ୍ରହଣ ହୋଇଛି। ୭୧ ପ୍ରତିଶତ ମତଦାନ ହୋଇଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଲୋଚନ ଦାସ ସୂଚନା ଦେଇଛନ୍ତି। ତେବେ ମତଦାନ ବେଳେ ବଡାଲ ପଞ୍ଚାୟତର ୫, ୭, ୮ ନମ୍ବର ବୁଥ୍‌ରେ ଗଣ୍ଡଗୋଳ ଘଟିଛି। ଏପରି କି, ଖବର ସଂଗ୍ରହ କରୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରାଯାଇଛି। ଏହି ଘଟଣା ପରେ ପ୍ରିଜାଇଡିଂ ଅଫିସରମାନେ ନିଜ ସୁରକ୍ଷା ଦୃଷ୍ଟିରୁ ଅଧାରୁ ଭୋଟ ବନ୍ଦ କରିଦେଇ ଚାଲିଯାଇଛନ୍ତି।

ସୂଚନା ଅନୁଯାୟୀ, ବଡାଲ ପଞ୍ଚାୟତର ୯ନମ୍ବର ବୁଥ୍ ଜବରଦଖଲ ପାଇଁ ଉଦ୍ୟମ କରାଯାଇଥିଲା। ଏହି ବୁଥ୍‌ରେ ଗୋଟିଏ ଦଳର ଏଜେଣ୍ଟଙ୍କୁ ଅନ୍ୟ ଦଳର ସମର୍ଥକ ପ୍ରାର୍ଥୀଙ୍କ ପକ୍ଷରୁ ଜୋରଜବରଦସ୍ତ ବାହାର କରିଦିଆଯାଇ ଫଲ୍ସ ଭୋଟ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ବିଶୃଙ୍ଖଳା ସମ୍ପର୍କରେ ସୂଚନା ପାଇ ସେଠାକୁ ଖବର ସଂଗ୍ରହ ଲାଗି ଯାଇଥିବା ଦୁଇଟି ବୈଦ୍ୟୁତିକ ଗଣମାଧ୍ୟମର ୪ଜଣ ଖବରଦାତାଙ୍କୁ ଆକ୍ରମଣ କରାଯିବା ସହ ସେମାନଙ୍କଠାରୁ ବୁମ୍, କ୍ୟାମେରା ପ୍ରଭୃତି ଛଡ଼ାଇ ଭାଙ୍ଗିଦିଆଯାଇଛି। ଆକ୍ରମଣର ଶିକାର ହୋଇଥିବା ଖବରଦାତାମାନେ ହେଲେ ସୁମନ୍ତ ସୁନ୍ଦରାୟ, ସରୋଜ ମଲ୍ଲିକ, ଭିଡିଓ ଜର୍ନାଲିଷ୍ଟ ଚେତନ ସ୍ୱାଇଁ ଓ ରବିଶଙ୍କର ତ୍ରିପାଠୀ। ଏହି ଘଟଣାକୁ ନିନ୍ଦା କରି ତଥା କାର୍ଯ୍ୟାନୁଷ୍ଠାନ ଦାବିରେ ସମସ୍ତ ଖବରଦାତା ଗଡ଼ିଶାଗୋଦା ଥାନା ଆଗରେ ଧାରଣା ଦେଇଥିଲେ। ଥାନା ଆଇଆଇସି ନାରାୟଣ ଚନ୍ଦ୍ର ଲେଙ୍କା ସେମାନଙ୍କ ଠାରୁ ଏତଲା ଗ୍ରହଣ କରିବା ସହ ଶୀଘ୍ର ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନେକ କେନ୍ଦ୍ରରେ ମତଦାନ ଚାଲିଥିଲା। କେତେକ କେନ୍ଦ୍ରରେ ଛାମୁଣ୍ଡିଆ ବ୍ୟବସ୍ଥା ହୋଇ ନ ଥିବାରୁ ଭୋଟରଙ୍କୁ ଖରାରେ ଧାଡ଼ିରେ ଠିଆହେବାକୁ ପଡ଼ିଥିଲା। ଭିନ୍ନକ୍ଷମଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିବାରୁ ଅନେକେ ମତଦାନ କେନ୍ଦ୍ରକୁ ଆସିପାରି ନ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ପ୍ରଥମ ପର୍ଯ୍ୟାୟରେ ...

ବ୍ଲକର କାଶିଝରିଆସ୍ଥିତ ସରକାରୀ ବାଳିକା ବିଦ୍ୟାଳୟରେ ହୋଇଥିବା ୯ନଂ ବୁଥ୍‌ରେ ଜଣେ ଦୁର୍ବୃତ୍ତ ଭୋଟର ଭାବେ ଆସି ବାଲଟ ବାକ୍ସକୁ ଉଠାଇନେଇ ଅନ୍ୟ ସାଥୀଙ୍କ ସହ ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲେ। ସେହିପରି କଣାସ ବ୍ଲକ ବଡାଲ ପଞ୍ଚାୟତର ୫, ୭, ଓ ୮ ନଂ. ବୁଥ୍‌ରେ ଗଣ୍ଡଗୋଳ ହୋଇଥିଲା। ଏପରି କି ସେଠାକୁ ଖବର ପରିବେଷଣ କରିବାକୁ ଯାଇଥିବା ନ୍ୟୁଜ୍ ୧୮ ଓ ନ୍ୟୁଜ୍ ୭ର ରିପୋର୍ଟର ସୁମନ୍ତ ସୁନ୍ଦରାଏ ଓ ସରୋଜ ମଲ୍ଲିକ ଏବଂ ଭିଡିଓ ଜର୍ନାଲିଷ୍ଟ ଚେତନ ସ୍ୱାଇଁ ଏବଂ ରବିଶଙ୍କର ତ୍ରିପାଠୀ ଆହତ ହୋଇଛନ୍ତି। ଯାଜପୁର ଜିଲାର ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ହିସାଂକାଣ୍ଡ ଘଟିଛି। ଯାଜପୁର ବ୍ଲକ ସୁଜନପୁର ପଞ୍ଚାୟତ ଦୁର୍ଗାପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ହୋଇଥିବା ୧ନଂ. ବୁଥ୍‌ରେ କେତେଜଣ ଦୁର୍ବୃତ୍ତ ପଶି ବାଲଟ ପେପର ଛଡ଼ାଇ ନେବା ସହ ଭୋଟ ଦେଇଥିଲେ। ରୁଦ୍ରପୁର ପଞ୍ଚାୟତର ୪, ୫ ଓ ୧୨ ନଂ. ବୁଥ୍ ଏବଂ ଏରବାଙ୍କର ୨ ନଂ. ବୁଥ୍‌ରେ କେତେଜଣ ପଶି ବାଲଟ ପେପର ଛଡ଼ାଇ ନେଇ ଭୋଟ ଦେଉଥିବାର ଭିଡିଓ ଭାଇରାଲ ହୋଇଛି। ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକରେ ଏକ ବୁଥ୍‌ରେ ପ୍ରିଜାଇଡିଂ ଅଫିସରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି।

### ପରଲୋକରେ ଡିସ୍କୋ ...

ପରିବାରରେ ଜନ୍ମଗ୍ରହଣ କରିଥିଲେ। ବାପା ଅପରେଶ ଲାହିରୀ ମା' ବାଂଶୁରି ଲାହିରୀ ବେଙ୍ଗଲୀ ଗାୟକ ଗାୟିକା ଥିଲେ। ଶାସ୍ତ୍ରୀୟ ଏବଂ ଶ୍ୟାମା ସଙ୍ଗୀତରେ ମଧ୍ୟ ସେମାନେ ବେଶ୍ ନିପୁଣ ଥିଲେ। ବାପି ଲାହିରୀ ସେମାନଙ୍କ ଏକମାତ୍ର ସନ୍ତାନ। ମାତ୍ର ୩ ବର୍ଷ ବୟସରେ ସେ ତବଲା ବଜାଉଥିଲେ। ୧୯ ବର୍ଷ ବୟସରେ ସେ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାମ କରିଥିଲେ। ୧୯୭୨ରେ ବଙ୍ଗାଳୀ ଫିଲ୍ମ 'ଦାଦୁ'ରେ ଗୀତ ଗାଇବା ଆରମ୍ଭ କରିବା ପରେ ସେ ୧୯୭୫ରେ ବଲିଉଡ୍‌ରେ 'ଜଖ୍‌ମୀ' ଫିଲ୍ମରେ ଜଣେ ପାର୍ଶ୍ୱ ଗାୟକ ଭାବେ ଡେବ୍ୟୁ କରିଥିଲେ। ଦୀର୍ଘ ୫୦ ବର୍ଷର କ୍ୟାରିୟର ମଧ୍ୟରେ ସେ ଦର୍ଶକଙ୍କୁ ଅନେକ ମନଛୁଆଁ ଗୀତ ଭେଟି ଦେଇଛନ୍ତି। ଆଇ ଆମ୍ ଏ ଡିସ୍କୋ ଡ୍ୟାନ୍ସର, ତାଥେୟା ତାଥେୟା ହୋ, ଏକ ଆଖେଁ ମାରେ ତୋ, ଦେ ଦେ ପ୍ୟାର ଦେ, ଆଜ୍ ରପଟ ଯାଏ ତେ, ତମା ତମା ଲୋଗେ ତମା, ପ୍ୟାର ହମାରା ଅମର ରହେଗା, ତୁନେ ମାରି ଏଣ୍ଟ୍ରି ଭଳି ଗୀତରେ ସେ କଣ୍ଠଦାନ କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ୨୦୨୦ରେ ବାଘି-୩ ଫିଲ୍ମରେ ସେ ଶେଷ ଥର ପାଇଁ 'ଭଙ୍କସ୍' ଗୀତ ଗାଇଥିଲେ। ସୁନା ଅଳଙ୍କାର ପ୍ରତି ତାଙ୍କର ପ୍ରବଳ ଦୁର୍ବଳତା ଥିଲା। ଅଧିକାଂଶ ସମୟରେ ଏକ ସନ୍‌ଗ୍ଲାସ୍ ସହ ସୁନା ଗହଣା ପିନ୍ଧିବା ବେଶରେ ଲୋକେ ତାଙ୍କୁ ଦେଖିବାକୁ ପାଉଥିଲେ। ସେ ଆମେରିକାର ରକ୍‌ଷ୍ଟାର ଏଲ୍‌ଭିସ୍ ପ୍ରେସ୍‌ଲିଙ୍କ ବଡ଼ ପ୍ରଶଂସକ ଥିଲେ। ଏଲ୍‌ଭିସ୍‌ଙ୍କ ମଧ୍ୟ ସୁନା ସଉକ ଥିବାରୁ ବାପି ଲାହିରୀ ତାଙ୍କୁ ଅନୁକରଣ କରୁଥିଲେ। ସବୁବେଳେ ସୁନା ଆଭୂଷଣ ପିନ୍ଧୁଥିବାରୁ ତାଙ୍କୁ ଅନେକେ ଭାରତର 'ଗୋଲ୍ଡ ମ୍ୟାନ' ଆଖ୍ୟା ଦେଇଥିଲେ। ବାପି ଲାହିରୀ ଓଡ଼ିଆ ସିନେମା 'ମିଛ ମାୟା ସଂସାର'ରେ ମଧ୍ୟ କଣ୍ଠଦାନ କରିଛନ୍ତି।

### ସଞ୍ଜୀବ ଚଢା କୃଷି ...

କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯିବା ସହ ସେ ମହିଳା ବିକାଶ ସମବାୟ ନିଗମର ପରିଚାଳନା ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ୨୦୧୩ ବ୍ୟାଚ ଆଇଏଏସ୍ ଅଫିସର ଶୁଭମ ସାକ୍ସେନାଙ୍କୁ ଲଘୁ ଖଣିଜ ସମ୍ପଦ, ରାଜସ୍ୱ ଓ ପରିଚାଳନା ବିଭାଗ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଏଥିସହିତ ସେ କୃଷି ଓ କୃଷକ ଶସକ୍ତିକରଣ ବିଭାଗ ଯୁଗ୍ମ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି ସାମାନ୍ୟ କଥାରେ ପାରିବାରିକ କଳହ କାରଣରୁ ମାନସିକ ଅସ୍ଥିରତା ଲାଗିରହିବ। ଘରର କେତେକ ଅଟକି ରହିଯାଇଥିବା କାମକୁ ଯଥାଶୀଘ୍ର ଶେଷ କରିବା ସକାଶେ ଚିନ୍ତା କରିପାରନ୍ତି। ବ୍ୟବସାୟରେ, କିଣାବିକା କ୍ଷେତ୍ରରେ ସାବଧାନ ରୁହନ୍ତୁ, ନଚେତ୍ ଠକାମିରେ ପଡ଼ିପାରନ୍ତି। ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**: ପରିବାରର ବିଭିନ୍ନ ବ୍ୟୟ ଭରଣା କରିବା ସକାଶେ ବ୍ୟସ୍ତତା ବଢ଼ିଯାଇପାରେ। ପରିସ୍ଥିତିରେ ପଡ଼ି ଅର୍ଥ ସାହାଯ୍ୟ ପାଇଁ ବନ୍ଧୁଙ୍କ ଦ୍ୱାରସ୍ଥ ହେବେ। ଅଫିସରେ କାମର ଚାପ ବଢ଼ିବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ମିଥୁନ**: ଆକସ୍ମିକ ଭାବରେ ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ଅବଶ୍ୟ ଘରକାମରେ କିମ୍ବା ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିପାରନ୍ତି। ଅଫିସ କାମରେ ସହକର୍ମୀଙ୍କ ସହ ଫଳପ୍ରଦ ଆଲୋଚନାରୁ ସନ୍ତୋଷ ପାଇବେ। କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**କର୍କଟ**: ଭାବପ୍ରବଣତାରୁ ଅଧିକାଂଶ ସମୟ ତର୍କବିତର୍କ କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ଲାଗିରହିବ। ଅଶ୍ଳେଷା ନକ୍ଷତ୍ରର ନିଜ ପରିସରରେ କିମ୍ବା ଅଫିସରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମ ତଥା ବନ୍ଧୁମିଳନରୁ ଖୁସି ରହିବେ।

**ସିଂହ**: ପରିସ୍ଥିତିରେ ପଡି ନିକଟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ ହୋଇପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ ପ୍ରକାରର କୌଶଳ ଅବଲମ୍ବନ କରିବାକୁ ପଡିପାରେ। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। କେତେକ କ୍ଷେତ୍ରରେ ସ୍ନାୟବିକ ଦୁର୍ବଳତା ବିସ୍ମରଣର କାରଣ ହେବ।

**କନ୍ୟା**: ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବା କାରଣରୁ ଭାବପ୍ରବଣତା ସୃଷ୍ଟି ହେବ। ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା**: ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ କିଛିଟା ସମସ୍ୟା ମଧ୍ୟରେ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚୁବା ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ସ୍ୱାତୀ ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା**: ଖୁସି ମନରେ କାମ କରିବେ ଓ ଯାହା ଚିନ୍ତା କରିଥିବେ କାର୍ଯ୍ୟରେ ପରିଣତ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଆର୍ଥିକ ସମସ୍ୟା ଦୂର ହୋଇଯିବ। ଈର୍ଷାପରାୟଣତା କିମ୍ବା କଠୋର ବାକ୍ୟାଳାପ କାରଣରୁ ନିଜଲୋକଙ୍କଠାରୁ ଆସ୍ଥା ହରାଇବେ। କଳା, ସାହିତ୍ୟ, ସଙ୍ଗୀତ ତଥା କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**: ବିଭିନ୍ନ ସମସ୍ୟା ବିଜଡିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେବ। ଆଜି କାମଗୁଡିକ ସହଜ କିମ୍ବା ସୁବିଧାରେ ହେବ ନାହିଁ କି ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ବନ୍ଧୁଙ୍କ ଜରିଆରେ ବାକି ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିପାରନ୍ତି।

**ମକର**: ସତର୍କତାର ସହ କାମ କରନ୍ତୁ। ବ୍ୟତିକ୍ରମ କଲେ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରି ବସିବେ। ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଇଚ୍ଛା ନ ଥାଇ ମଧ୍ୟ ବନ୍ଧୁଦ୍ୱାରକୁ ଯିବାକୁ ପଡ଼ିପାରେ। ଆର୍ଥିକ ଅଭିବୃଦ୍ଧି ଚେଷ୍ଟା କରି ସଫଳ ହେବେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବା ସାଙ୍ଗକୁ ଦୂରଯାତ୍ରାର ମଧ୍ୟ ସୁଯୋଗ ପାଇବେ।

**କୁମ୍ଭ**: ସକାଳୁ ସକାଳୁ ଭ୍ରମଣ ସକାଶେ ମନ ବଳାଇବେ ଓ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଦୀର୍ଘ ସମୟରୁ ପ୍ରତୀକ୍ଷା କରି ପରିଶେଷରେ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ବହୁତ ଦିନରୁ ରହିଯାଇଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ।

**ମୀନ**: କର୍ମକ୍ଷେତ୍ରରେ ସଫଳତା ଅବଶ୍ୟ ପାଇବେ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଯେକୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ ।


# classifieds

**Everyday**
**0674-2580101, 2549302**




**SALE**

Gharabari plot, Gohriachhaka, 200m from NH and investment gharabari plot Sundarpada and KEC Gudiapokhari for sale. 9777345831.
D-71017

ଭୁବନେଶ୍ୱର ଖୋର୍ଦ୍ଧା ମଧ୍ୟରେ ପିତାପଲ୍ଲୀ ଛକ **NH-16**କୁ ଲାଗି ଘରବାରି, **boundary, electrification** ଥାଇ ସୁଲଭ ମୂଲ୍ୟରେ ଜାଗା ବିକ୍ରିହେଉଛି। **9777342153.**
**D-71795**

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ପିତାପଲ୍ଲୀରେ ଘରବାଡ଼ି ପ୍ଲଟ୍ 12,50,000/- କିଣି ଆଜି ଘର କରନ୍ତୁ - 9938016295. D-71791

ଭୁବନେଶ୍ୱର ବାଲିଅନ୍ତା-**1100/-**, ସୁନ୍ଦରପଦା- **750/-**, ତମାଣ୍ଡୋ- **1200/-, Limited plot (Bank finance available). 9776846520.** **D-71794**

**ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ yellowzone sqft.- 550/-, ଚନ୍ଦକା NH ପାଖରେ ଘରବାଡ଼ି ପ୍ଲଟ୍ sqft.- 1100/-, ବାରଙ୍ଗରୁ ତ୍ରିଶୂଳିଆ NH ପାଖରେ sqft.- 1300/-. 7539895510.**
**D-71780**




Semi Furnished Office space available for rent at Goutam Nagar, Bhubaneswar. 9337117523. D-71338




**Relax, refresh your body, mind at Lotus SPA with best therapies. 8018891951.**
**D-71863**

Refreshing your mind and body with the best therapy, 7873794731.
D-23024

**Relax, Refresh your body, Mind at SAIKRUPA Spa with best therapies. 8984068077.** **D-23068**

Take wellness relax body massage by experienced lady therapist. 7008773793.
D-71473

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Newly opening SPA positively health benefits with expert therapist. 8917332216.
D-71946

**AFFIDAVIT**

By an affidavit sworn before the Executive Magistrate, Bhubaneswar No.- dated 10.02.2022 C.F. on 09 that Jayasri Nanda, W/o- Late Basanta Kumar Nanda and Jayashree Satpathy, W/o- Late Basanta Kumar Nanda and D/o- Late Dukhishyam Satpathy is the one and same person. My permanent address- At- Kushmbi, PO.- Sungra, Via- Salipur, Dist.- Cuttack and present address- S-2-34, P.O.- Niladrivihar, Chandrasekharpur, Sailashreevihar, Bhubaneswar. That there after I have changed my surname Nanda to Satpathy. Henceforth my new name will be Jayashree Satpathy for all official records.
D- 23178

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଗୁରୁବାର, ୧୭ ଫେବୃୟାରୀ, ୨୦୨୨

> ମଣିଷର ସ୍ୱର୍ଗାରୋହଣ ନୁହେଁ- ବରଂ ତା'ର ଆତ୍ମା ମଧ୍ୟକୁ ଆରୋହଣ ଏବଂ ଆତ୍ମାରୁ ସ୍ୱାଭାବିକ ମାନବିକତା ଭିତରକୁ ଅବତରଣ ଓ ପାର୍ଥିବ ପ୍ରକୃତିର ରୂପାନ୍ତର ହିଁ ପ୍ରକୃତ ଚାବିକାଠି। କାରଣ ତାହା ହିଁ ମଣିଷ ପାଇଁ ପ୍ରକୃତ ପୁନର୍ଜନ୍ମ। -ଶ୍ରୀଅରବିନ୍ଦ



# ଆବଣ୍ଟନରେ ଅସମାନତା



ଜୟତି ଘୋଷ

ବିଶ୍ୱର ବିକଶିତ ଅର୍ଥବ୍ୟବସ୍ଥାଗୁଡ଼ିକରେ ମୁଦ୍ରାସ୍ଫୀତି ବୃଦ୍ଧି ପାଉଛି। ଏହା କମ୍ ଦିନ ରହିବା ସମ୍ଭାବନା ଥିଲେ ମଧ୍ୟ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ସୁଧାରରେ ପ୍ରତିବନ୍ଧକ ଆଣୁଥିବା ଉକ୍ତ ପ୍ରସଙ୍ଗ ଉପରେ ଅଧିକ ଚର୍ଚ୍ଚା ହେଉନାହିଁ। ଅପରପକ୍ଷେ ଏହିସବୁ ଧନୀ ଦେଶ ଓ ଅବଶିଷ୍ଟ ବିଶ୍ୱ ମଧ୍ୟରେ ଅତ୍ୟଧିକ ଅସମାନତା ବୃଦ୍ଧି ପାଉଛି। କିନ୍ତୁ ଚାଇନାରେ ଏମାନଙ୍କ ଠାରୁ ଭିନ୍ନ। ବିଶ୍ୱସ୍ତରରେ ଚାହିଦା ବୃଦ୍ଧି ନ କରିବା ଦ୍ୱାରା ଏହିସବୁ ଅସମାନତା ଗରିବ ଦେଶଗୁଡ଼ିକର ଅର୍ଥ ବ୍ୟବସ୍ଥାକୁ ମାନ୍ଦା କରି ରଖିଛି। ଏଭଳି ଅସମାନତା ଲାଗି ରହିଲେ ତାହା ଧନୀ ଦେଶଗୁଡ଼ିକରେ ନିବେଶକଙ୍କୁ ବି ପ୍ରଭାବିତ କରିବ। ଏବେ ଟେକ୍ନୋଲୋଜି ଏବଂ ବୃହତ୍ କମ୍ପାନୀଗୁଡ଼ିକର ଆର୍ଥିକ ସୁଧାର ଶୀଘ୍ର ହେଉଥିବାବେଳେ କ୍ଷୁଦ୍ର ବ୍ୟବସାୟ ଏବଂ ଶିଳ୍ପଗୁଡ଼ିକ ବେଶୀ ପ୍ରଭାବିତ ହେଉଛନ୍ତି। ଧନୀ ଏବଂ ଅନ୍ୟ ବିକାଶଶୀଳ ଓ ଗରିବ ଦେଶଗୁଡ଼ିକ ମଧ୍ୟରେ ବିତ୍ତୀୟ କାର୍ଯ୍ୟକଳାପରେ ରହିଥିବା ଅତ୍ୟଧିକ ପ୍ରଭେଦ ଯୋଗୁ ଏହା ଘଟୁଛି। କୋଭିଡ୍-୧୯ ମହାମାରୀ ଯୋଗୁ ସବୁଠି ରାଜସ୍ୱ ସଂଗ୍ରହ ହ୍ରାସ ପାଇଥିଲେ ବି ଏପ୍ରିଲ ୨୦୨୧ରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍)ର ଆକଳନ ଅନୁଯାୟୀ, ୨୦୨୦ରେ ବିକଶିତ ଦେଶ ବା ଅର୍ଥ ବ୍ୟବସ୍ଥାଗୁଡ଼ିକ ସେମାନଙ୍କ ସାର୍ବଜନୀନ ବ୍ୟୟ ମହାମାରୀ ପୂର୍ବ ଜିଡିପିର ୬%ରୁ ଅଧିକ ବୃଦ୍ଧି କରିପାରିଥିଲେ। ବିକାଶଶୀଳ ଦେଶଗୁଡ଼ିକ ହାରାହାରି ୧%ରୁ ଅଧିକ ବ୍ୟୟ କରିଥିଲେ ଏବଂ ଗରିବ ଦେଶଗୁଡ଼ିକ ବହୁତ କମ୍ ବ୍ୟୟ କରିଛନ୍ତି।

ଅକ୍ଟୋବର ୨୦୨୧ ସୁଦ୍ଧା, ଏପରି କି କୋଭିଡ୍-୧୯ର ପୁନଃ ଲହର ଆର୍ଥିକ ସମସ୍ୟା ସୃଷ୍ଟି କରିଥିଲା । ଅନେକ ମଧ୍ୟମ ଏବଂ ନିମ୍ନ ଆୟବର୍ଗର ଦେଶରେ ବିତ୍ତୀୟ ନିଅଣ୍ଟ ବୃଦ୍ଧି ସେମାନଙ୍କ ଆର୍ଥିକ ଦୃଷ୍ଟିକୋଣକୁ ନଷ୍ଟ କରିବା ସହ ପୋଷଣା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅତ୍ୟାବଶ୍ୟକ ସାର୍ବଜନୀନ ବ୍ୟୟରେ ବାଧା ସୃଷ୍ଟି କରିଥିଲା। ତେବେ ବିଶ୍ୱର ଏକ ଅସ୍ୱଷ୍ଟ ବିତ୍ତୀୟ ପରିବେଶରେ ବିକାଶଶୀଳ ଦେଶଗୁଡ଼ିକ ପାଇଁ ଆଇଏମ୍ଏଫ୍ ଆଶା ସଞ୍ଚାର କରିଛି। ଅଗଷ୍ଟ ୨୦୨୧ରେ ଆଇଏମ୍ଏଫ୍ ସ୍ପେଶିଆଲ ଡ୍ରଇଂ ରାଇଟ୍ସରେ (ଏସ୍‌ଡିଆର୍, ଆଇଏମ୍ଏଫ୍‌ର ସଞ୍ଚିତ ରାଶି) ନୂଆ କରି ୬୫୦ ବିଲିୟନ ଡଲାର ଆବଣ୍ଟନ କରିଥିଲା। ଦୁର୍ଭାଗ୍ୟବଶତଃ, ଆଇଏମ୍ଏଫ୍‌ର କୋଟାରେ ଦେଶଗୁଡ଼ିକୁ ଏହି ଟଙ୍କା ବଣ୍ଟନ କରାଯାଇଛି, ଯେଉଁମାନେ ସେମାନଙ୍କ ଜିଡିପି ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାଆନ୍ତି। ଧନୀ ଦେଶଗୁଡ଼ିକ ପାଖାପାଖି ୪୦୦ ବିଲିୟନ ଡଲାର ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହାକୁ ଉପଯୋଗ ନ କରିବାର ସମ୍ଭାବନା ରହିଛି। ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକୁ ପାଖାପାଖି ୨୫୦ ବିଲିୟନ ଡଲାର ଦିଆଯାଇଛି। ମୁଖ୍ୟତଃ, ଦେଶଗୁଡ଼ିକ ମଧ୍ୟରେ ବ୍ୟାପକ ଅସମାନତା ରହିଥିବାବେଳେ ଗରିବ ଦେଶଗୁଡ଼ିକ ଦରକାର କରୁଥିବା ପାଣ୍ଠିର ଆବଶ୍ୟକତାକୁ ଲକ୍ଷ୍ୟ କଲେ ଉକ୍ତ ଏସ୍‌ଡିଆର୍ ଆବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ ପୁରୁଣା ଏବଂ ନ୍ୟାୟସଙ୍ଗତ ନୁହେଁ ବୋଲି କୁହାଯାଇପାରେ। ବାଲାନ୍ସ ଅଫ୍ ପେମେଣ୍ଟ (ବିପିଓ) ସମସ୍ୟାକୁ ସାମ୍ନା କରୁଥିବା ବହୁ ବିକାଶଶୀଳ ଦେଶ ପାଇଁ ଏସ୍‌ଡିଆର୍ ଆବଣ୍ଟନ ଜୀବନରେଖା ଥିଲା ଏବଂ ଏହା ଆର୍ଥିକ ବ୍ୟବସ୍ଥାକୁ କିପରି ତଳକୁ ନ ଖସିବ ସେଥିରେ ସାହାଯ୍ୟ କରୁଥିଲା। ଅଗଷ୍ଟ ଠାରୁ ଅତି କମ୍‌ରେ ୮୦ଟି ଦେଶ ବିଭିନ୍ନ ଉଦ୍ଦେଶ୍ୟରେ ଏସ୍‌ଡିଆର ପାଣ୍ଠି ଉପଯୋଗ କରିଛନ୍ତି। ୩୨ଟି ଦେଶ ତାହାକୁ ସେମାନଙ୍କ ମୁଦ୍ରା ପାଇଁ ଏକ୍ସଚେଞ୍ଜ କରିଛନ୍ତି। ୫୫ ଦେଶ ଆଇଏମ୍ଏଫ୍‌ର ବକେୟା ଦେବାରେ ବ୍ୟୟ କରିଛନ୍ତି ଏବଂ ୩୯ ଦେଶ ସମ୍ଭବତଃ ସ୍ୱାସ୍ଥ୍ୟ ସେବା ଓ ଅନ୍ୟ ଯୋଜନାରେ ଖର୍ଚ୍ଚ କରିବା ଲାଗି ତାହାକୁ ସରକାରୀ ବଜେଟରେ ସାମିଲ କରିଛନ୍ତି।

ଅନ୍ୟ ସବୁ ଅନ୍ତର୍ଜାତୀୟ ଫାଇନାନ୍ସିଂ ଅପେକ୍ଷା ଏସ୍‌ଡିଆର୍ ବହୁ ଲାଭଦାୟକ। ବାହ୍ୟ ଋଣ କଥା ବିଚାରକୁ ନ ନେଇ ବିନା ସର୍ତ୍ତରେ ପାଣ୍ଠି ଯୋଗାଇଦିଏ। ଏପରିକି ବିପିଓ ଚାପର ସମ୍ମୁଖୀନ ହେବାର ସମ୍ଭାବନା ରହିଥିବା, ମଲ୍‌ଟିଲାଟରାଲ ଫଣ୍ଡିଂ ପାଇ ନ ଥିବା ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକ ସମେତ ସମସ୍ତ ଦେଶକୁ ଏସଡିଆର୍ ମିଳୁଛି। ଏବକାର ସୁଧ ହାର ୦.୧ ପ୍ରତିଶତରୁ କମ୍ ରହିଛି। ଜରୁରୀ ପାଣ୍ଠି ଆବଶ୍ୟକ କରୁଥିବା ଦେଶଗୁଡ଼ିକୁ ଅର୍ଥ ଯୋଗାଇ ଦେବାରେ ଏହା ଏକ ସହଜ ଉପାୟ। ଏଥିପାଇଁ ଅନେକ ନେତା ଲଗାତର ଅଧିକ ଏସ୍‌ଡିଆର୍ ପାଣ୍ଠି ଚାହିଁଆସନ୍ତି। ଉଦାହରଣ ସ୍ୱରୂପ, ୨୦୨୧ ନଭେମ୍ବରରେ ଗ୍ଲାସ୍‌ଗୋରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍୨୬)ରେ ବାର୍ବାଡସ୍‌ର ପ୍ରଧାନମନ୍ତ୍ରୀ ମିଆ ଅମୋର ମୋଟଲେ ଜଳବାୟୁ କାର୍ଯ୍ୟକ୍ରମ ଲାଗି ଏସ୍‌ଡିଆର୍‌ରେ ବାର୍ଷିକ ୫୦୦ ବିଲିୟନ ଡଲାର ୨୦ ବର୍ଷ ପାଇଁ ଯୋଗାଇ ଦେବାକୁ ଦାବି କରିଥିଲେ। ୨୦୦୯ କପ୍୧୫ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଧନୀ ଦେଶଗୁଡ଼ିକ ବିକାଶଶୀଳ ଦେଶଗୁଡ଼ିକୁ ବାର୍ଷିକ ୧୦୦ ବିଲିୟନ ଡଲାର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଯେହେତୁ ସେମାନେ ଏହା ପୂରଣ କରିନାହାନ୍ତି ସେଥିପାଇଁ ନିୟମିତ ଏସ୍‌ଡିଆର ସେହିସବୁ ଦେଶକୁ ପାଣ୍ଠି ଯୋଗାଇ ଦେଇ ଜଳବାୟୁ ପ୍ରଭାବ କମାଇବାରେ ସାହାଯ୍ୟ କରିବ । ଏସ୍‌ଡିଆର୍ ଶତତ ବିକାଶ ଲକ୍ଷ୍ୟ ହାସଲ କରିବା ଲାଗି ଆବଶ୍ୟକ ପାଣ୍ଠି ମଧ୍ୟ ଯୋଗାଇ ଦେବ।

ବାର୍ଷିକ ଏସ୍‌ଡିଆର ଆବଣ୍ଟନର ଆର୍ଥିକ ପରିଣାମ ସମ୍ପର୍କରେ ଯେଉଁମାନେ ଚିନ୍ତିତ, ସେମାନେ ମନେ ରଖିବା ଉଚିତ ଯେ, ପ୍ରସ୍ତାବିତ ରାଶି ୨୦୦୮ ବୈଶ୍ୱିକ ଆର୍ଥିକ ସଙ୍କଟ ପରଠାରୁ ଧନୀ ଦେଶଗୁଡ଼ିକରେ କୋହଳ ଆର୍ଥିକ ନୀତିଗୁଡ଼ିକ ଦ୍ୱାରା ଲିକ୍ୱିଡିଟିରେ ବୃଦ୍ଧି ପାଇଥିବା ୨୫ ଟ୍ରିଲିୟନ ଡଲାର ତୁଳନାରେ ଖୁବ୍ ନଗଣ୍ୟ। ଏବେ ଏସ୍‌ଡିଆର ପରିମାଣ ୯୪୩ ବିଲିୟନ ଡଲାର। ଏହା ଗ୍ଲୋବାଲ ରିଜର୍ଭ ବା ବିଶ୍ୱରେ ବିଭିନ୍ନ ବ୍ୟାଙ୍କରେ ସଞ୍ଚିତ ମୋଟ ୧୨.୮ ଟ୍ରିଲିୟନ ଡଲାରର ୭ ପ୍ରତିଶତ। ଏପରି କି ଗ୍ଲୋବାଲ୍ ରିଜର୍ଭରେ ଏସ୍‌ଡିଆର୍‌ର ଶେୟାର ୩୦-୫୦ ପ୍ରତିଶତ। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ, ଏଥିରେ ଅଧିକ ପାଣ୍ଠି ଯୋଗାଇ ଦେବାରେ ସୁବିଧା ରହିଛି।

ଏସ୍‌ଡିଆର ଆବଣ୍ଟନରେ ଧନୀ ଦେଶଗୁଡ଼ିକ ପାଇଥିବା ୪୦୦ ବିଲିୟନ ଡଲାର କିଭଳି ଉପଯୋଗ କରିବେ ତାହା ହିଁ ମୁଖ୍ୟ ପ୍ରଶ୍ନ। ବାସ୍ତବରେ ସେମାନଙ୍କର ଏହା ଆବଶ୍ୟକ ନୁହେଁ। ତେବେ କେତେକ ଅତି ଧନୀ ଦେଶ ୧୦୦ ବିଲିୟନ ଡଲାର ଏସ୍‌ଡିଆର୍‌ରେ ପୁନଃ ଆବଣ୍ଟନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାବତ୍ ତାହା ପୂରଣ ହୋଇନାହିଁ। ଫଳରେ ଏବେ ଥିବା ଏସ୍‌ଡିଆର୍ କିପରି ରିସାଇକ୍ଲିଂ କରାଯିବ ତାହା ହିଁ ପ୍ରଶ୍ନ। ଏହାକୁ ଲକ୍ଷ୍ୟ କରି ୫୦ ବିଲିୟନ ଡଲାରର ଏକ ' ସମର୍ଥ ଏବଂ ସ୍ଥାୟୀ ଟ୍ରଷ୍ଟ' ଗଠନ କରିବାକୁ ଆଇଏମ୍ଏଫ୍ ପ୍ରସ୍ତାବ ରଖିଛି। ଏହାଦ୍ୱାରା ଏସ୍‌ଡିଆର୍‌ର ଲାଭରୁ ବହୁ ବିକାଶଶୀଳ ଦେଶ ବଞ୍ଚିତ ହେବେ। ପ୍ରଥମେ ଏହାର ପରିମାଣ ବହୁତ କମ୍। ଚିନ୍ତାର ବିଷୟ ହେଉଛି, ସଂସାଧନଗୁଡ଼ିକ ଋଣ ଆକାରରେ ଯୋଗାଇ ଦିଆଯିବ, ଯାହାକୁ କମ୍ ସୁଧରେ ଫେରାଇବାକୁ ପଡ଼ିବ। ଏହି ଟଙ୍କା ବିକାଶଶୀଳ ଦେଶଗୁଡ଼ିକ ବଦଳରେ କେବଳ ନିମ୍ନ ଆୟ ବର୍ଗର ଦେଶ କିମ୍ବା ଏବେ ଆଇଏମ୍ଏଫ୍ କାର୍ଯ୍ୟକ୍ରମରେ ସାମିଲ ଦେଶଗୁଡ଼ିକୁ ମିଳିବ। ଅନ୍ୟ ଅର୍ଥରେ କହିବାକୁ ଗଲେ ଆଇଏମ୍ଏଫ୍‌ର ପ୍ରସ୍ତାବିତ ଯୋଜନା ପୂର୍ବଭଳି ଏକ ବିଜ୍‌ନେସ। ଏହା ସୂଚିତ କରୁଛି ଯେ, ଏହାର ସକାରାତ୍ମକ ପ୍ରଭାବ କମ୍ ରହିବ।

ଅନ୍ୟ ପ୍ରସ୍ତାବଗୁଡ଼ିକ ଅଧିକ ଆଶାଜନକ। ଧନୀ ଦେଶଗୁଡ଼ିକ ସେମାନଙ୍କ ଏସ୍‌ଡିଆରକୁ ରିଜିଓନାଲ ଡେଭଲପ୍‌ମେଣ୍ଟ ବ୍ୟାଙ୍କଗୁଡ଼ିକୁ ଦେଇପାରିବେ ଏବଂ ସେମାନଙ୍କୁ ଏହା ରଖିବାର ଅଧିକାର ଦିଆଯାଇଛି। ଆଫ୍ରିକାନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଭଳି ସଂସ୍ଥାଗୁଡ଼ିକ ସେମାନଙ୍କ ପୁଞ୍ଜି ବଢ଼ାଇବାକୁ ଉପଯୋଗ କରିପାରିବେ ଏବଂ ଏସ୍‌ଡିଆର୍‌ର ଲକ୍ଷ୍ୟ ପୂରଣ ପାଇଁ ବିକାଶଶୀଳ ଦେଶଗୁଡ଼ିକୁ କାର୍ବନ ନିର୍ଗମନ କମାଇବା ଏବଂ ବଜେଟରେ ସାହାଯ୍ୟ କରିବା ଲାଗି ଅଧିକ ପାଣ୍ଠି ଯୋଗାଇ ପାରିବେ। ଅର୍ଥନୀତିଜ୍ଞ ଅବିନାଶ ପରସୌଦ ପ୍ରତିବର୍ଷ ଏକ ୫୦୦ ବିଲିୟନ ଡଲାର କ୍ଲାଇମେଟ ଫାଇନାନ୍ସ ଟ୍ରଷ୍ଟ ଗଠନ କରିବାକୁ ପ୍ରସ୍ତାବ ଦେଇଛନ୍ତି, ଯାହାକୁ ଏସ୍‌ଡିଆର ପାଣ୍ଠି ଯୋଗାଇବ। ଯେଉଁ ଦେଶଗୁଡ଼ିକ ପ୍ରସ୍ତାବିତ ନିବେଶ ଦ୍ୱାରା ଅଧିକ ସବୁଜଗ୍ୟାସ ନିର୍ଗମନ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେବେ ଟ୍ରଷ୍ଟ ସେହି ଦେଶଗୁଡ଼ିକୁ ନିଲାମ ଆଧାରରେ ଚୟନ କରି ପାଣ୍ଠି ଯୋଗାଇ ଦେବ। ଯଦି ଧନୀଦେଶ ସରକାରଗୁଡ଼ିକ ଏହି ପ୍ରସ୍ତାବ ଉପରେ ସେମାନଙ୍କର ପ୍ରତିକ୍ରିୟା ପ୍ରକାଶ ନ କରନ୍ତି, ସେମାନେ ଏକ ବଡ଼ ସୁଯୋଗ ହରାଇବେ। ସେମାନେ ମଧ୍ୟ ଏକ ନିଷ୍ପକ୍ଷ ଏବଂ ସ୍ଥାୟୀ ସୁଧାର ନିଶ୍ଚିତ କରିବାରେ ବିଫଳ ହେବେ ଯାହା ପରବର୍ତ୍ତୀ ସମୟରେ ସେମାନଙ୍କର କ୍ଷତି କରିବ।

**-ଏକ୍ଜିକ୍ୟୁଟିଭ ସେକ୍ରେଟାରି, ଇଣ୍ଟରନ୍ୟାଶନାଲ ଡେଭ୍‌ଲପ୍‌ମେଣ୍ଟ ଇକୋନୋମିକ୍ସ ଆସୋସିଏଟ୍ସ**

## ଏଇ ଭାରତରେ

ବନ୍ଧୁଙ୍କ ଦେହାନ୍ତ ସ୍ୱପ୍ନିଲ ଗଓ୍ୱାଣ୍ଡେଙ୍କ ଅଖି ଖୋଲିଦେଲା। ଟଙ୍କା ରୋଜଗାର କରି ଆରାମ ଜୀବନ ଜିଇବା ବଦଳରେ ସେ ସେବାକୁ ଆପଣାଇ ନେଲେ। ଆଇଆଇଏମ୍, ଅହମଦାବାଦ ଭଳି ଖାତିସମ୍ପନ୍ନ ଅନୁଷ୍ଠାନରୁ ଏମ୍‌ବିଏ ଛାଡ଼ି ଆରମ୍ଭ କଲେ ଏକ ଚକ୍ଷୁଦାନ କେନ୍ଦ୍ର। ମହାରାଷ୍ଟ୍ରରେ ଉକ୍ତ କେନ୍ଦ୍ର ଖୋଲିବା ପରଠାରୁ ସେ ଏଯାବତ ୩,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସାହାଯ୍ୟ କରି ସାରିଲେଣି। ୨୦୦୬ରେ ତାଙ୍କ ଦୃଷ୍ଟିବାଧିତ ସାଙ୍ଗ ଅବଦୁଲଙ୍କ ମୃତ୍ୟୁ ଘଟିଥିଲା। ୨୦୧୦ରେ ସେ 'ଦିଶା ମେଡିକାଲ ଆଣ୍ଡ୍ ଏଜୁକେଶନ ଫାଉଣ୍ଡେଶନ' ଗଠନ କରି ତା' ମାଧ୍ୟମରେ ଦିଶା ଇଣ୍ଟରନ୍ୟାଶନାଲ ଆଏ ବ୍ୟାଙ୍କ ଖୋଲିଥିଲେ। ଏବେ ମହାରାଷ୍ଟ୍ରରେ ସେ ୫ଟି ଆଏ ବ୍ୟାଙ୍କ ଚଳାଇ ଚକ୍ଷୁ ଦାନକୁ ପ୍ରୋତ୍ସାହିତ କରୁଛନ୍ତି। ସେ ମଧ୍ୟ ହଜାର ହଜାର ଲୋକଙ୍କ ଟ୍ରାନ୍ସପ୍ଲାଣ୍ଟେଶନ ସର୍ଜରି କରାଇଛନ୍ତି । ସ୍ୱପ୍ନିଲଙ୍କ ବୟସ ୨୯। ତାଙ୍କ ସଂସ୍ଥା ଏଯାବତ୍ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚକ୍ଷୁଦାନ କରିବା ଲାଗି ପ୍ରେରିତ କରିପାରିଛି। ୬ଲକ୍ଷ ଲୋକ ଦିଶା ମାଧ୍ୟମରେ ଚକ୍ଷୁଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ତାଙ୍କ ବ୍ୟାଙ୍କ ୨,୧୦୦ କର୍ନିଆ ସମ୍ପର୍କିତ ସର୍ଜରି କରିପାରିଛି। ସେ ଏବଂ ଡାକ୍ତର ଟିମ୍ ୭୭ଟି ଆଏ ବ୍ୟାଙ୍କର ଟେକ୍ନିସିଆନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି। ତାଙ୍କ ଟିମ୍‌ରେ ୨,୭୦୦ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଫେବୃୟାରୀ ୧୯୯୭

- ପାକିସ୍ତାନ ଜାତୀୟ ଆସେମ୍ବ୍ଲିର ବାଚସ୍ପତି ଭାବେ ଇଲାହି ବୁଶ୍ ସୋମ୍ରୋଙ୍କୁ ନିର୍ବାଚିତ କରାଯାଇଛି।
- ତ୍ରିପୁରା ଜିଲାର ଖୋଓ୍ୱାଇ ସବ୍‌ଡିଭିଜନ ଅନ୍ତର୍ଗତ ଏକ ଗ୍ରାମ ଉପରେ ଗେରିଲା ଉଗ୍ରପନ୍ଥୀମାନେ ଅଚାନକ ଆକ୍ରମଣ କରି ୨୧ ଜଣଙ୍କୁ ହତ୍ୟା କରିଛନ୍ତି।
- କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନତା ଦଳରୁ ବହିଷ୍କୃତ ନେତା ରାମକୃଷ୍ଣ ହେଗ୍‌ଡେ ନୂତନ ରାଜନୈତିକ ଦଳ 'ଲୋକଶକ୍ତି' ଗଠନ କରିଛନ୍ତି।
- ଜଷ୍ଟିସ କୃଷ୍ଣପ୍ରସାଦ ମହାପାତ୍ର ରାଜ୍ୟର ଲୋକପାଳ ଭାବେ ଶପଥ ଗ୍ରହଣ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | 6 | 8 | 7 | 3 | | |
| | 6 | | 2 | 1 | | 5 | | |
| | | 3 | | | | | | |
| | | 9 | 3 | | | | 1 | |
| | | | 4 | | | | | |
| 8 | | | | 7 | | | | |
| | | | | | | 1 | | 4 |
| | | | | 6 | | 7 | | 5 |
| 7 | | 4 | 8 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 6 | 8 | 2 | 7 | 1 | 4 | 3 |
| 3 | 8 | 7 | 4 | 5 | 1 | 6 | 2 | 9 |
| 1 | 4 | 2 | 6 | 9 | 3 | 8 | 5 | 7 |
| 4 | 1 | 9 | 3 | 8 | 5 | 2 | 7 | 6 |
| 2 | 3 | 5 | 9 | 7 | 6 | 4 | 1 | 8 |
| 7 | 6 | 8 | 1 | 4 | 2 | 3 | 9 | 5 |
| 9 | 5 | 1 | 2 | 3 | 8 | 7 | 6 | 4 |
| 8 | 2 | 4 | 7 | 6 | 9 | 5 | 3 | 1 |
| 6 | 7 | 3 | 5 | 1 | 4 | 9 | 8 | 2 |

ଗତକାଲିର ଉତ୍ତର

# ଶିକ୍ଷାର୍ଥୀ, ଶିକ୍ଷକ ଓ ଶିକ୍ଷଣ ପରିବେଶ



ଡ. ମନୋରଞ୍ଜନ ପ୍ରଧାନ

ବିଶିଷ୍ଟ ଆମେରିକୀୟ ଶିକ୍ଷାବିତ୍ ଜନ୍ ଡୁଇଙ୍କ ମତରେ ଶିକ୍ଷା ଏକ ତ୍ରିପାକ୍ଷିକ ପ୍ରକ୍ରିୟା, ଯାହାର ତିନିଟି ପକ୍ଷ ବା ସ୍ତମ୍ଭ ହେଉଛି ଶିକ୍ଷକ, ଶିକ୍ଷାର୍ଥୀ ଓ ପରିବେଶ ତଥା ସମାଜ। ଶିକ୍ଷକ ଓ ଶିକ୍ଷାର୍ଥୀ ହେଉଛନ୍ତି ଶିକ୍ଷା ଓ ଶିକ୍ଷଣ ପ୍ରକ୍ରିୟାର ଦୁଇ ମୁଖ୍ୟ ସ୍ତମ୍ଭ। ଉଭୟଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା-ପର୍ଯ୍ୟାଲୋଚନା, ଭାବର ଆଦାନ ପ୍ରଦାନ, ପ୍ରଶ୍ନୋତ୍ତର, ସମସ୍ୟା ସମାଧାନ ଆଦି ଶୈକ୍ଷିକ କାର୍ଯ୍ୟ ଯୋଗୁ ଶିକ୍ଷଣ ସମ୍ଭବ ହୋଇଥାଏ। କିନ୍ତୁ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ସଫଳ କରିବାକୁ ହେଲେ ତୃତୀୟ ମହତ୍ତ୍ୱପୂର୍ଣ୍ଣ ସ୍ତମ୍ଭ ସ୍ୱରୂପ ଉତ୍ତମ ବାତାବରଣ ତଥା ଅନୁକୂଳ ଶିକ୍ଷଣ ପରିବେଶ ନିତାନ୍ତ ଆବଶ୍ୟକ। ଭଲ ପରିବେଶ, ଉପଯୁକ୍ତ ଶିକ୍ଷଣ ପରିସ୍ଥିତି ଓ ଆବଶ୍ୟକ ଶିକ୍ଷଣ ସମ୍ବଳ ବିନା ସଫଳ ତଥା ଅର୍ଥପୂର୍ଣ୍ଣ ଶିକ୍ଷଣ ସମ୍ଭବ ହୋଇପାରିବ ନାହିଁ। ଅର୍ଥାତ୍ ଶିକ୍ଷାଦାନକୁ ଶିକ୍ଷଣରେ ପରିଣତ କରିବାକୁ ହେଲେ ଅନୁକୂଳ ଶିକ୍ଷଣ ପରିବେଶ ଏବଂ ଶିକ୍ଷକଙ୍କ ଉପଯୁକ୍ତ ସହାୟତା, ମାର୍ଗଦର୍ଶନ ତଥା ସମୟ, ପରିସ୍ଥିତି ଓ ଶିକ୍ଷାର୍ଥୀଙ୍କ ସାମର୍ଥ୍ୟ ଅନୁଯାୟୀ ନ୍ୟସ୍ତ କାର୍ଯ୍ୟ ପ୍ରଦାନ କରାଯିବା ଉଚିତ। କାରଣ ଶିକ୍ଷଣ ପ୍ରକ୍ରିୟାରେ ଶିଖେଇବା ଅପେକ୍ଷା ଶିଖିବା, ପଢ଼େଇବା ପରିବର୍ତ୍ତେ ପଢ଼ିବା, କରେଇବା ପରିବର୍ତ୍ତେ କରିବା ଆଦି କାର୍ଯ୍ୟ ଶିକ୍ଷାର୍ଥୀ ଦ୍ୱାରା କରାଯାଇଥାଏ, ଯେଉଁଠି ଶିକ୍ଷକ ଜଣେ ସୁବିଧା ପ୍ରଦାନକାରୀ ବା ଆବଶ୍ୟକ ଅନୁସାରେ ମାର୍ଗଦର୍ଶକର ଭୂମିକା ନିଭେଇଥାନ୍ତି। ତେଣୁ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷକ ପଢ଼େଇବା ଅପେକ୍ଷା ସୁନ୍ଦର ଶିକ୍ଷଣ ପରିବେଶ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷଣ ପ୍ରତି ଆକର୍ଷଣ ଓ ସକାରାତ୍ମକ ମନୋଭାବ ସୃଷ୍ଟି କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରଥାନ୍ତି। ଭଲ ପରିବେଶ ପାଇଲେ ମଞ୍ଜି ଭିତରେ ଥିବା ସାମର୍ଥ୍ୟ ଯେଭଳି ଗଛରେ ପରିଣତ ହୋଇଥାଏ, ଠିକ୍ ସେହିପରି ଉପଯୁକ୍ତ ବାତାବରଣ ଓ ସୁବିଧା ସୁଯୋଗ ପାଇଲେ ଶିକ୍ଷାର୍ଥୀମାନେ ନିଜ ଭିତରେ ଥିବା ଧୀ-ଶକ୍ତି, ଲୁକ୍କାୟିତ ଗୁଣାବଳୀଗୁଡ଼ିକର ଉପଯୋଗ କରି ସମର୍ଥ ମଣିଷ ଭାବରେ ନିଜକୁ ବିକଶିତ କରିପାରିବେ। ଏଠାରେ ଶିକ୍ଷକଙ୍କ ଦୁଇଟି ପ୍ରମୁଖ ଭୂମିକା ରହିଛି। ପ୍ରଥମତଃ, ଶିକ୍ଷକ ଶିଶୁମାନଙ୍କୁ ଅଜ୍ଞାନ, ଅନଭିଜ୍ଞ ତଥା କିଛି ଜାଣି ନ ଥିବା ସାଧାରଣ ଛୋଟ ଛୋଟ ଛୁଆ ଭାବି ଅଣଦେଖା ନ କରି ସେମାନଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣାବଳୀକୁ ଚିହ୍ନଟ, ସ୍ୱୀକୃତି ଓ ଉନ୍ମେଷ ନିମିତ୍ତ କ୍ଷେତ୍ର ପ୍ରସ୍ତୁତି ନିତାନ୍ତ ପ୍ରୟୋଜନ। ଅର୍ଥାତ୍ ଶିଶୁ ଭିତରେ ଥିବା ଅସୀମ ଶକ୍ତି ଓ ଅପାର ସମ୍ଭାବନାକୁ ଚିହ୍ନିବା ଓ ସେଗୁଡିକର ବିକାଶ ପାଇଁ ପ୍ରଯତ୍ନ ହେବା ସବୁଠାରୁ ବଡ଼ କାମ। ସେଥିପାଇଁ ସ୍ୱାମୀ ବିବେକାନନ୍ଦ କହୁଥିଲେ- ଶିକ୍ଷା ହେଉଛି ମଣିଷ ମଧ୍ୟରେ ରହିଥିବା ଦିବ୍ୟ ପୂର୍ଣ୍ଣତାର ଅଭିବ୍ୟକ୍ତି। ଦ୍ୱିତୀୟତଃ, ଶିଶୁ ଭିତରେ ଥିବା ଅପାର ସମ୍ଭାବନାକୁ ଚିହ୍ନିବା ପରେ, ଶିକ୍ଷକ ବା ଶିକ୍ଷାନୁଷ୍ଠାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଉଛି ଶିକ୍ଷଣ ପରିବେଶ ସୃଷ୍ଟି କରିବା। ଭଲ ପରିବେଶଟିଏ ତିଆରି ହୋଇଗଲେ ଶିକ୍ଷାର୍ଥୀ ଆଗକୁ ମାଡ଼ିଚାଲିବ। ସେଥିପାଇଁ ବିଶିଷ୍ଟ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ କହନ୍ତି- ମୁଁ କେବେ ହେଲେ ମୋ ଛାତ୍ରମାନଙ୍କୁ ପଢାଏ ନାହିଁ; ମୁଁ କେବଳ ଏକ ଶିକ୍ଷଣ ପରିବେଶ ଯୋଗାଇ ଦେବାକୁ ଚେଷ୍ଟା କରେ ଯେଉଁଥିରୁ କି ସେମାନେ ଶିଖିପାରିବେ।

ଉପରୋକ୍ତ ସ୍ୱୀକାରୋକ୍ତିରୁ ଏହା ସ୍ପଷ୍ଟ ଯେ ଶିକ୍ଷା ଦେବା ଅପେକ୍ଷା ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷଣ ପରିବେଶ ଯୋଗାଇ ଦେବା ଏବଂ ସେମାନଙ୍କ ପ୍ରକୃତ ସାମର୍ଥ୍ୟ ଓ ଦକ୍ଷତା ସମ୍ବନ୍ଧରେ ଅବଗତ କରେଇବା ଶିକ୍ଷକଙ୍କର (ଶିକ୍ଷକ ଭାବରେ ପିତା, ମାତା, ଶିକ୍ଷାନୁଷ୍ଠାନରେ ନିୟୋଜିତ କର୍ମକର୍ତ୍ତା ବା ଅନ୍ୟ କେହି ହୋଇପାରନ୍ତି) ବଡ଼ କାମ। ମନେରଖିବା ଉଚିତ କି ଯେତେଦିନ ପର୍ଯ୍ୟନ୍ତ ଜଣେ ତା'ର ସାମର୍ଥ୍ୟକୁ ଚିହ୍ନି ନାହିଁ, ନିଜ ବୁଦ୍ଧି, ସୃଜନ ଶକ୍ତି ସମ୍ପର୍କରେ ଅବଗତ ହୋଇନାହିଁ, ସେ କସ୍ତୁରୀ ମୃଗ ଭଳି ବିଚାର ରଖିଥିବ, ନିଜକୁ ଦୁର୍ବଳ ଓ ଅସହାୟ ବୋଲି ଭାବୁଥିବ। ଏଠାରେ ଏକ ପୌରାଣିକ ଉଦାହରଣ ଦିଆଯାଇପାରେ। ମାତା ସୀତାଙ୍କ ସନ୍ଧାନ ପାଇଁ ଯେତେବେଳେ ଶ୍ରୀହନୁମାନଙ୍କୁ ମନୋନୀତ କରାଗଲା, ନିଜ ସାମର୍ଥ୍ୟ ସମ୍ବନ୍ଧରେ ଆତ୍ମବିସ୍ମୃତ ହନୁମାନ ପ୍ରଥମେ ନିଜର ଅକ୍ଷମତା ଓ ଅସହାୟତା ପ୍ରକଟ କରିଥିଲେ। କିନ୍ତୁ ଯେତେବେଳେ ତାଙ୍କ ପରାକ୍ରମ (ବାଲ୍ୟକାଳରେ ଉଦିତ ସୂର୍ଯ୍ୟଦେବଙ୍କୁ ପାଚିଲା ଫଳ ଭାବି ଗ୍ରାସ କରିବାର ପ୍ରଚେଷ୍ଟା) ସମ୍ପର୍କରେ ସୂଚେଇ ଦିଆଗଲା, ଶ୍ରୀହନୁମାନଙ୍କ ଆତ୍ମବିଶ୍ୱାସ ଦୃଢ଼ୀଭୂତ ହେଲା ଏବଂ ନ୍ୟସ୍ତ କାମଟିକୁ ସୁରୁଖୁରୁରେ କରିଥିଲେ। ସଚିନ ତେନ୍ଦୁଲକରଙ୍କ ବଡ଼ ଭାଇ ଅଜିତ ରମେଶ ତେନ୍ଦୁଲକର ଏବଂ ଗୁରୁ ରମାକାନ୍ତ ଆଚେରକର୍ ଯଦି କ୍ରିକେଟକୁ ନେଇ ତାଙ୍କ ଭିତରେ ଥିବା ଅପାର ଶକ୍ତି ଓ ସାମର୍ଥ୍ୟକୁ ଚିହ୍ନିପାରି ନ ଥାନ୍ତେ ଓ ପ୍ରୋତ୍ସାହନ ଦେଇ ନ ଥାନ୍ତେ, ଏ ବିଶ୍ୱ ଜଣେ ବିଶିଷ୍ଟ କ୍ରୀଡ଼ାବିତ୍‌ଙ୍କୁ ପାଇଥାନ୍ତା କି! ତେଣୁ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ର ପ୍ରଥମ ମୌଳିକ ନୀତି ସ୍ୱରୂପ ପ୍ରତ୍ୟେକ ଶିଶୁ ଭିତରେ ଥିବା ଅନନ୍ୟ ଦକ୍ଷତାର ଚିହ୍ନଟ, ସ୍ୱୀକୃତି ଓ ବିକାଶ ହେବା ଉଚିତ ବୋଲି ଗୁରୁତ୍ୱାରୋପ କରାଯାଇଛି(ଜାତୀୟ ଶିକ୍ଷା ନୀତି ପୃଷ୍ଠା-୫)। ସେହିଭଳି ଜାତୀୟ ଶିକ୍ଷା ନୀତିରେ ଘୋଷା ବିଦ୍ୟା ବା ତଥ୍ୟ ମନେରଖିବା ଅପେକ୍ଷା ଅବଧାରଣାଗୁଡ଼ିକର ଯଥାର୍ଥ ବୋଧଗମ୍ୟ ଏବଂ ସୃଜନଶୀଳ ଓ ବିଶ୍ଳେଷଣାତ୍ମକ ଚିନ୍ତନ ଉପରେ ଗୁରୁତ୍ୱ ଦିଆଯାଇଛି(ପୃଷ୍ଠା-୫ ବିନ୍ଦୁ-୬ ଓ ୭)। ଅର୍ଥାତ୍ ଶିକ୍ଷକମାନେ ଶିଶୁର ଭାଗ୍ୟ ଓ ଭବିଷ୍ୟତ ଗଠନର କୁଶଳୀ ବିଶ୍ୱକର୍ମା ହୋଇଥିବାରୁ ପିଲାମାନଙ୍କୁ ପଢ଼େଇ, ଘୋଷେଇ, ବାରମ୍ବାର ଅଭ୍ୟାସ ପୂର୍ବକ ତଥ୍ୟବୀର ଓ ତଥ୍ୟଚର କରିବା ପରିବର୍ତ୍ତେ ନିଜ ଶିକ୍ଷାର୍ଥୀମାନଙ୍କର ବିବିଧ ଦକ୍ଷତା ଓ ସାମର୍ଥ୍ୟକୁ ଜାଣିବା, ଚିହ୍ନିବା ସହ ସେମାନଙ୍କୁ ସେମାନଙ୍କ ଆତ୍ମ-ପରିଚିତି ସମ୍ବନ୍ଧରେ ଅବଗତ କରେଇବା ପ୍ରମୁଖ କାର୍ଯ୍ୟ ହେବା ଉଚିତ। ଶିକ୍ଷକମାନଙ୍କ ଗୁରୁଦାୟିତ୍ୱ ହେଉଛି ଉପଯୁକ୍ତ ଶିକ୍ଷଣ ବାତାବରଣ ସୃଷ୍ଟି କରି ଶିଶୁମାନେ କିପରି ଆଭ୍ୟନ୍ତରୀଣ ଅଭିପ୍ରେରଣା ମାଧ୍ୟମରେ ସ୍ୱ-ପ୍ରଚେଷ୍ଟା ଓ ଆଗ୍ରହର ସହ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ସହଭାଗିତା କରିପାରିବେ ସେଥିପାଇଁ ବିଶେଷ ଯୋଜନା ଓ କୌଶଳ ବିକାଶ କରିବା। କାରଣ ଦର୍ପଣରେ ଥିବା ମଇଳା ହଟେଇବା ଭଳି ପିଲାମାନଙ୍କ ଭିତରେ ବିଦ୍ୟମାନ ଅପାର ସମ୍ଭାବନାକୁ ଅବଗତ କରେଇ ଦେଲେ ପିଲାମାନେ ନିଜକୁ ଦୁର୍ବଳ ବିବେଚିତ କରିବେ ନାହିଁ। ନିଜ ସାମର୍ଥ୍ୟ ଆଧାରରେ ଶିକ୍ଷଣ କାର୍ଯ୍ୟ କରିବାକୁ ଆଗଭର ହେବେ। ଫଳତଃ ଶିକ୍ଷଣ କାର୍ଯ୍ୟ ସହଜ, ସରଳ ଓ ସମାବେଶୀ ହୋଇପାରିବ। ଏଥିସହ ବିଦ୍ୟାଳୟ ବା ଶ୍ରେଣୀ ପ୍ରକୋଷ୍ଠର ଭୌତିକ ପରିବେଶକୁ ଆକର୍ଷଣୀୟ କରିବା ସହ ପିଲାଙ୍କ ଭିତରେ ସୁସମ୍ପର୍କ, ଦଳଗତ ମନୋବୃତ୍ତି ଓ ଉତ୍ସାହ, ସହଯୋଗଭିତ୍ତିକ ପ୍ରତିଯୋଗିତା, ବ୍ୟକ୍ତିଗତ ଓ ଦଳଗତ କାର୍ଯ୍ୟ, ପରୀକ୍ଷଣ କାର୍ଯ୍ୟ ଇତ୍ୟାଦି ଶିକ୍ଷଣ କାର୍ଯ୍ୟକୁ ସୁନିଶ୍ଚିତ ଓ ସୁନିୟୋଜିତ କରିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଗୁରୁଦାୟିତ୍ୱ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶିକ୍ଷାଦାନ ପାଇଁ ମିଳୁଥିବା ସମୟର ସିଂହଭାଗ ସମୟ ପଢ଼େଇବା ଉପଯୋଗ ନ କରି ପିଲାମାନେ କିପରି ଅଧିକରୁ ଅଧିକ ସମୟ ଶିକ୍ଷଣ କାର୍ଯ୍ୟରେ ବ୍ୟସ୍ତ ତଥା ନିମଗ୍ନ ରହିବେ ସେଥିପାଇଁ କୌଶଳର ବିକାଶ କରିପାରିଲେ ଶିକ୍ଷଣ ଆନନ୍ଦଦାୟକ, ଜୀବନ୍ତ, ଦୀର୍ଘସ୍ଥାୟୀ ଓ ସଫଳ ହୋଇପାରିବ। ସେହିପରି ବାଚନିକ ପରାମର୍ଶ ଅପେକ୍ଷା ଶିକ୍ଷଣ ସାମଗ୍ରୀ ଉପଯୋଗ ଓ କ୍ରିୟାଭିତ୍ତିକ ଶିକ୍ଷଣ ଆଧାରରେ ପିଲାମାନଙ୍କୁ ସକ୍ରିୟ ଅଂଶଗ୍ରହଣ ପାଇଁ ପରିବେଶ ସୃଷ୍ଟି କରିବା ଉଚିତ। ବିଶେଷକରି ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକ ଭିତରେ ସୀମିତ ନ ରଖି ସେମାନଙ୍କ ଭିତରେ ଥିବା ବହୁବିଧ ପ୍ରତିଭାର ବିକାଶ ପାଇଁ ପଦକ୍ଷେପ ନିଆଯିବା ଉଚିତ। ଅର୍ଥାତ୍ ପିଲାଙ୍କ ଜ୍ଞାନାତ୍ମକ ବିକାଶ ସହ ଭାବାତ୍ମକ ଓ କ୍ରିୟାତ୍ମକ ଦିଗଗୁଡ଼ିକୁ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ। ଶିକ୍ଷକ ଚିନ୍ତା କରିବା ଉଚିତ। ତେଣୁ ସଫଳ ଶିକ୍ଷଣ ବ୍ୟବସ୍ଥା ସୁନିଶ୍ଚିତ କରିବା ନିମନ୍ତେ ଶିକ୍ଷକଙ୍କ ଭୂମିକା ଓ ଶିକ୍ଷାର୍ଥୀଙ୍କ ସକ୍ରିୟ ସହଭାଗିତା ପ୍ରଣିଧାନଯୋଗ୍ୟ।

**ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ:୯୪୩୭୯୧୪୮୧୮**

# ଗୁଆକୁ ଦୁଆର ଦିଆ



ଶୁଭନାରାୟଣ ଶତପଥୀ

ନିର୍ବାଚନ ଯେତିକି ପାଖେଇ ଆସେ, ଗାଁଠୁ ସହର ସବୁଠି ଲୋକମାନେ ସତେଯେମିତି ଅତ୍ୟଧିକ ସକ୍ରିୟ ହୋଇଉଠନ୍ତି। ଅର୍ଥାତ୍ କିଛିଲୋକ ଅତ୍ୟଧିକ ଭାବପ୍ରବଣ ହୋଇଯାଆନ୍ତି ତ ଆଉ କିଛି ଲୋକ ନୀରବ ଦର୍ଶକ ସାଜି ସାମାଜିକ ଗତିବିଧିକୁ ଅନୁଧ୍ୟାନ କରିଥାନ୍ତି। ତା' ଭିତରେ ଅନେକ ବାକ୍‌ବିତଣ୍ଡା, ହିଂସାକାଣ୍ଡ, ଟାହିଟାପରା ମଧ୍ୟ ଦେଖିବାକୁ ମିଳେ। ଏଇ ନିକଟରେ ଗୋଟିଏ ଗାଁର ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ସେହି ଗାଁର ଆଉ ଜଣେ ବ୍ୟକ୍ତିଙ୍କ ସହ କାଥାବାର୍ତ୍ତା ହେଲାବେଳେ ମଝିରେ ମଝିରେ କହିପକାଉଥାନ୍ତି, ତୁ ମୋର ଗୁଆଦିଆ ବନ୍ଧୁ ହୋଇ ଯଦି ମୋ କଥାରେ ନ ଯିବୁ ତେବେ ଗୁଆ କାଟିଦେବି। ଆମେ ଜାଣୁ ଯେ ଗୁଆ ହେଉଛି ବନ୍ଧୁତ୍ୱକୁ ଧରି ରଖିବାର ଏକ ପାରମ୍ପରିକ ବିଧିର ଶୁଭ ପ୍ରତୀକ। ଏହି ଗୁଆ ଦେଇ ବନ୍ଧୁକୁ ନିମନ୍ତ୍ରଣ କରୁ ଓ ସମ୍ପର୍କର ଡୋରିରେ ବାନ୍ଧି ରଖୁ। ଯେତେବେଳେ କୌଣସି ବନ୍ଧୁକୁ ଆଉ ଗୁଆ ଦିଆଯାଏ ନାହିଁ ସେହି ବନ୍ଧୁ ସେଦିନଠାରୁ ଶତ୍ରୁ କିମ୍ବା ଅବନ୍ଧୁରେ ପରିଣତ ହୁଅନ୍ତି। ତାଙ୍କ ସହ ବନ୍ଧୁ ସମ୍ପର୍କ ଆଉ ଆଗକୁ ବଢ଼େନାହିଁ। ତେବେ ଏ ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ପ୍ରତିଟି କ୍ଷେତ୍ରରେ ବନ୍ଧୁତ୍ୱକୁ ତା'ର ସୀମା ଭିତରେ ରଖିବା ଉଚିତ। ସେହିପରି ନିର୍ବାଚନ, ରାଜନୀତିରେ ନିଜର ଭାଗୀଦାରିତାକୁ ତା'ର ପରିଧି ମଧ୍ୟରେ ରଖି ବ୍ୟକ୍ତି, ପରିବାର, ଗୋଷ୍ଠୀ ସହ ମାନସିକ ଓ ଶାରୀରିକ ସନ୍ତୁଳନ ରକ୍ଷା କରିବାକୁ ପଡ଼ିବ। ତେବେ ନିର୍ବାଚନ ଓ ରାଜନୀତିକୁ ନେଇ ବନ୍ଧୁ ସମ୍ପର୍କ ଛିନ୍ନ ହେବା କିଛି ନୂଆ କଥା ନୁହେଁ। ଏମିତି ଅନେକ ଉଦାହରଣ ଅଛି, ଯେଉଁଠି ଏହି ନିର୍ବାଚନ ଆସିବାର ଅବ୍ୟବହିତ ପୂର୍ବରୁ ବା ପରେ ଅନେକ ବନ୍ଧୁଙ୍କ ବନ୍ଧୁତ୍ୱର ଗୁଆ କଟିଛି। ଦଳ ଅଦଳବଦଳ, ନିର୍ଦ୍ଦଳ, ସ୍ୱାଭିମାନ, ନୀତି, ଆଦର୍ଶ ଭିତ୍ତିରେ ପସନ୍ଦ ଓ ଯୋଗ୍ୟ ଆଧାରରେ ନିଜ ପସନ୍ଦର ପ୍ରାର୍ଥୀ ନିର୍ଣ୍ଣୟ କରୁଥିବା ଲୋକେ ସିଧାସଳଖ ବ୍ୟକ୍ତିଗତ ବନ୍ଧୁତା, ଶତ୍ରୁତା ଆଡ଼କୁ କାହିଁକି ଯେ ଚାଲିଆସନ୍ତି ତାହା ବିଚାରଯୋଗ୍ୟ।

ବନ୍ଧୁର ତିକ୍ତ ବା ମଧୁର ସମ୍ପର୍କକୁ ନେଇ ଗୁଆ ରହିବା ବା କଟିବା ନିର୍ଭର କରେ। ଆଉ ଏକ ଘଟଣାରେ ଜଣେ ମହାଶୟ ତାଙ୍କର ଅନ୍ୟ ଜଣେ ଭାଇଙ୍କୁ କହିଲେ, ଦେଖ ତୋ ପୁଅ ଆମ ଦଳକୁ ଛାଡି ଅନ୍ୟ ଦଳ ଲୋକଙ୍କ ସହ ମିଳାମିଶା କଲାଣି। ଯଦି ଏବେଠୁ ପୁଅକୁ ବାଟକୁ ନ ଆଣିବୁ ତେବେ ଗୁଆ କାଟିଦେବି। ପରସ୍ପରଙ୍କ ବନ୍ଧୁ ସମ୍ପର୍କ ଥିବାରୁ ହିଁ ତ ଏତେ ନିକଟତର କଥାବାର୍ତ୍ତା। ବିଚରା ଭଦ୍ରବ୍ୟକ୍ତି ଜଣକ ଆଜ୍ଞାକୁ ଅବଜ୍ଞା ନ କରି ତାଙ୍କ ନିର୍ଦ୍ଦେଶକୁ ଗ୍ରହଣ କରିନେଲେ। କାରଣ ଭଦ୍ରଲୋକ ଜଣକ ଜାଣନ୍ତି ଯେ କେବଳ ଭାବପ୍ରବଣତା, ଉନ୍ମାଦନାର ବଶବର୍ତ୍ତୀ ହୋଇ ସେ ଏପରି କହୁଛନ୍ତି। ତେବେ ଗାଁଠାରୁ ସହର ସବୁଠି ଆମର ଗୋଷ୍ଠୀ, ସାହିଭାଇ, ରକ୍ତଗତ ସମ୍ପର୍କକୁ ନେଇ ଅଧିକ ନିକଟତର ହୋଇଥାଉ। ଯଦି ଗୁଆ କଟିଯାଏ ତେବେ ଆମର ଏ ସମ୍ପର୍କରେ ଶିଥିଳତା ଆସିଯାଏ। ଫଳରେ ସୁବିଧା ଅସୁବିଧାରେ ମଣିଷର ମଣିଷପଣିଆ ହରଣ ହୁଏ।

ଆଉଥରେ ଜଣେ ପ୍ରାର୍ଥୀଙ୍କ ଅନୁଗତ ତାଙ୍କର ସାଙ୍ଗ ସମ୍ପର୍କକୁ ବ୍ୟବହାର କରି ସେହି ସାଙ୍ଗର ବନ୍ଧୁଙ୍କ ଭୋଟ ପ୍ରଭାବିତ କରିବାକୁ ଚେଷ୍ଟା କଲେ। ବିଚରା ଦୁଇ ବନ୍ଧୁଙ୍କ ମଧ୍ୟରେ ଝଗଡ଼ା ଲାଗିଗଲା। ଓଲଟା ସେହି ଅନୁଗତ ଜଣକ ଟାହିଟାପରା କରି କହୁଥାଏ ତୁମର ସେ ଗୁଆଦିଆ ବନ୍ଧୁ, କ'ଣ ତାଙ୍କୁ ଟିକେ ବୁଝେଇ ପାରିଲନି। ଶେଷରେ ଏଠି ବି ହେଲା ଗୁଆକୁ ଦୁଆର ଦିଆ।

ଏମିତି ଅନେକ ନିର୍ବାଚନ ଆସିଛି ଓ ଯାଇଛି। ଏହାକୁ ନେଇ କେଉଁଠି ରକ୍ତଗତ ସମ୍ପର୍କରେ ତିକ୍ତତା ଆସିଛି ତ କେଉଁଠି ଶତ୍ରୁତାରେ ପରିଣତ ହୋଇଛି ବନ୍ଧୁତା। ତେବେ ବନ୍ଧୁତ୍ୱର ପବିତ୍ର ସମ୍ପର୍କ ଗୁଆକୁ ନିର୍ବାଚନ ରଣ ସହ ଯୋଡ଼ିବା ନିଶ୍ଚିତ ରୂପେ ଆମର ଦୁର୍ବଳ ମାନସିକତାର ପରିଚୟ। ସୀମା ଭିତରେ ରହି ରାଜନୀତି ନିର୍ବାଚନରେ ଅଂଶଗ୍ରହଣ କରନ୍ତୁ ଭୋଟରମାନେ। ସୁସ୍ଥ ବାତାବରଣ ମଧ୍ୟରେ ନିର୍ବାଚନ ରଣାଙ୍ଗନକୁ ଆସିବାକୁ ଯୋଗ୍ୟ ପ୍ରାର୍ଥୀଙ୍କୁ ଉତ୍ସାହିତ କରନ୍ତୁ, ଯିଏ ସଭିଙ୍କ ସୁଖ ଦୁଃଖର ସାଥୀ ହେବ। ଆବଶ୍ୟକ ସ୍ଥଳେ ଭୋଟର ରୂପରେ ବନ୍ଧୁତାକୁ ଜନ୍ମ ଦିଅନ୍ତୁ। କିନ୍ତୁ ବ୍ୟକ୍ତିଗତ ସମ୍ପର୍କକୁ ରାଜନୀତି ଓ ନିର୍ବାଚନରେ ବ୍ୟବହାର କଲେ ତାହା କେବଳ ବୁମେରାଂ ହେବା ସାର ହେବ। ଗୁଆ କାଟିବାର ଧମକ ଦେଇ ନିଜ ପକ୍ଷର ଭୋଟ ବଢ଼ାଇ ହେବ ନାହିଁ। ଏହା ମଧ୍ୟ ଏକ ଆପରାଧିକ କାର୍ଯ୍ୟ। ତେବେ ମନେରଖିବାକୁ ହେବ ଯେ, ଅନ୍ତଃମନରୁ ସୃଷ୍ଟି ବନ୍ଧୁତ୍ୱର ଭାବ କେବେ ଗୁଆ କାଟିଲେ ବି କଟେ ନାହିଁ। ସେ ଯାହା ହେଉନା କାହିଁକି, ବନ୍ଧୁତ୍ୱର ପ୍ରତୀକ ଗୁଆ ଦଳୀୟ ନୁହେଁ ବରଂ ଏହା ନିବିଡ଼ ସମ୍ପର୍କର ମୂଳଦୁଆ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ- ୯୪୩୮୪୩୨୦୨୩**

## ଚିରନ୍ତନୀ

ସେ ପଛେ ହେଉ ମୋର ଛଳନାଛାୟା
କେବଳ ନୟନର ମୋହନ ମାୟା
କେବଳ ଧମନୀର ଚପଳ ଗତି
ଯୁକତିହୀନ ଏକ ଭାଷାର ଯତି
ହେଲେ ହେଁ ମାୟାମୋହ ସପନ-
ଅଟିହିଁ ଆପଣାର ଆପଣ
ସେ ଯଉବନ-ସୁରା ଝରୁ ଏ ଦେହ ମନେ
ଉଠୁ ତା' ରଙ୍ଗିମା ଉକୁଟି ଆଖିକୋଣେ,
ଜୀବନ-ସୁରା ଢାଳୁ ପୀରତି-ରୂପା ସାକୀ
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି।
-(ଦୁଇଟି କଳା ଆଖି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ହିଁ ଜୀବନ ରଖେ

ମହାଶୟ,

ଖାଦ୍ୟ ଦ୍ୱାରା ମଣିଷ ଜୀବନ ରକ୍ଷା ହୋଇଥାଏ। ସେଥିପାଇଁ କୁହାଯାଏ "ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବୁ କାହା ଘେନି"। ଶିକ୍ଷା, ସଂସ୍କୃତି, ସଭ୍ୟତା, ଶାନ୍ତି ଓ ରାମରାଜ୍ୟ ପ୍ରଭୃତି ଯାହା ସବୁ କୁହାଯାଏ, ସବୁରି ମୂଳରେ ଖାଦ୍ୟର ଆବଶ୍ୟକତା ଥାଏ। ଖାଦ୍ୟ ବିନା ଉପରୋକ୍ତ ପ୍ରସଙ୍ଗ ମାନ ଧ୍ୱଂସ ପାଇଯାଇପାରେ। ଯେଉଁ ଦେଶରେ ଖାଦ୍ୟର ଅଭାବ ପରିଦୃଷ୍ଟ ହୁଏ ସେ ଦେଶରେ ଶିକ୍ଷା ସଭ୍ୟତା ଓ ଶାନ୍ତି ଉଧେଇ ପାରିବ ନାହିଁ। ପୃଥିବୀର ଅଧିକାଂଶ ଦେଶର ଜନସଂଖ୍ୟା ବୃଦ୍ଧି ଘଟିବାରେ ଲାଗିଛି। ବିଶେଷଜ୍ଞଙ୍କ ମତାନୁଯାୟୀ ଖାଦ୍ୟ ଉତ୍ପାଦନ ବୃଦ୍ଧି ନ ଘଟିଲେ ବିଶ୍ୱରେ ସମସ୍ୟା ସୃଷ୍ଟି ହେବ। ଲୋକମାନଙ୍କୁ ଖାଦ୍ୟ ଯୋଗାଇବା ଅସମ୍ଭବ ହୋଇପଡିବ। ଏବେ ଚାଷ ଜମି ଯଥେଷ୍ଟ ମିଳୁନାହିଁ। କଳ କାରଖାନା ଓ ଜନବସତି ନିମନ୍ତେ ଚାଷ ଜମିଗୁଡିକ ବ୍ୟବହୃତ ହେବାରେ ଲାଗିଛି। ଏଣୁ ଜୀବନ ରକ୍ଷା ଲାଗି କମ୍ ଜମିରେ ଆଧୁନିକ ପ୍ରଣାଳୀରେ ଅଧିକରୁ ଅଧିକ ଖାଦ୍ୟ ପଦାର୍ଥ ଉତ୍ପାଦନ ପାଇଁ ଉଦ୍ୟମ ଜାରି ରଖିବା ଠିକ୍ ହେବ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ରାଣା କପୁରଙ୍କୁ ବେଲ୍

ଦିଲ୍ଲୀର ପ୍ରମୁଖ ସ୍ଥାନର ସମ୍ପତ୍ତି ବିକ୍ରି ମାମଲାରେ ବୁଧବାର ଏକ ସ୍ୱତନ୍ତ୍ର ପିଏମ୍ଏଲ୍ଏ କୋର୍ଟ ୟେସ୍ ବ୍ୟାଙ୍କର ପ୍ରତିଷ୍ଠାତା ରାଣା କପୁରଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସେହିଭଳି ବ୍ୟବସାୟୀ ଗୌତମ ଥାପରଙ୍କ ସମେତ ଅନ୍ୟ ୭ଜଣଙ୍କୁ ମଧ ଜାମିନ ପ୍ରଦାନ କରାଯାଇଛି। ଦିଲ୍ଲୀର ଅମ୍ରିତା ଶେର୍ଗିଲ ମାର୍ଗରେ ଥିବା ଏକ ସମ୍ପତ୍ତି ବିକ୍ରୟ ଘଟଣାରେ ଜଡିତ ଅଛନ୍ତି। ଏଥିପାଇଁ ଗତବର୍ଷ ମୁମ୍ବାଇରେ ସେଣ୍ଟ୍ରାଲ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ସିବିଆଇ) ପକ୍ଷରୁ ଏଫ୍ଆଇଆର୍ ଦାୟର ହୋଇଥିଲା। ପରେ ସିବିଆଇର ଏଫ୍ଆଇଆର୍ ଆଧାରରେ ଘଟଣା ସହ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ବିରୋଧରେ ଇଡି ମାମଲା ରୁଜୁ କରିଛି।

# ବିମାନ ଇନ୍ଧନ ମୂଲ୍ୟ ୫.୨% ବୃଦ୍ଧି

### ଚଳିତ ବର୍ଷର ଚତୁର୍ଥ ବୃଦ୍ଧି

### ୪ ଥରରେ ୧୬୪୯୭.୩୮ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ,୧୬।୨




ଅନ୍ତର୍ଜାତୀୟ ବଜାରରେ କ୍ରମାଗତ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ଦରର ପ୍ରଭାବ ବର୍ତ୍ତମାନ ଭାରତ ବଜାରରେ ପଡ଼ିଛି। ଫଳରେ ବିମାନ ଇନ୍ଧନ ମୂଲ୍ୟ ପୁଣି ଥରେ ବଢ଼ିଛି। ବୁଧବାର ଏହାର ମୂଲ୍ୟ ୫.୨% ବୃଦ୍ଧି ଘଟି ୯୦,୫୧୯.୭୯ ଟଙ୍କାକୁ ଛୁଇଁଥିବା ସୂଚନା ମିଳିଛି। ଫଳରେ ଦେଶରେ ଜେଟ୍ ଫୁଏଲ ଦର ତା'ର ସର୍ବକାଳୀନ ଉଚ୍ଚତମ ସ୍ତରକୁ ପହଞ୍ଚିଯାଇଛି ବୋଲି କୁହାଯାଉଛି। ଏଥରକୁ ମିଶାଇ ୨ ମାସରେ ବିମାନ ଇନ୍ଧନ ମୂଲ୍ୟ ୪ ଥର ବଢ଼ିଥିବା ସୂଚନା ମିଳିଛି।

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଙ୍କ ସୂଚନା ଅନୁସାରେ ଦିଲ୍ଲୀରେ ଆଭିଏଶନ ଟର୍ବାଇନ ଫୁଏଲ (ଏଟିଏଫ୍) ମୂଲ୍ୟ କିଲୋଲିଟର ପିଛା ୪,୪୮୧.୬୩ ଟଙ୍କା ବୃଦ୍ଧି ଘଟି ୯୦,୫୧୯.୭୯ ଟଙ୍କାରେ ପହଞ୍ଚିଛି। ୨୦୦୮ ଅଗଷ୍ଟରେ ପ୍ରତି କିଲୋଲିଟର ଏଟିଏଫ୍ ମୂଲ୍ୟ ୭୧,୦୨୮.୨୬ ଟଙ୍କା ରହିଥିଲା। ସବୁଠାରୁ ଆଶ୍ଚର୍ଯ୍ୟର ଘଟଣା, ସେତେବେଳେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୧୪୭ ଡଲାରରେ କାରବାର ହେଉଥିବା ସୂଚନା ମିଳିଛି। ଏବେ ଅଶୋଧିତ ତୈଳ ବ୍ୟାରେଲ ମୂଲ୍ୟ ୨୦୦୮ ତୁଳନାରେ ବହୁ କମ୍ ଥିଲେ ମଧ୍ୟ ଏଟିଏଫ୍ କିଲୋଲିଟର ପିଛା ୯୦,୫୧୯.୭୯ ଟଙ୍କାକୁ ଛୁଇଁ ସର୍ବକାଳୀନ ଉଚ୍ଚ ସ୍ତରରେ କାରବାର କରୁଛି ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ଜାନୁୟାରୀ ୧ରେ ଏହାର ମୂଲ୍ୟ ୨,୦୩୯.୬୩ (୨.୭୫%) ଟଙ୍କା ବୃଦ୍ଧି ପାଇ ୭୬,୦୬୨.୦୪ ଟଙ୍କାରେ ରହିଥିଲା। ସେହିଭଳି ଜାନୁୟାରୀ ୧୬ରେ ଏହାର ମୂଲ୍ୟ ୩,୨୩୨.୮୭ (୪.୨୫%) ଟଙ୍କା ବୃଦ୍ଧି ପାଇ ୭୯,୨୯୪.୯୧ ଟଙ୍କା ଥିଲା। ସେହିପରି ଫେବୃୟାରୀ ୧ରେ ମଧ ଏହାର ମୂଲ୍ୟ ୬୭୪୩.୨୫ (୮.୫%) ଟଙ୍କା ବଢ଼ି ୮୬,୦୩୮.୧୬ ଟଙ୍କାରେ ରହିଥିଲା। ଏହି ୨ ମାସ ମଧ୍ୟରେ ବିମାନ ଇନ୍ଧନ ମୋଟ ୧୬୪୯୭.୩୮ ଟଙ୍କା ବୃଦ୍ଧି ପାଇଥିବା ସୂଚନା ମିଳିଛି।

ଅପରପକ୍ଷେ ଗତ ୧୫ ସପ୍ତାହ ହେବ ଦେଶରେ ପେଟ୍ରୋଲ ଓ ଡିଜେଲ ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ। ଶେଷଥର ପାଇଁ ୨୦୨୧ ନଭେମ୍ବର ୪ରେ ତୈଳ କମ୍ପାନୀଗୁଡିକ ଏହାର ଦର ସଂଶୋଧନ କରିଥିଲେ। ତା'ପରଠାରୁ ଏପର୍ଯ୍ୟନ୍ତ ଦେଶରେ ତୈଳ ଦର ସ୍ଥିର ରହିଛି। ଫେବୃୟାରୀ ୧୬ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବ୍ୟାରେଲ ପିଛା ୯୩.୧୮ ଡଲାରରେ କାରବାର ହେଉଛି।

# ସୋନିର ନୂଆ 'ଆଲ୍ଫା ଏ ୭ ଆଇଭି'ର ବଜାର ପ୍ରବେଶ




ଭୁବନେଶ୍ୱର,୧୬।୨

ସୋନି ଇଣ୍ଡିଆ ନିକଟରେ ତା'ର ନୂଆ ଆଲ୍ଫା ଏ ୭ ଆଇଭି ମଡେଲ କ୍ୟାମେରାକୁ ବଜାର ପ୍ରବେଶ କରାଇଛି। ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ନିକଟସ୍ଥ ଏକ କାଫେରେ ଏହାର ଉନ୍ମୋଚନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ସୋନିର ଶାଖା ପ୍ରବନ୍ଧକ ସି.ପି. ଓଝା, ଏଏସ୍ଏମ୍ ସିଦ୍ଧାର୍ଥ ପଟ୍ଟନାୟକ, ଟେରିଟୋରି ମ୍ୟାନେଜର ଅଶ୍ୱିନୀ କୁମାର ଏବଂ ଏସ୍.ଫଟୋଗ୍ରାଫର ବୀରେନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀର ଏହି ନୂତନ ମଡେଲ କ୍ୟାମେରାରେ ଅନେକ ବୈଶିଷ୍ଟ୍ୟ ସାଙ୍ଗକୁ ୩୩ ମେଗାପିକ୍ସେଲ୍ ଫୁଲ୍-ଫ୍ରେମ୍ ଇମେଜ୍ ସେନ୍ସର ଭଳି ସୁବିଧା ରହିଛି। ଏଥିରେ ୪କେ ମୁଭି ରେକର୍ଡିଂ, ଏସ୍-ସିନେଟୋନ୍, ବିଶ୍ୱସନୀୟ ଅଟୋ ଫୋକସ୍ ଓ ରିଅଲ୍-ଟାଇମ୍ ଆଇ ଅଟୋ ଫୋକସ୍ ଭଳି ବୈଶିଷ୍ଟ୍ୟ ରହିଛି। ଏହି ପରିପ୍ରେକ୍ଷୀରେ ସୋନି ଇଣ୍ଡିଆର ଡିଜିଟାଲ ଇମେଜିଂ ବିଜ୍‌ନେସ ହେଡ୍ ମୁକେଶ ଶ୍ରୀବାସ୍ତବ କହିଛନ୍ତି, ଆଲ୍ଫାର ୭ଟ୍ରିପଲ ଆଇ ଏ ସିରିଜ ଗ୍ରାହକଙ୍କୁ ଏକ ଅତୁଳନୀୟ ଉପଲବ୍ଧି ପ୍ରଦାନ କରିଛି। ଏହା ୟୁଜରଙ୍କ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଭାବେ ଧ୍ୟାନରେ ରଖିବା ସହ ଶିଳ୍ପରେ ଏକ ଜବରଦସ୍ତ ପ୍ରଭାବ ଆଣିଛି। ନୂଆ ଆଲ୍ଫା ୭ ଆଇଭି ମଡେଲ ସହ ଫଟୋ ଏବଂ ଭିଡିଓ କ୍ଷେତ୍ରରେ ଗ୍ରାହକଙ୍କୁ ସୋନିର ସର୍ବୋତ୍ତମ ଇମେଜିଂ ଟେକ୍ନୋଲୋଜି ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ କୌଣସି ବି ସ୍ଥିତିରେ ଫଟୋ ଏବଂ ଭିଡିଓ ଉତ୍ତୋଳନର ମଜା ନେଇହେବ। ଏହି ମଡେଲଟି ହାଇବ୍ରିଡ୍ କ୍ୟାମେରା ଚାହୁଁଥିବା ବ୍ୟକ୍ତିବିଶେଷଙ୍କ ଲାଗି ବିଶେଷ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ୧୦ ଡିଲର ପାର୍ଟନରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାହକ ଉପସ୍ଥିତ ଥିଲେ।

ସପ୍ତମ ଜନ୍ମଦିନର ଶୁଭେଚ୍ଛା



ଆରାଧ୍ୟା ସାହୁ (ପୁଚୁ)
VIM-519, Sailashree Vihar Bhubaneswar
ଆଜି ତୋର ସପ୍ତମ ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁକି ସେ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ :- ପାପା, ମାମା, ଜେଜେବାପା, ଜେଜେମା, ଦାଦା, ଖୁଡ଼ି, ବଡ଼ ଅଜା, ବଡ଼ ଆଈ, ସାନ ଅଜା, ସାନ ଆଈ ଓ ମାମୁଁ ମାନେ।

## ଏଲ୍ଆଇସି ଆଇପିଓ ପାଇଁ ପଲିସିଧାରୀଙ୍କୁ ଆହ୍ୱାନ

ନୂଆଦିଲ୍ଲୀ,୧୬।୨

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ପକ୍ଷରୁ ଜାରି ହେବାକୁ ଥିବା ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ)ରେ ଭାଗନେବା ଲାଗି ପଲିସିଧାରୀମାନଙ୍କୁ ଚଳିତ ବର୍ଷ ୨୮ଫେବୃୟାରୀ ପୂର୍ବରୁ ନିଗମରେ ସେମାନଙ୍କ ପଲିସି ରେକର୍ଡ ସହିତ ନିଜ ପାନ୍‌କୁ ଅପ୍‌ଡେଟ୍ କରିବାକୁ ପଡ଼ିବ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏହାର ପଲିସିଧାରୀ ମାନେ ଏଜେଣ୍ଟଙ୍କ ଜରିଆରେ କିମ୍ବା ଏଲ୍ଆଇସିର ୱେବ୍‌ସାଇଟ୍ ମାଧ୍ୟମରେ ମଧ ସିଧାସଳଖ ପାନ୍ ଅପ୍‌ଡେଟ୍ କରିପାରିବେ। ପଲିସିଧାରକଙ୍କ ପାଇଁ ଆଇପିଓର ୧୦% ସଂରକ୍ଷିତ ରଖାଯାଇଛି। କୌଣସି ପରିସ୍ଥିତିରେ ଯୋଗ୍ୟ ପଲିସିଧାରକଙ୍କ ହାରାହାରି ସଂରକ୍ଷଣ ୧୦%ରୁ ଅଧିକ ହେବ ନାହିଁ। ଭାରତ ସରକାରଙ୍କ ମଞ୍ଜୁରୀ ମିଳିବା ପରେ ଯୋଗ୍ୟ ପଲିସିଧାରକଙ୍କୁ ସମାନୁପାତିକ ଭିତ୍ତିରେ ଅଫରର ଆବଣ୍ଟନ ଉପଲବ୍ଧ କରାଯିବ। ଏହାର ପଲିସିଧାରୀମାନେ ଅଫର୍ ଅବଧି ମଧ୍ୟରେ ଆବେଦନ କରିବାକୁ ଏଲ୍ଆଇସି ପକ୍ଷରୁ ଆହ୍ୱାନ କରାଯାଇଛି। ସେହିଭଳି ଏଥିରେ ଯୋଗ୍ୟ ବିବେଚିତ ହେବା ସହିତ ପଲିସିଧାରୀମାନେ ମଧ ରିହାତି ପାଇପାରିବେ।

# ଆଚାର୍ଯ୍ୟବିହାରରେ ପତଞ୍ଜଳିର ମେଗାଷ୍ଟୋର ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୨



ମହିଳାମାନଙ୍କ ଦ୍ୱାରା ପରିଚାଳିତ ଦେଶର ପ୍ରଥମ 'ପତଞ୍ଜଳି' ମେଗାଷ୍ଟୋର ବୁଧବାର ସ୍ଥାନୀୟ ଆଚାର୍ଯ୍ୟବିହାର ଟ୍ରାଫିକ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍ଥପତି ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମଗ୍ର ଦେଶରେ ୫୦୦ରୁ ଉର୍ଦ୍ଧ୍ୱ ପତଞ୍ଜଳି ମେଗାଷ୍ଟୋର ରହିଥିବା ବେଳେ ଏହି ଷ୍ଟୋରଟି ପ୍ରଥମ ମହିଳା ପତଞ୍ଜଳି ମେଗାଷ୍ଟୋର ଭାବେ ଶୁଭାରମ୍ଭ ହୋଇଛି। ଏହାର ସ୍ୱତ୍ୱାଧିକାରୀ ମଧ ଜଣେ ମହିଳା ହୋଇଥିବା ବେଳେ ଷ୍ଟୋରର ସମସ୍ତ କର୍ମଚାରୀ ମହିଳା । ସେହିଭଳି ଏଠାରେ ବୈଦ୍ୟ ଓ ଯୋଗ ପ୍ରଶିକ୍ଷକ ମଧ ମହିଳା । ସହରର କେନ୍ଦ୍ରସ୍ଥଳ ଆଚାର୍ଯ୍ୟବିହାରଠାରେ ଏହି ମେଗାଷ୍ଟାର ଜରିଆରେ ପତଞ୍ଜଳି ଦ୍ୱାରା ପ୍ରସ୍ତୁତ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ଓ ଅନ୍ୟାନ୍ୟ ସାମଗ୍ରୀ ଉପଲବ୍ଧ ରହିବ। ଉଦ୍‌ଘାଟନୀ ଅବସରରେ ଷ୍ଟୋର ପକ୍ଷରୁ ଗ୍ରାହକମାନଙ୍କ ପାଇଁ ବିଶେଷ ରିହାତି ପ୍ରଦାନ କରାଯାଉଛି। ବିଶେଷକରି ପ୍ରତି ୧,୫୦୦ ଟଙ୍କାର କ୍ରୟ ଉପରେ ୩% ଏବଂ ୩,୦୦୦ ଟଙ୍କା କ୍ରୟ ସାମଗ୍ରୀ ଉପରେ ୫% ର ବିଶେଷ ରିହାତି ଦିଆଯାଉଛି। ଏଥିସହ ମହିଳା ଗ୍ରାହକମାନେ ୧,୫୦୦ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଉତ୍ପାଦ କ୍ରୟ ଉପରେ ଏକ 'ପତଞ୍ଜଳି ସ୍ୱଦେଶୀ ସମୃଦ୍ଧି କାର୍ଡ' ମାଗଣାରେ ପାଇପାରିବେ। ଏହି କାର୍ଡଧାରୀ ମହିଳାଙ୍କ ପରିବାରକୁ ଦୁର୍ଘଟଣାଜନିତ ମୃତ୍ୟୁ ବାବଦକୁ ୫ଲକ୍ଷ ଟଙ୍କାର ସହାୟତା ରାଶିର ବ୍ୟବସ୍ଥା ରହିଛି। ଏତଦ୍‌ବ୍ୟତୀତ ସାପ୍ତାହିକ ଲକି ଡ୍ର ଜରିଆରେ ଏହାର ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ପୁରସ୍କାର ମଧ ରହିଛି। ଷ୍ଟୋର ପକ୍ଷରୁ ହୋମ୍ ଡେଲିଭରିର ସୁବିଧା ରହିଥିବା ବେଳେ ୩କି.ମି.ପରିଧି ମଧ୍ୟରେ ମାଗଣା ହୋମ୍ ଡେଲିଭରି ସୁବିଧା ଉପଲବ୍ଧ । ଏ ସମ୍ପର୍କରେ ମେଗାଷ୍ଟୋରର ସ୍ୱତ୍ୱାଧିକାରୀ ପ୍ରମୋଦିନୀ ଦାସ କହିଛନ୍ତି, ଭାରତୀୟତା, ଆୟୁର୍ବେଦ ଏବଂ ଯୋଗ ଆମର ମୂଳଭିତ୍ତି ହୋଇଥିବା ବେଳେ ସମଗ୍ର ଦେଶରେ ଏକ ସୁସ୍ଥ ସମାଜ ଗଠନ ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ।

## ନିରାଶ ହେଲେ ନିବେଶକ

ମୁମ୍ବାଇ,୧୬।୨

ଗତ କିଛିଦିନ ହେବ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ଆଶା ଓ ଆଶଙ୍କା ମଧ୍ୟରେ ରହୁଛନ୍ତି। ଏହାର ପ୍ରଭାବ ସିଧାସଳଖ ଶେୟାର ବଜାର କାରବାର ଉପରେ ପଡୁଥିବା ବେଳେ ନିବେଶକମାନେ ମଧ ନିରାଶ ହେଉଛନ୍ତି। ଫଳରେ କ୍ରମାଗତ ବଜାର ଶେୟାର ହ୍ରାସ ଯୋଗୁ ନିବେଶକମାନେ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହୁଛନ୍ତି। ବୁଧବାର ବିଏସ୍‌ଇ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍‌ଇ) ରେ ବେଞ୍ଚମାର୍କ ଇକ୍ୱିଟି ସୂଚକାଙ୍କ ପ୍ରାୟ ୧% ହ୍ରାସ ଘଟିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୫ ପଏଣ୍ଟ ହ୍ରାସ ପାଇ ୫୭,୯୯୭ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍‌ଇ) ନିଫ୍ଟ ୫୦ରେ ୩୦ ପଏଣ୍ଟ ଖସି ୧୭,୩୨୨ ଅଙ୍କରେ କାରବାର ଶେଷ କରିଛି। ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୧୪୫.୩୭ ପଏଣ୍ଟ ହ୍ରାସ ଘଟି ୫୭,୯୯୬.୬୮ ଅଙ୍କରେ କାରବାର ଶେଷ କରିଥିବାବେଳେ ନିଫ୍ଟିରେ ମଧ ୩୦.୨୫ ପଏଣ୍ଟ କମି ୧୭,୩୨୨.୨୦ ରେ ରହିଥିବା ସୂଚନା ମିଳିଛି।

## ଭବାନିପାଟଣାରେ ଟ୍ରେଣ୍ଡ୍‌ସର ନୂତନ ଶୋ'ରୁମ୍

ଭୁବନେଶ୍ୱର,୧୬।୨




ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ 'ରିଲାଏନ୍ସ ରିଟେଲ'ର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍‌ସ' କଳାହାଣ୍ଡିର ଭବାନିପାଟଣା ସହରରେ ଏହାର ନୂଆ ଷ୍ଟୋର ଖୋଲିବା ସମ୍ପର୍କରେ ଘୋଷଣା କରିଛି। ଏହା ଭାରତର ଗ୍ରାହକଙ୍କ ସମ୍ପର୍କ ସୁଦୃଢ଼ ସହ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭକରି ଟିୟର-୧, ଟିୟର-୨ ଭଳି ସହର ଏବଂ ଆହୁରି ଅନେକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ ଜାରି ରଖିଛି। ୧୪ ହଜାରରୁ ଉର୍ଦ୍ଧ୍ୱ ବର୍ଗଫୁଟ ପରିମିତି ଜମିରେ ଏହି ଷ୍ଟୋର ପରିବ୍ୟାପ୍ତ ରହିଛି। ଏହି ସହରର ଗ୍ରାହକମାନେ ଏବେ ଟ୍ରେଣ୍ଡି ୱିମେନ ୱିୟର, ମେନ୍ସ ୱିୟର, କିଡ୍‌ସ ୱିୟର ଏବଂ ଫ୍ୟାଶନ ଆସେସୋରିଜ ଭଳି ସାମଗ୍ରୀ ଅତି ସ୍ୱତନ୍ତ୍ର ମୂଲ୍ୟରେ ପାଇବା ସହ ଚମତ୍କାର କିଣାକିଣି ଅନୁଭୂତି ପାଇବାକୁ ଆଶା ରଖିପାରିବେ। ଭବାନିପାଟଣା ସହରର ଏହା ପ୍ରଥମ ଟ୍ରେଣ୍ଡ୍‌ସ ଷ୍ଟୋର ହୋଇଥିବାରୁ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟ ସହିତ ସ୍ୱତନ୍ତ୍ର ପ୍ରାରମ୍ଭିକ ଅଫର ରହିଛି। ୩,୪୯୯ ଟଙ୍କାର କିଣାକିଣି କରି ୧୯୯ ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଇପାରିବେ। କେବଳ ସେତିକି ନୁହେଁ, ଗ୍ରାହକମାନଙ୍କୁ ୨,୯୯୯ ଟଙ୍କାର କିଣାକିଣି ସହିତ ୩୦୦୦ ଟଙ୍କା ମୂଲ୍ୟର କୁପନ ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି।

MISSING



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଲ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଲ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୫୮

ଫୁର୍‌ସତ୍

## ଏରିକାଙ୍କୁ 'ଦାଦା ସାହେବ ଫାଲ୍‌କେ'




**ମୁମ୍ବାଇ:** ଟିଭି ସିରିଏଲ୍ ଅଭିନେତ୍ରୀ ଏରିକା ଫର୍ନାଣ୍ଡିଜ୍ ନିଜ ଅଭିନୟର ଯାଦୁ ଦେଖାଇ ହାସଲ କରିଛନ୍ତି ଦାଦା ସାହେବ ଫାଲ୍‌କେ ପୁରସ୍କାର। ଏରିକାଙ୍କ 'କୁଛ୍ ରଙ୍ଗ ପ୍ୟାର କେ ଏସେ ଭି ୨'ରେ ସୋନାକ୍ଷୀଙ୍କ ଚରିତ୍ରରେ ଅଭିନୟ କରି ୨୦୨୧ର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଏହି ପୁରସ୍କାରର ଅଧିକାରୀ ହୋଇଛନ୍ତି। ଏ ନେଇ ଏରିକା ସୋସିଆଲ ମିଡିଆ ଆକାଉଣ୍ଟରେ ପରିବାର, ସାଙ୍ଗ ଏବଂ ଫ୍ୟାନ୍ସମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, 'ମୋତେ ଦାଦା ସାହେବ ଫାଲ୍‌କେ ଆୱାର୍ଡ ମିଳିବା ସମ୍ମାନର କଥା। ସୋନାକ୍ଷୀ ଚରିତ୍ରରେ ଅଭିନୟ କରିଥିବାବେଳେ ମୁଁ ନିଜ ହୃଦୟ ଏବଂ ଆତ୍ମା ଲଗାଇ ଦେଇଥିଲି।'

## କୁନି ଅତିଥି ଅପେକ୍ଷାରେ ମୋହନା



**ମୁମ୍ବାଇ:** ଲୋକପ୍ରିୟ ଟିଭି ସିରିୟଲ୍ 'ୟେ ରିସ୍ତା କ୍ୟା କେହେଲାତା ହୈ'ର ଅଭିନେତ୍ରୀ ମୋହନା କୁମାରୀ ସିଂଙ୍କ ଜୀବନରେ ଏକ ନୂଆ ମୋଡ ଆସିଛି। ଖୁବ୍‌ଶୀଘ୍ର ତାଙ୍କ ରାଜ ପରିବାରକୁ କୁନି ଅତିଥି ଆସିବା ନେଇ ସେ ତାଙ୍କ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ସୂଚନା ଦେଇଛନ୍ତି। ସେ ନିଜ ବେବି ବମ୍ପ ସହ ଫଟୋ ଶେୟାର କରି ଲେଖିଛନ୍ତି, 'ଏକ ନୂଆ ପର୍ଯ୍ୟାୟର ଆରମ୍ଭ'। ମୋହନା ୨୦୨୦ ଅକ୍ଟୋବରରେ ସିୱେସ୍ ରାୱତ୍‌ଙ୍କୁ ବିବାହ କରିଥିଲେ। ୨୦୧୯ ବମ୍ବେ ଟାଇମ୍ସକୁ ଦେଇଥିବା ଏକ ସାକ୍ଷାତକାରରେ ମୋହନା କହିଥିଲେ ଯେ, ସେ ବିବାହ ପରେ ଅଭିନୟ ଛାଡିବାକୁ ଚାହୁଁଛନ୍ତି। ତାଙ୍କ ବିବାହ ପରେ ସେ ମୁମ୍ବାଇ ଓ ଅଭିନୟକୁ ଅଲ୍‌ବିଦା କହିଥିଲେ। ପୂର୍ବରୁ ମୋହନା କୁମାରୀ ସିଂ 'ୟେ ରିସ୍ତା କ୍ୟା କେହେଲାତା ହୈ' ସମେତ 'ପ୍ୟାର୍ ତୁନେ କ୍ୟା କିଆ' ଏବଂ 'ଦିଲ ଦୋସ୍ତି ଡ୍ୟାନ୍ସ', 'ଝଲକ୍ ଦିଖଲା ଜା'ରେ ମଧ ଭାଗ ନେଇଥିଲେ।

ମନେ ପଡ଼ନ୍ତି
ପଞ୍ଚମ ମାସିକ ଶ୍ରାଦ୍ଧ ଉପଲକ୍ଷେ



୰ପ୍ରଭାତ ସୁନ୍ଦର ପାଣିଗ୍ରାହୀ
ଆବିର୍ଭାବ: ୧୩।୦୮।୧୯୪୦
ତିରୋଧାନ: ୨୧।୦୯।୨୦୨୧
ତୁମେ ଛାଡ଼ି ଯାଇଥିବା ତୁମର ପରିବାର, ଜ୍ୟେଷ୍ଠପୁତ୍ର: ଜୀତେନ, ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠ ପୁତ୍ର: ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି/ନାତୁଣୀ: ରୀମା, ସିତୁନ, ପପ୍‌ଲି, ପୀୟୁଷ, ନିତୁ ସମସ୍ତ ପରିବାରସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମର ଆତ୍ମା ସଦ୍‌ଗତି ହେଉ ।
ଧ-୬୮୮୯୪

## ଅମିତାଭଙ୍କ ପୂର୍ବ ଅଙ୍ଗରକ୍ଷୀ ନିଲମ୍ବିତ



ସର୍ଭିସ୍ ଆଇନ୍ ଉଲ୍ଲଂଘନ ଅଭିଯୋଗରେ ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ପୂର୍ବତନ ଅଙ୍ଗରକ୍ଷୀ ତଥା କନଷ୍ଟେବଳ ଜିତେନ୍ଦ୍ର ସିନ୍ଦେଙ୍କୁ ନିଲମ୍ବନ କରାଯାଇଛି। ସେ ୨୦୧୫ରୁ ୨୦୨୧ ଅଗଷ୍ଟ ପର୍ଯ୍ୟନ୍ତ ବିଗ୍ ବିଙ୍କ ସୁରକ୍ଷାରେ ନିୟୋଜିତ ଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଆସିବା ପରେ ତାଙ୍କୁ ଗତ ବର୍ଷ ଅଗଷ୍ଟରେ ଡି.ବି ମାର୍ଗ ପୋଲିସ ଷ୍ଟେଶନକୁ ବଦଳି କରାଯାଇଥିଲା। ଉପରିସ୍ଥ ଅଧିକାରିଙ୍କ ବିନା ଅନୁମତିରେ ଦେଶ ବାହାରକୁ ନ ଯିବାକୁ ମଧ ତାଗିଦ୍ କରାଯାଇଥିଲା। ତେବେ ରିପୋର୍ଟ ଅନୁଯାୟୀ, ସିନ୍ଦେ ଅଧିକାରୀଙ୍କ ବିନା ଅନୁମତିରେ ୪ଥର ସିଙ୍ଗାପୁର ଏବଂ ଦୁବାଇ ଯାତ୍ରା କରିଛନ୍ତି। ସର୍ଭିସ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ତାଙ୍କୁ ମୁମ୍ବାଇ ପୋଲିସ ଡିପାର୍ଟମେଣ୍ଟରୁ ନିଲମ୍ବନ କରାଯାଇଛି।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

BALAJI FINANCE
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

ଲୋନ୍ ଲୋନ୍ ଲୋନ୍
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
0% ସୁଧ, 35% ରିହାତି ।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର 890 ଟଙ୍କାରେ ।
9870683762

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ଫେବୃଆରୀ ୧୭/୨୦୨୨ Dhenkanal, Thursday, February 17/ 2022

# ଓଡ଼ିଶା ମହିଳା, ପୁରୁଷ ଦଳ ବିଜୟୀ

**ଫେଡେରେଶନ୍ କପ୍ ଭଲିବଲ**

**ଭୁବନେଶ୍ୱର, ୧୬।୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଭଲିବଲ ଆସୋସିଏସନ (ଓଭିଏ) ଆନୁକୂଲ୍ୟରେ କିଟ୍‌ର ବିଜୁପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଫେଡେରେଶନ୍ କପ୍ ଭଲିବଲ (ମହିଳା ଓ ପୁରୁଷ) ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ମହିଳା ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଥିବାବେଳେ ପୁରୁଷ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ଓଡ଼ିଶା ୩-୧ ସେଟ୍‌ରେ ପଶ୍ଚିମବଙ୍ଗକୁ ପରାସ୍ତ କରିଛି। ଦ୍ୱିତୀୟ ସେଟ୍‌ରେ ବେଙ୍ଗଲ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଓଡ଼ିଶା ମହିଳା ଶେଷରେ ୨୫-୨୧, ୨୧-୨୫, ୨୫-୧୮, ୨୭-୨୫ ପଏଣ୍ଟରେ ବିଜୟୀ ହୋଇଥିଲେ। ସେହିପରି ପୁରୁଷ ବିଭାଗରେ ପ୍ରଥମ ଦିନ ଆସାମକୁ ହରାଇଥିବା ଓଡ଼ିଶା ଦ୍ୱିତୀୟ ଦିବସରେ ଶକ୍ତିଶାଳୀ ସର୍ଭିସେସକୁ ୩-୧ (୨୫-୧୯, ୨୫-୨୩, ୨୪-୨୬, ୨୫-୧୯)ସେଟ୍‌ରେ ପରାସ୍ତ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୁରୁଷ ବିଭାଗରେ ଅନୁଷ୍ଠିତ ଅନ୍ୟ ମ୍ୟାଚରେ ତାମିଲନାଡୁ ୩-୨ (୨୫-୧୯, ୧୬-୨୫, ୨୦-୨୫, ୨୫-୨୩, ୧୭-୧୫) ସେଟ୍‌ରେ ହରିୟାଣାକୁ ଏବଂ ରାଜସ୍ଥାନ ୩-୦ (୨୭-୨୫, ୨୫-୨୧, ୨୫-୧୭) ସେଟ୍‌ରେ କେରଳକୁ ହରାଇ ଦେଇଛି। ପ୍ରକାଶଯୋଗ୍ୟ ଯେ, କ୍ରମାଗତ ୩ ବର୍ଷ ପାଇଁ ଜାତୀୟ ସିନିୟର ଭଲିବଲ ପ୍ରତିଯୋଗିତାର ସଫଳ ଆୟୋଜନ ପରେ ଏବେ କିଟ୍ ପରିସରରେ ପ୍ରଥମଥରପାଇଁ ସମ୍ମାନଜନକ ଫେଡେରେଶନ କପ୍ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି।



ପଶ୍ଚିମବଙ୍ଗକୁ ହରାଇବାପରେ ଓଡ଼ିଶା ମହିଳା ଭଲିବଲ ଦଳର ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

# ପ୍ରଥମ ଟି୨୦ ଜିତିଲା ଭାରତ

**କୋଲକାତା, ୧୬।୨**

ଇଡେନ ଗାର୍ଡେନ୍ସରେ ବୁଧବାର ଅନୁଷ୍ଠିତ ସିରିଜର ପ୍ରଥମ ଟି୨୦ କ୍ରିକେଟ ମ୍ୟାଚରେ ଭାରତ ୬ ଉଇକେଟରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇ ୱେଷ୍ଟଇଣ୍ଡିଜ ୨୦ ଓଭରରେ ୭ ଉଇକେଟରେ ୧୫୭ ରନ କରିଥିଲା। ଭାରତ ୧୮.୫ ଓଭରରେ ୪ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରି ଜିତିଥିଲା। ଏହି ବିଜୟ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।

ଦୁଇ ଓପନର ଅଧିନାୟକ ରୋହିତ ଶର୍ମା ଓ ଇଶାନ କିଶନଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ସହାୟତାରେ ଭାରତ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲା। ଆରମ୍ଭରୁ ଦ୍ରୁତ ହାରରେ ରନ ସଂଗ୍ରହ କରିଥିଲେ ରୋହିତ। ପ୍ରଥମ ଉଇକେଟରେ ୪୫ ବଲ୍‌ରୁ ୬୪ ରନ ଯୋଗ ହେବାପରେ ରୋହିତଙ୍କୁ ଆଉଟ କରି ୱେଷ୍ଟଇଣ୍ଡିଜକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ସ୍ପିନର ରଷ୍ଟନ ଚେଜ୍। ମାତ୍ର ୧୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ରୋହିତ ୪ ଚୌକା ଓ ୩ ଛକା ସହାୟତାରେ ୪୦ ରନ ସଂଗ୍ରହ କରିଥିଲେ। ଇଶାନ କିଶନ ଓ ବିରାଟ କୋହଲି ଇନିଂସକୁ ଆଗକୁ ବଢ଼ାଇଥିଲେ ହେଁ ରନ ହାର କମିଥିଲା। ନିଜ ୪ ଓଭର ସ୍ପେଲ୍‌ର ଅନ୍ତିମ ବଲ୍‌ରେ କିଶନ (୩୫ ରନ, ୪୨ ବଲ, ୪ ଚୌକା)ଙ୍କୁ ଆଉଟ କରିଥିଲେ ଚେଜ୍। ଖରାପ ଫର୍ମଦେଇ ଗତି କରୁଥିବା କୋହଲି ଏଠାରେ ମଧ୍ୟ ଅଧିକ ସମୟ ତିଷ୍ଠିପାରି ନ ଥିଲେ। ସେ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ୧୩ ବଲ୍‌ରୁ ୧ ଚୌକା ସହ ୧୭ ରନ କରିଥିବାବେଳେ ସେ ଅନ୍ୟତମ ସ୍ପିନର ଫାବିଆନ ଆଲେନଙ୍କ ବଲରେ କିରନ ପୋଲାର୍ଡଙ୍କୁ କ୍ୟାଚ ଦେଇ ପାଭିଲିୟନ ଫେରିଥିଲେ। ରିଷଭ ପନ୍ତ ମାତ୍ର ୮ ରନ କରି ଆଉଟ ହେବା ଭାରତକୁ ଶକ୍ତ ଧକ୍କା ପହଞ୍ଚାଇଥିଲା। ମାତ୍ର ସୂର୍ଯ୍ୟକୁମାର ଯାଦବ ଓ ଭେଙ୍କଟେଶ ଆୟାର ଦ୍ରୁତ ହାରରେ ରନ ସଂଗ୍ରହ କରି ୭ଟି ବଲ୍ ବାକିଥାଇ ଭାରତକୁ ବିଜୟୀ କରାଇଥିଲେ। ଅସମାପ୍ତ ୫ମ ଉଇକେଟରେ ଦୁହେଁ ୨୬ ବଲ୍‌ରୁ ୪୮ ରନ ଯୋଗ କରିଥିଲେ। ସୂର୍ଯ୍ୟକୁମାର ୧୮ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୩୪ ଓ ଭେଙ୍କଟେଶ୍ ଆୟାର ୧୩ ବଲ୍‌ରୁ ୨ ଚୌକା ଓ ୧ ଛକା ସହାୟତାରେ ୨୪ ରନରେ ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ରଷ୍ଟନ ଚେଜ୍ ୨ଟି ଏବଂ ଫାବିଆନ ଆଲେନ ଓ ଶେଲଡନ କଟ୍ରେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ପଦାର୍ପଣରେ ବିଷ୍ଣୋଇ ସଫଳ**

ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଏହି ମ୍ୟାଚରେ ଭାରତ ପକ୍ଷରୁ ଯୁବ ସ୍ପିନର ରବି ବିଷ୍ଣୋଇ ଅନ୍ତର୍ଜାତୀୟ ଟି୨୦ ପଦାର୍ପଣ କରିଥିଲେ। ୱେଷ୍ଟଇଣ୍ଡିଜର ଆରମ୍ଭ ଭଲ ହୋଇ ନ ଥିଲା। ଦଳ ପ୍ରଥମ ଓଭରରେ ଓପନର ବ୍ରେଣ୍ଡନ କିଙ୍ଗ୍ (୪)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କାଏଲ ମେୟର୍ସ ଓ ନିକୋଲସ ପୁରନ ଦ୍ୱିତୀୟ ଉଇକେଟରେ ୩୬ ବଲ୍‌ରୁ ୪୭ ରନ ଯୋଡ଼ି ଇନିଂସ ସମ୍ଭାଳିଥିଲେ। ୨୪ ବଲ୍‌ରୁ ୭ ଚୌକା ସହାୟତାରେ ୩୧ ରନ କରିଥିବା ମେୟର୍ସଙ୍କୁ ଏଲବିଡବ୍ଲ୍ୟୁ କରି ତାରକା ସ୍ପିନର ଯୁଜବେନ୍ଦ୍ର ଚହଲ ଯୋଡ଼ି ଭାଙ୍ଗିଥିଲେ। ପୁରନ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିଲେ ହେଁ ୧୧ତମ ଓଭରରେ ରଷ୍ଟନ ଚେଜ୍ (୪) ଓ ରୋଭମାନ ପଓ୍ୱେଲ (୨)ଙ୍କୁ ଆଉଟ କରି ନିଜ ପ୍ରଥମ ମ୍ୟାଚରେ ବଡ଼ ସଫଳତା ପାଇଥିଲେ ରବି ବିଷ୍ଣୋଇ। ଆକେଲ ହୋସେନ ମଧ୍ୟ ମାତ୍ର ୧୦ ରନ କରି ଦୀପକ ଚହରଙ୍କ ଶିକାର ହୋଇଥିଲେ। ପୁରନ ଓ ଅଧିନାୟକ କିରନ ପୋଲାର୍ଡଙ୍କ ୬ଷ୍ଠ ଉଇକେଟ ଯୋଡ଼ିରେ ୨୫ ବଲ୍‌ରୁ ୪୫ ରନ ଯୋଗ ହେବାରୁ ୱେଷ୍ଟଇଣ୍ଡିଜ ୧୫୭ ରନର ସମ୍ମାନଜନକ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଅର୍ଦ୍ଧଶତକ ହାସଲ କରିଥିବା ପୁରନ ୪୩ ବଲ୍‌ରୁ ୪ ଚୌକା ଓ ୫ ଛକା ସହାୟତାରେ ସର୍ବାଧିକ ୬୧ ରନକରି ଆଉଟ ହୋଇଥିବାବେଳେ ପୋଲାର୍ଡ ୧୯ ବଲ୍‌ରୁ ୨୪ (୨ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ଭାରତୀୟ ବୋଲରମାନେ ଅତିରିକ୍ତଭାବେ ୧୭ ରନ ବ୍ୟୟ କରିଥିଲେ। ହର୍ଶଲ ପଟେଲ ଓ ରବି ବିଷ୍ଣୋଇ ୨ଟି ଲେଖାଏ ଏବଂ ଭୁବନେଶ୍ୱର କୁମାର, ଦୀପକ ଚହର ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଅନ୍ତର୍ଜାତୀୟ ଟି୨୦ ପଦାର୍ପଣରେ ଦୁଇଟି ଉଇକେଟ ନେଇଥିବା ରବି ବିଷ୍ଣୋଇ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୫୭/୭(ନିକୋଲସ ପୁରନ-୬୧, କାଏଲ ମେୟର୍ସ-୩୧, କିରନ ପୋଲାର୍ଡ-୨୪*, ହର୍ଶଲ ପଟେଲ-୨/୩୭, ରବି ବିଷ୍ଣୋଇ-୨/୧୭, ଭୁବନେଶ୍ୱର କୁମାର-୧/୩୧, ଦୀପକ ଚହର-୧/୨୮, ଯୁଜବେନ୍ଦ୍ର ଚହଲ-୧/୩୪)। ଭାରତ ୧୮.୫ ଓଭରରେ ୧୬୨/୪ (ରୋହିତ ଶର୍ମା-୪୦, ଇଶାନ କିଶନ-୩୫, ସୂର୍ଯ୍ୟକୁମାର ଯାଦବ-୩୪*, ଭେଙ୍କଟେଶ ଆୟାର-୨୪*, ରଷ୍ଟନ ଚେଜ୍-୨/୧୪, ଫାବିଆନ ଆଲେନ-୧/୨୩, ଶେଲଡନ କଟ୍ରେଲ-୧/୩୫)।

# ଆଇପିଏଲ୍‌ର ପ୍ରଥମ କିଛି ମ୍ୟାଚ ଖେଳିବେନି ମ୍ୟାକ୍ସୱେଲ



ଗ୍ଲେନ ମ୍ୟାକ୍ସୱେଲଙ୍କ ସହ ଭିନି ରମଣ।

**ମେଲବୋର୍ନ, ୧୬।୨ (ପି.ଟି.)**

ଅଷ୍ଟ୍ରେଲିଆନ ଅଲ୍‌ରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ଆସନ୍ତା ମାସରେ ବିବାହ କରିବାକୁ ଯାଉଛନ୍ତି। ସେଥିପାଇଁ ସେ ପାକିସ୍ତାନ ଟୁର୍ ମିସ୍ କରିବା ସହ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପ୍ରଥମ କିଛି ମ୍ୟାଚ ଖେଳି ପାରିବେ ନାହିଁ। କାର୍ଯ୍ୟସୂଚୀରେ ପରିବର୍ତ୍ତନ ଯୋଗୁ ଏହା ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ଫାକ୍ସ ସ୍ପୋର୍ଟ୍ସକୁ ସାକ୍ଷାତକାର ଅବସରରେ ମ୍ୟାକ୍ସୱେଲ ପ୍ରକାଶ କରିଛନ୍ତି। ଆଇପିଏଲ୍‌ର ମେଗା ନିଲାମ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ବିରାଟ କୋହଲି ଓ ମହମ୍ମଦ ସିରାଜଙ୍କ ସହ ମ୍ୟାକ୍ସୱେଲଙ୍କୁ ରିଟେନ ରଖିଥିଲା। ପୂର୍ବରୁ ମୁଁ ଯେତେବେଳେ କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ସହିତ ତାରିଖ ଧାର୍ଯ୍ୟ କରିଥିଲି ୨ ସପ୍ତାହ ବ୍ୟବଧାନ ରହିଥିଲା। ଫଳରେ କୌଣସି ସିରିଜ ମିସ୍ କରିବି ନାହିଁ ଜାଣି ଖୁସିଥିଲି ବୋଲି କାନ୍‌ବେରାଠାରେ ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟି୨୦ ପରେ ମ୍ୟାକ୍ସୱେଲ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ ମ୍ୟାକ୍ସୱେଲ ଭାରତୀୟ ବଂଶୋଦ୍ଭବ ଭିନି ରମଣଙ୍କୁ ମାର୍ଚ୍ଚ ୨୭ରେ ବିବାହ କରିବାକୁ ଯାଉଛନ୍ତି। ଭିନି ତାମିଲ ବ୍ରାହ୍ମଣ ପରିବାରର ହୋଇଥିବାରୁ ବିବାହ ଉତ୍ସବ ହିନ୍ଦୁ ରୀତିନୀତିରେ ହେବ ବୋଲି ଜଣାଯାଇଛି। ଆଇପିଏଲ୍ ମାର୍ଚ୍ଚ ଶେଷ ସପ୍ତାହରେ ଆରମ୍ଭ ହେବାର ସମ୍ଭାବନା ଥିବାବେଳେ ଅଷ୍ଟ୍ରେଲିଆ-ପାକିସ୍ତାନ ସୀମିତ ଓଭର କ୍ରିକେଟ ସିରିଜ ମାର୍ଚ୍ଚ ୨୯ରୁ ଖେଳାଯିବ।

# ଆୟାର କେକେଆର୍ ଅଧିନାୟକ

**କୋଲକାତା, ୧୬।୨ (ପି.ଟି.):**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍-୧୫)ର ଆଗାମୀ ସଂସ୍କରଣ ପାଇଁ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଭାରତୀୟ ବ୍ୟାଟର ଶ୍ରେୟାସ ଆୟାରଙ୍କୁ ନୂଆ ଅଧିନାୟକ ନିଯୁକ୍ତ କରିଛି। ନିକଟରେ ଅନୁଷ୍ଠିତ ମେଗା ନିଲାମରେ କେକେଆର୍ ଆୟାରଙ୍କୁ ୧୨.୨୫ କୋଟି ଟଙ୍କାରେ କିଣିଥିଲା। ୨୦୨୦ ଆଇପିଏଲ୍‌ରେ ଆୟାର ଦିଲ୍ଲୀ କ୍ୟାପିଟାଲ୍ସ ଦଳର ନେତୃତ୍ୱ ନେଇଥିଲେ। ୨୦୨୧ ସିଜନରେ ଦିଲ୍ଲୀ ତାଙ୍କୁ ରିଲିଜ କରିଥିଲା। ଅନ୍ୟପକ୍ଷରେ ଇଅନ ମୋର୍ଗାନଙ୍କୁ ଛାଡ଼ିବାପରେ କୋଲକାତା ଫ୍ରାଞ୍ଚାଇଜ୍ ନୂଆ ଅଧିନାୟକ ଆବଶ୍ୟକ କରୁଥିଲା। "ଆୟାର ଆମ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଉଚ୍ଚସ୍ତରରେ ସେ ଜଣେ କ୍ୱାଲିଟି ବ୍ୟାଟର। କେକେଆର୍ ଟିମ୍ ଲିଡରଭାବରେ ସେ ଆହୁରି ଉନ୍ନତି କରିବା ଆଶା" ବୋଲି ଟିମ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଭେଙ୍କି ମାଇସୋର କହିଛନ୍ତି। ନୂଆ ଦାୟିତ୍ୱ ପାଇଁ ସେ ପ୍ରସ୍ତୁତ ବୋଲି ଆୟାର ନିଜ ପ୍ରତିକ୍ରିୟାରେ କହିଛନ୍ତି। କେକେଆର୍ ପରି ଦଳର ଅଧିନାୟକ ହେବା ମୋ ପାଇଁ ସମ୍ମାନର କଥା। ଆଇପିଏଲ୍ ବିଭିନ୍ନ ଦେଶ ଏବଂ ସଂସ୍କୃତିର ବ୍ୟକ୍ତିଙ୍କୁ ଏକାଠି କରିଥାଏ। ପ୍ରତିଭାସମ୍ପନ୍ନ ଖେଳାଳିରେ ଏହି ଦଳ ସମୃଦ୍ଧ। ଏହାର ନେତୃତ୍ୱ ନେବାକୁ ମୁଁ ପ୍ରସ୍ତୁତ" ବୋଲି ଆୟାର ପ୍ରକାଶ କରିଛନ୍ତି। ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକକୁଲମ ମଧ୍ୟ ଆୟାରଙ୍କୁ ଦଳରେ ପାଇ ଉତ୍ସାହିତ ଅଛନ୍ତି।

# ମା' ନାଗେଶ୍ୱରୀ କ୍ରିକେଟ: ହରିଅନ୍ତା ଚାମ୍ପିୟନ





ଟ୍ରଫି ସହ ବିଜୟୀ ହରିଅନ୍ତା ଦଳର ଖେଳାଳି।

**କଣ୍ଟାପଡା, ୧୬।୨(ଡି.ଏନ୍.ଏ.)**

ମା' ନାଗେଶ୍ୱରୀ କ୍ରିକେଟ କ୍ଲବ ଅଲାରପୁର ପକ୍ଷରୁ ଆୟୋଜିତ ଟି୧୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଶେଷ ହୋଇଛି। ଏହାର ଫାଇନାଲରେ ଆୟୋଜକ ମା' ନାଗେଶ୍ୱରୀ କ୍ରିକେଟ କ୍ଲବକୁ ୩୦ ରନରେ ହରାଇ ହରିଅନ୍ତା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ହରିଅନ୍ତା ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୮୫ ରନ କରିଥିଲା। ଜବାବରେ ଆୟୋଜକ କ୍ଲବ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୫୫ ରନ କରିବାକୁ ସକ୍ଷମ ହୋଇଥିଲା। ସତ୍ୟବ୍ରତ ସ୍ୱାଇଁ ଓ ସୁଜିତ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ବିଜୟୀ ଦଳକୁ ଅତିଥିମାନେ ୭୦୦୦ ଓ ରନର୍ସ ଅପ ଦଳକୁ ୪୦୦୦ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରିଥିଲେ।

# ଓଡ଼ିଶା ଏଫ୍‌ସି-ଚେନ୍ନାଇନ୍ ମ୍ୟାଚ ଡ୍ର

**ଭାସ୍କୋ, ୧୬।୨**

ସ୍ଥାନୀୟ ତିଳକ ମୈଦାନରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍‌ରେ ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଉଭୟ ଦଳ ଅଗ୍ରଣୀ ସୁଯୋଗ ପାଇଥିଲେ ହେଁ ତାହାକୁ ବଳବତ୍ତର ରଖିପାରି ନ ଥିଲେ। ମ୍ୟାଚର ୨ୟ ମିନିଟରେ ରହିମ ଅଲୀ ଗୋଲ ଦେଇ ଚେନ୍ନାଇନ୍‌କୁ ଅଗ୍ରଣୀ କରାଇଥିଲେ। ୧୮ତମ ମିନିଟରେ ଓଡ଼ିଶା ଏଫ୍‌ସିର ଜାଭି ହେର୍ନାଣ୍ଡେଜ ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ସେହିପରି ୫୧ତମ ମିନିଟରେ ଜୋନାଥନ ଡି' ଜେସୁସଙ୍କ ଗୋଲ ବଳରେ ଓଡ଼ିଶା ଏଫ୍‌ସି ଅଗ୍ରଣୀ ନେଇ ବିଜୟ ଆଶା ସୃଷ୍ଟି କରିଥିଲା। ମାତ୍ର ୬୯ତମ ମିନିଟରେ ଚେନ୍ନାଇନ୍‌ର ନେରିଜୁସ ଭାଲ୍ସକିସ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ଅବଶିଷ୍ଟ ସମୟରେ ଗୋଲ ନ ହେବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଏହି ଡ୍ର ପରେ ଓଡ଼ିଶା ଏଫ୍‌ସି ୧୭ ମ୍ୟାଚରୁ ୨୨ ପଏଣ୍ଟ ସହିତ ୭ମ ଓ ଚେନ୍ନାଇନ୍ ୧୭ ମ୍ୟାଚରୁ ୨୦ ପଏଣ୍ଟ ସହ ୮ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।

# ସାଇ-ଏସ୍‌ଟିସି, ଇଷ୍ଟକୋଷ୍ଟ ରେଲୱେ ବିଜୟୀ

**ଓଡ଼ିଶା ଓମେନ୍ସ ଲିଗ୍**

**ଭୁବନେଶ୍ୱର, ୧୬।୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍) ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ୫ମ ଓ ୬ଷ୍ଠ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସାଇ-ଏସ୍‌ଟିସି ଓ ଇଷ୍ଟକୋଷ୍ଟ ରେଲୱେ ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ସାଇ-ଏସ୍‌ଟିସି ୧-୦ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମ୍ୟାଚର ୭୬ତମ ମିନିଟରେ ଦୀପା ନାୟକ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। କପୁରା ମୁର୍ମୁ, ବବ୍‌ଲି ଗଡ଼ନାୟକ, ବୀଣାପାଣି ବିରୁଆ ଓ ବିଷ୍ଣୁପ୍ରିୟା ଦାସ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ଦୁର୍ଗାମାଧବ ନାଏକ। କ୍ୟାପିଟାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ୩-୨ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ଦେଇଛି। ରେଲୱେ ଦଳ ପକ୍ଷରୁ ଲହରି ମଙ୍ଗରାଜ ୭, ଲୋଚନା ମୁଣ୍ଡା ୨୧ ଓ ତାରା ଖାତୁନ ୭୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଇଜିଂ ଷ୍ଟୁଡେଣ୍ଟ ଦଳର ପ୍ରେମଶୀଳା ଲୁଗୁନ ୬୩ ଓ ଆଶ୍ରିତା କଙ୍ଗଡ଼ି ୮୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ପ୍ରଦୀପ୍ତ ନାୟକ, ଆଲୋକ ଦେହୁରି, ଧନେଶ୍ୱର ସର୍ଦ୍ଦାର ଓ ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିବାବେଳେ ସୁଦୀପ୍ତା ଦାସ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ୧୭ ତାରିଖ ବିଶ୍ରାମ ଦିବସ ଥିବାବେଳେ ୧୮ ତାରିଖରେ ୩ଟି ମ୍ୟାଚ ଅନୁଷ୍ଠିତ ହେବ। କ୍ୟାପିଟାଲ ଗ୍ରାଉଣ୍ଡରେ ପୂର୍ବାହ୍ନ ୮ଟାରେ ଇଷ୍ଟକୋଷ୍ଟ ରେଲୱେ-ସାଇ ଏସ୍‌ଟିସି ଏବଂ ଅପରାହ୍ନ ୨ଟା ୩୦ରେ ଓଡ଼ିଶା ପୋଲିସ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ମୁକାବିଲା ହେବ। କଳିଙ୍ଗ ଷ୍ଟାଡିୟମରେ ସ୍ପୋର୍ଟ୍ସ ଓଡ଼ିଶା ଓ ଓଜିପି କ୍ଲବ ମଧ୍ୟରେ ଅପରାହ୍ନ ୨ଟା ୩୦ରେ ମ୍ୟାଚ ଖେଳାଯିବ।



କ୍ୟାପିଟାଲ ଗ୍ରାଉଣ୍ଡରେ ବୁଧବାର ଇଷ୍ଟକୋଷ୍ଟ ରେଲୱେ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ପ୍ରଥମ ମ୍ୟାଚରେ ଗୋଆକୁ ଭେଟିବ ଓଡ଼ିଶା

**ଅହମଦାବାଦ, ୧୬।୨ (ପି.ଟି.)**

ଭାରତୀୟ କ୍ରିକେଟର ମେରୁଦଣ୍ଡ ରଣଜୀ ଟ୍ରଫି ଦୀର୍ଘ ୨ ବର୍ଷ ବ୍ୟବଧାନରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। କରୋନା ମହାମାରୀ ଯୋଗୁ ଦେଶର ଏହି ପ୍ରମୁଖ ଘରୋଇ କ୍ରିକେଟ ପ୍ରତିଯୋଗିତା ପ୍ରଭାବିତ ହୋଇଥିଲା। ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଦେଶର ୧୯ଟି ଭେନ୍ୟୁରେ ଗୁରୁବାରଠାରୁ ଆରମ୍ଭ ହେବ। ଏଥିରେ ଘରୋଇ କ୍ରିକେଟରମାନେ ନିଜ ଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ସେହିପରି ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରାଙ୍କ ପରି ଭେଟେରାନ ଖେଳାଳିଙ୍କ ଟେଷ୍ଟ କ୍ୟାରିୟର ମଧ୍ୟ ଏହି ପ୍ରତିଯୋଗିତା ନିର୍ଦ୍ଧାରଣ କରିବ।

ଗୋଆ ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ଏଲିଟ୍ ଗ୍ରୁପ୍ 'ଡି'ର ଏହି ମ୍ୟାଚ ଅହମଦାବାଦଠାରେ ଖେଳାଯିବ। ସେହିପରି ଭୁବନେଶ୍ୱରର ବିକାଶ ଗ୍ରାଉଣ୍ଡରେ ଏଲିଟ ଗ୍ରୁପ୍-ବି'ର ହାଇଦ୍ରାବାଦ-ଚଣ୍ଡିଗଡ଼ ଏବଂ କଟକର ବାରବାଟୀ ଷ୍ଟାଡିୟମରେ ବରୋଦା-ବେଙ୍ଗଲ ମ୍ୟାଚ ଅନୁଷ୍ଠିତ ହେବ। କୋଭିଡ-୧୯ର ତୃତୀୟ ଲହର ଯୋଗୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ରଣଜୀ ଟ୍ରଫି ଆରମ୍ଭ ହେବା ନେଇ ସନ୍ଦେହ ଦେଖାଦେଇଥିଲା। ମାତ୍ର ସଂକ୍ରମଣ ହାର କମିବା ଯୋଗୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ପ୍ରତିଯୋଗିତାକୁ ୩୮ ଦଳ ବିଶିଷ୍ଟ କରିବାକୁ ନିଷ୍ପତ୍ତି ନେଇଥିଲା। ବାୟୋ-ବବ୍‌ଲ ପରିବେଶ ମଧ୍ୟରେ ରହି ଖେଳାଳିମାନେ ମ୍ୟାଚ ଖେଳିବେ। ଏଲିଟ ଗ୍ରୁପ୍ 'ଡି'ର ଅନ୍ୟ ଏକ ମ୍ୟାଚ ଗତଥରର ଚାମ୍ପିୟନ ସୌରାଷ୍ଟ୍ର ଓ ୪୧ଥର ଟାଇଟଲ ବିଜୟୀ ମୁମ୍ବାଇ ମଧ୍ୟରେ ଅହମଦାବାଦଠାରେ ଆରମ୍ଭ ହେବ। ଏହି ମ୍ୟାଚ ଉପରେ ସମସ୍ତଙ୍କ ନଜର ରହିବ। କାରଣ ମୁମ୍ବାଇ ଦଳରେ ରାହାନେ ଏବଂ ସୌରାଷ୍ଟ୍ର ଦଳରୁ ପୂଜାରା ଖେଳିବେ। ନିକଟ ଅତୀତରେ ଖରାପ ପ୍ରଦର୍ଶନ ଯୋଗୁ ଉଭୟଙ୍କ ଟେଷ୍ଟ କ୍ୟାରିୟର ସଙ୍କଟରେ ପଡ଼ିଛି। ତେଣୁ ରଣଜୀ ଟ୍ରଫିରେ ଉଭୟ ଖେଳାଳି ବଡ଼ ସ୍କୋର କରିପାରୁଛନ୍ତି କି ନାହିଁ ତାହା ଦେଖିବାକୁ ଉତ୍ସୁକତା ବଢ଼ିଛି। ରାହାନେ ଓ ପୂଜାରା ନେଟ୍ସରେ ନିଜ ନିଜ ଦଳର କୋଚ୍‌ଙ୍କ ସହ ଦୀର୍ଘ ସମୟ ବିତାଇଥିବା ଦେଖିବାକୁ ମିଳିଛି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ଭାରତୀୟ ଦଳ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ଏ ଦୁହେଁ ସେଥିରେ ସ୍ଥାନ ପାଇବେ କି ନାହିଁ ତାହା ଏହି ମ୍ୟାଚର ପ୍ରଦର୍ଶନ ଉପରେ ନିର୍ଭର କରିବ।

ଦେଶର ୯ଟି ଭେନ୍ୟୁରେ ବାୟୋ-ବବ୍‌ଲ ସୃଷ୍ଟି କରାଯାଇଛି। ଖେଳାଳିମାନେ ୫ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ପ୍ରଥମ ରାଉଣ୍ଡ ମ୍ୟାଚ ପୂର୍ବରୁ ଟ୍ରେନିଂ ପାଇଁ ମାତ୍ର ୨ ଦିନ ଲେଖାଏ ସମୟ ପାଇଛନ୍ତି। ଏଥିରେ ଖେଳାଳିମାନେ ଆପତ୍ତି ଜଣାଇବା ପରିବର୍ତ୍ତେ ରଣଜୀ ଟ୍ରଫି ପୁଣି ଆରମ୍ଭ ହେବାକୁ ଯାଉଥିବାରୁ ଖୁସି ଜାହିର କରିଛନ୍ତି। ଦୀର୍ଘଦିନଧରି ଖେଳି ନ ଥିବାରୁ ଉଭୟ ଘରୋଇ ବ୍ୟାଟର ଓ ବୋଲରଙ୍କ ପାଇଁ ନିଜକୁ ଫିଟ୍ ରଖିବା କଷ୍ଟକର ହେବ। "ରେଡ୍ ବଲ୍ କ୍ରିକେଟ ଆରମ୍ଭ ହେବାକୁ ଯାଉଥିବାରୁ ବହୁତ ଖୁସି ଲାଗୁଛି। ଖେଳାଳିମାନେ ଉଭୟ ଆର୍ଥିକ ଓ ଦକ୍ଷତା ଦୃଷ୍ଟିରୁ ବହୁ କ୍ଷତି ସହିଛନ୍ତି। ସମସ୍ତେ ଆଗାମୀ ଚ୍ୟାଲେଞ୍ଜ ପାଇଁ ପ୍ରସ୍ତୁତ" ବୋଲି ଦିଲ୍ଲୀ କୋଚ୍ ରାଜ କୁମାର ଶର୍ମା ପ୍ରକାଶ କରିଛନ୍ତି। ଅଧିକାଂଶ ଦଳ ପାଇଁ ଏହା ସବୁଠାରୁ ଛୋଟ ପ୍ରଥମଶ୍ରେଣୀ ସିଜନ ହେବ।



କଟକ ବାରବାଟୀ ଷ୍ଟାଡିୟମରେ ବେଙ୍ଗଲ ରଣଜୀ ଦଳର ୱାର୍ମଅପ୍। (ଫଟୋ: ରାଜକିଶୋର ମହାନ୍ତି)

**ଆଜିଠାରୁ ରଣଜୀ ଟ୍ରଫି**

- ଭୁବନେଶ୍ୱରରେ ହାଇଦ୍ରାବାଦ୍ ବନାମ ଚଣ୍ଡିଗଡ଼ (ଏଲିଟ ଗ୍ରୁପ୍-ବି)
- କଟକରେ ବରୋଦା-ବେଙ୍ଗଲ (ଏଲିଟ ଗ୍ରୁପ୍-ବି)



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

DHARITRI

ଢେଙ୍କାନାଳ, ଗୁରୁବାର, ଫେବୃୟାରୀ ୧୭/୨୦୨୨ (୮+୮=୧୬ ପୃଷ୍ଠା)

Dhenkanal, Thursday, February 17/2022



## ପୁଟିନ୍‌ଙ୍କୁ ଭେଟିବେ ବୋଲ୍‌ସେନାରୋ

ଆମେରିକା ପକ୍ଷରୁ ଚାପ ସତ୍ତ୍ୱେ ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲସେନାରୋ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନଙ୍କ ସହ ଆଲୋଚନା କରିବାକୁ ମସ୍କୋରେ ପହଞ୍ଚିଛନ୍ତି।

୦୩

୦୪

## ନୋଏଲଙ୍କ ସ୍ୱପ୍ନ ସାକାର

ବେଜିଂ ୱିଣ୍ଟର ଅଲିମ୍ପିକ୍ସର ସ୍ଲାଲୋମ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ସ୍ୱପ୍ନ ସାକାର କରିଛନ୍ତି ଫ୍ରାନ୍ସ ସ୍କି ରେସର କ୍ଲେମେଣ୍ଟ ନୋଏଲ।



### ଆରପାରିରେ ବାପି ଲାହିରୀ




# ୟୁକ୍ରେନ୍ ଉପରେ ସାଇବର ଆକ୍ରମଣ

## ରୁଷିଆ ଭୟଙ୍କର ପରିଣାମ ଭୋଗିବ: ଆମେରିକା

କ୍ୱିଭ୍, ୧୬।୨




ସୀମାରେ ରୁଷିଆ ସହ ମୁହାଁମୁହିଁ ଅବସ୍ଥାରେ ଥିବା ୟୁକ୍ରେନ୍ ଉପରେ ବୁଧବାର ସାଇବର ହ୍ୟାକର୍ସ ଆଟାକ୍ କରିଛନ୍ତି। ଏହି ଆକ୍ରମଣରେ ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ବହୁଳ ପ୍ରଭାବିତ ହୋଇଛି। ଏଥିଯୋଗୁ ମନ୍ତ୍ରଣାଳୟର ୱେବ୍‌ସାଇଟ୍‌କୁ ୟୁଜର୍ସ ଆକ୍‌ସେସ୍ କରିପାରି ନାହାନ୍ତି। କେବଳ ଏତିକି ନୁହେଁ, ଦୁଇଟି ବ୍ୟାଙ୍କର ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ସେବା ମଧ୍ୟ ବିପର୍ଯ୍ୟସ୍ତ ହୋଇଥିବା ୟୁକ୍ରେନ୍ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହା ପଛରେ ରୁଷିଆର ହାତ ଥିବା ୟୁକ୍ରେନ୍ କହିଛି।

ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଟୁଇଟ୍ କରି କହିଛି, ୱେବ୍‌ସାଇଟ୍‌କୁ ଡିଷ୍ଟ୍ରିବ୍ୟୁଟେଡ୍ ଡିନାଏଲ୍ ଅଫ୍ ସର୍ଭିସ୍ (ଡିଡିଓଏସ୍) ଜରିଆରେ ସାଇବର ଆକ୍ରମଣ କରାଯାଇଛି। ଫଳରେ ପ୍ରତି ସେକେଣ୍ଡରେ ଅତ୍ୟଧିକ ସଂଖ୍ୟାରେ ରିକ୍ୱେଷ୍ଟ ଆସିବାରେ ଲାଗିଛି। ଏହାକୁ ସଚଳ କରିବା ପାଇଁ ଉଦ୍ୟମ ଜାରି ରହିଛି। ଫେସ୍‌ବୁକ୍ ଓ ଟୁଇଟର୍ ପେଜ୍ ଜରିଆରେ ଯୋଗସୂତ୍ର ରକ୍ଷା କରାଯାଉଥିବା ଏଥିରେ କୁହାଯାଇଛି। ୟୁକ୍ରେନ୍ ସରକାରଙ୍କ ସେଣ୍ଟର ଫର୍ ଷ୍ଟ୍ରାଟେଜିକ୍ କମ୍ୟୁନିକେଶନ ପକ୍ଷରୁ କୁହାଯାଇଛି ଯେ, ଦୁଇଟି ବ୍ୟାଙ୍କ ମଧ୍ୟ ସାଇବର ଆଟାକ୍‌ର ଶିକାର ହୋଇଛି। ଅନ୍‌ଲାଇନ୍ ବାଲାନ୍ସ ଇନ୍‌କ୍ୱାରି, ପେମେଣ୍ଟ ସମେତ ଅନେକ ଅନ୍‌ଲାଇନ୍ ସେବା ବ୍ଲକ୍ ହୋଇଯାଇଛି। ଏଥିଯୋଗୁ ଏଟିଏମ୍ ସେବା ବାଧାପ୍ରାପ୍ତ ହୋଇଛି। ଏହି ଆକ୍ରମଣ ପଛରେ ରୁଷିଆର ହାତ ଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ପ୍ରକାଶ ଯେ, ଏହା ପୂର୍ବରୁ ରୁଷିଆ ୟୁକ୍ରେନ୍ ଉପରେ ଅନେକ ଥର ଏଭଳି ଆଟାକ୍ କରିସାରିଛି। ଗତମାସରେ ରୁଷିଆ ପ୍ରାୟୋଜିତ ହ୍ୟାକରମାନେ ୟୁକ୍ରେନ୍ ଉପରେ ବଡ଼ ଧରଣର ସାଇବର ଆକ୍ରମଣ କରିଥିଲେ। ସେତେବେଳେ ଦେଶର ଅନେକ ସରକାରୀ ୱେବ୍‌ସାଇଟ୍ ଅଚଳ ହୋଇଯାଇଥିଲା। ଇତିମଧ୍ୟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି, ୟୁକ୍ରେନ୍‌କୁ ନେଇ ରୁଷିଆ ସହ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଉପୁଜିଥିବା ମୁହାଁମୁହିଁ ସ୍ଥିତିର ସମାଧାନ ପାଇଁ କୂଟନୈତିକ ସ୍ତରରେ ଉଦ୍ୟମ ଜାରି ରହିଛି। ପଡ଼ୋଶୀ ଦେଶ ଉପରେ ରୁଷିଆ ଆକ୍ରମଣ କଲେ ଭୟଙ୍କର ପରିଣାମ ଭୋଗିବ ବୋଲି ବାଇଡେନ୍ ଚେତାଇ ଦେଇଛନ୍ତି।

## ଯୁଦ୍ଧ ଭୟ: ବିମାନ ଟିକେଟ ଦର ଆକାଶଛୁଆଁ

ନୂଆଦିଲ୍ଲୀ, ୧୬।୨

ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନାଗରିକମାନଙ୍କୁ ୟୁକ୍ରେନ୍ ଛାଡ଼ିବାକୁ ପରାମର୍ଶ ଦିଆଯିବା ସତ୍ତ୍ୱେ ସେଠାରେ ଥିବା ଅନେକ ଛାତ୍ରୀଛାତ୍ର ଫେରିପାରି ନାହାନ୍ତି। ଭାରତୀୟଙ୍କ ୟୁକ୍ରେନ୍ ଛାଡ଼ିବାରେ ପ୍ରତିବନ୍ଧକ ସାଜିଛି ବିମାନର

### ୟୁକ୍ରେନ୍‌ରୁ ଫେରିପାରୁ ନାହାନ୍ତି ଭାରତୀୟ

ଆକାଶଛୁଆଁ ଟିକେଟ ଦର। ୟୁକ୍ରେନ୍ ରାଜଧାନୀ କ୍ୱିଭ୍‌ରୁ ନୂଆଦିଲ୍ଲୀକୁ ଆସିବା ପାଇଁ ସ୍ୱାଭାବିକ ସମୟରେ ଟିକେଟ ମୂଲ୍ୟ ୨୧,୦୦୦ରୁ ୨୬,୦୦୦ ଟଙ୍କା ପଡୁଥିବାବେଳେ ରୁଷିଆର ଆକ୍ରମଣ ଆଶଙ୍କାଜନିତ ସାମ୍ପ୍ରତିକ ସ୍ଥିତିରେ ଏହା ୫୦,୦୦୦ରୁ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଟ୍ରାଭେଲ ଏଜେଣ୍ଟମାନେ ମଧ୍ୟ ଫାଇଦା ଉଠାଇ ଯାତ୍ରୀଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ୟୁକ୍ରେନ୍ ରାଜଧାନୀ କ୍ୱିଭ୍‌ରେ ଡାକ୍ତରୀ ପଢୁଥିବା ଜଣେ ଛାତ୍ର କହିଛନ୍ତି, ଆମ ପାଖରେ ଏତେ ଟଙ୍କା ନାହିଁ। ସ୍ୱଦେଶ ଫେରିବା ପାଇଁ ଭାରତ ସରକାର ଆମ ବ୍ୟବସ୍ଥା କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି।

# ଜେଲ ଗଲେ ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ର

### ଆୟର ୪୮୯% ଅଧିକ ସମ୍ପତ୍ତି ଠାବ

କଟକ ଅଫିସ, ୧୬।୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୋଲିସ କମ୍ୟୁନିକେଶନ ସେଲ୍‌ର ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ର ବୁଧବାର ଗିରଫ ହୋଇଛନ୍ତି। ତାଙ୍କୁ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସନ୍ଧ୍ୟା ୭ଟାରେ କଡ଼ା ସୁରକ୍ଷା ମଧ୍ୟରେ ଚୌଦ୍ୱାର ଜେଲ୍‌କୁ ନିଆଯାଇଥିଲା। ମଙ୍ଗଳବାର ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ବେଳେ ପ୍ରାୟ ୯କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା, ଯାହାକି ତାଙ୍କ ଆୟର ୪୮୯% ଅଧିକ। ତେବେ ଉକ୍ତ ସମ୍ପତ୍ତିର ହିସାବ ଦେଇ ପାରି ନ ଥିବାରୁ ଭିଜିଲାନ୍ସ ପକ୍ଷରୁ ତ୍ରିନାଥ ମିଶ୍ର ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା(ନଂ.୧୩/୨୨) ରୁଜୁ କରାଯାଇ ମିଶ୍ରଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଭିଜିଲାନ୍ସର ଏଭଳି ଅଭିଯୋଗକୁ ମିଶ୍ରଙ୍କ ସ୍ତ୍ରୀ ଖଣ୍ଡନ କରିଛନ୍ତି। କୌଣସି ପ୍ରକାର ଦୁର୍ନୀତି ହୋଇନାହିଁ। ସେ ଭିଜିଲାନ୍ସ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।



ତ୍ରିନାଥ ମିଶ୍ର

କଟକ ତୁଳସୀପୁରସ୍ଥିତ ପୋଲିସ କମ୍ୟୁନିକେଶନ ସେଲ୍‌ରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କ ନବରଙ୍ଗପୁର ଡାବୁଗାଁସ୍ଥିତ ପୈତୃକ ବାସଭବନ, ଯାଜପୁରସ୍ଥିତ ଶ୍ୱଶୁର ଘର, କଟକ ଓ ଭୁବନେଶ୍ୱରରେ ରହିଥିବା ଘର ସମେତ ୧୧ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ଏକକାଳୀନ ଚଢ଼ାଉ ☞ ପୃଷ୍ଠା-୪

# ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ପରଲୋକ



ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକ

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ବିଶିଷ୍ଟ କବି, ସମାଲୋଚକ, ସମ୍ପାଦକ ତଥା ଶିକ୍ଷାବିତ୍ ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ବୁଧବାର ପରଲୋକ ଘଟିଛି। ଦେଢ଼ ମାସେ ତଳେ ତାଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ହୋଇଥିଲା। ଏହାପରେ ସେ ପାରାଲିସିସ୍‌ରେ ଆକ୍ରାନ୍ତ ହୋଇଥିବାବେଳେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଧୀରେ ଧୀରେ ଅଚଳ ହୋଇପଡ଼ିଥିଲା। ସେବେଠାରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। କିଛିଦିନ ହେବ ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଥିବାବେଳେ ବୁଧବାର ଅପରାହ୍ନ ୩ଟା ୪୫ରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କୁ ୬୯ ବର୍ଷ ହୋଇଥିଲା।

ଡ. ପରିଚ୍ଛାଙ୍କ ମୃତ୍ୟୁରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକପ୍ରକାଶ କରିଛନ୍ତି। ରାଜ୍ୟପାଳ କହିଛନ୍ତି, ଓଡ଼ିଆ ସାହିତ୍ୟରେ ହରପ୍ରସାଦ ନିଜର କୃତି ଓ କୀର୍ତ୍ତି ପାଇଁ ଚିର ଅମର ରହିବେ। ଏଥିସହ ରାଜ୍ୟପାଳ ଶୋକସନ୍ତପ୍ତ ପରିବାର ଓ ଆତ୍ମୀୟସ୍ୱଜନଙ୍କୁ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ବିଶିଷ୍ଟ ସାରସ୍ୱତ ସାଧକ ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ସାହିତ୍ୟିକ, ଅନୁବାଦକ, ଶିକ୍ଷାବିତ୍ ତଥା ସମ୍ପାଦକ ଭାବେ ବିଭିନ୍ନ କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

'ଏକା ଏକା ସନ୍ନ୍ୟାସୀ', 'ଅଥୟ ସୂର୍ଯ୍ୟ', 'ଜୀବନଜଂଘା', 'ଆୟୁଷ୍ମାନ ସମୟ', 'ସବୁ ଅନ୍ଧାର ଆଜି ରାତିରେ', 'ଅରଣ୍ୟରେ ଯେତେ ଦିନ', 'ନଷ୍ଟ ହୋଇଯିବାର ମୋହ', 'ମନେ ଅଛି ମନେ ନାହିଁ' ଭଳି ଏକାଧିକ କବିତା ସଂକଳନର ସେ ରଚୟିତା ଥିଲେ। ଏହା ବ୍ୟତୀତ ଅନୁବାଦ, ଗବେଷଣା ଓ ସମ୍ପାଦନା କ୍ଷେତ୍ରରେ ତାଙ୍କର ଦକ୍ଷତା ରହିଥିଲା। ସେ ଇଂଲିଶ ☞ ପୃଷ୍ଠା-୪

# ସ୍ତ୍ରୀ ତାଲିକା ଲମ୍ବିଲା

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ସମ୍ପତ୍ତି ହାତେଇବା ପାଇଁ ବିଭିନ୍ନ ରାଜ୍ୟର ଏକାଧିକ ମହିଳାଙ୍କୁ ବିବାହ କରି ଜେଲରେ ଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଗୋଟିଏ ପରେ ଗୋଟିଏ କଳାକାର୍‌ନାମା ପଦାକୁ ଆସୁଛି। ପ୍ରଥମେ ୧୪ଜଣ ମହିଳାଙ୍କୁ ବିବାହ କରିଥିବା ଅଭିଯୋଗ ହୋଇଥିବାବେଳେ ଏବେ ସେହି ତାଲିକାରେ ଆଉ ୩ଜଣ ଯୋଡ଼ି ହୋଇଛନ୍ତି। ଫଳରେ ରମେଶଙ୍କ ସ୍ତ୍ରୀ ସଂଖ୍ୟା ୧୭ରେ ପହଞ୍ଚିଛି। ଗତ ୩ମାସ ତଳେ ସେ ଶେଷ ବିବାହ କରିଥିବା ତଦନ୍ତରୁ ଜଣାପଡ଼ିଛି। ୬୪ ବର୍ଷୀୟ ରମେଶଙ୍କୁ ସୋମବାର କମିଶନରେଟ ପୋଲିସ ଭୁବନେଶ୍ୱରରୁ ଗିରଫ କରିବା ସହ ତାଙ୍କ କାର୍‌ନାମାର ପର୍ଦ୍ଦାଫାଶ କରିଥିଲା। ଗଣମାଧ୍ୟମରୁ ଏ ସମ୍ପର୍କରେ ଜାଣିବା ପରେ ତାଙ୍କ ଦ୍ୱାରା ପ୍ରତାରିତ ଓଡ଼ିଶା, ଆସାମ ଏବଂ ଛତିଶଗଡ଼ର ଅନ୍ୟ ୩ ମହିଳା ବୁଧବାର ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଛତିଶଗଡ଼ର ଅଭିଯୋଗକାରିଣୀ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହୋଇଥିବାବେଳେ ଆସାମ ଗୁଆହାଟୀର ମହିଳା ପେସାରେ ଜଣେ ଡାକ୍ତର। ସେହିପରି ଓଡ଼ିଶାର ମହିଳା ଜଣକ ମଧ୍ୟ ଉଚ୍ଚଶିକ୍ଷିତ।



ରମେଶ ଚନ୍ଦ୍ର ସ୍ୱାଇଁ

ଅନ୍ୟପକ୍ଷରେ ଅଭିଯୁକ୍ତ ରମେଶ କେବଳ ବିବାହ କରି ପ୍ରତାରଣା କରୁ ନ ଥିଲେ, ବରଂ ସେ ଏକ ଚାକିରି ଓ ଉଚ୍ଚଶିକ୍ଷାରେ ନାମ ଲେଖାଇବା ର୍‍ୟାକେଟ ମଧ୍ୟ ଚଳାଇଥିଲେ। ଏମ୍‌ବିବିଏସ୍ ପାଠ ପଢ଼ାଇବା ପାଇଁ ସେ ଜଗତ୍‌ସିଂପୁରର ଜଣେ ବ୍ୟକ୍ତିଙ୍କଠାରୁ ୧୮ ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ ହୋଇଛି। ସେହିପରି ଖଣ୍ଡଗିରି ଥାନା ପାତ୍ରପଡ଼ାରେ ଗତବର୍ଷ ଅକ୍ଟୋବରରୁ ରମେଶ ନକଲି ପରିଚୟ ଦେଇ ଏକ ଘର ଭଡ଼ା ନେଇଥିଲେ। ହେଲେ ଭଡ଼ା ଦେଇ ନ ଥିବା ନେଇ ଘରମାଲିକ ମଧ୍ୟ ଥାନାରେ ଅଭିଯୋଗ ଆଣିଛନ୍ତି।

### ନକଲି ଡାକ୍ତରଙ୍କ କାରନାମା

- ୩ମାସ ତଳେ ଶେଷ ବିବାହ କରିଥିଲେ
- ଏକାଧିକ ଯୁବତୀଙ୍କ ସହ ଲିଙ୍କ୍‌ରେ ଥିଲେ
- ଗଠିତ ହେଲା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍

ଏହିପରି ସେ ଏକାଧିକ ବ୍ୟକ୍ତିଙ୍କୁ କୋଟି କୋଟି ଟଙ୍କା ଠକେଇ କରିଥିବା ପୋଲିସ ସନ୍ଦେହ କରୁଛି।

ସେପଟେ ରମେଶଙ୍କ ମୋବାଇଲ ଯାଞ୍ଚ କରିବାରୁ ପୋଲିସକୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ସେ ୧୦ରୁ ଅଧିକ ଯୁବତୀଙ୍କ ସହ ଫୋନ୍‌ରେ କଥା ହେଉଥିଲେ, ଚାଟ୍ ଓ ଭିଡିଓ କଲିଂ ବି କରୁଥିବା ଜଣାପଡ଼ିଛି। ତେବେ ପୋଲିସ ତାଙ୍କ ବିରୋଧରେ ବିଭିନ୍ନ ତଥ୍ୟ ଯାଞ୍ଚ କରୁଛି। ତାଙ୍କୁ ୭ ଦିନ ରିମାଣ୍ଡରେ ☞ ପୃଷ୍ଠା-୪



## ସଂକ୍ଷେପରେ

### ସରପଞ୍ଚ ପ୍ରାର୍ଥିନୀଙ୍କ ସନ୍ଦେହଜନକ ମୃତ୍ୟୁ ସ୍ଥଗିତ ରହିଲା ମତଦାନ



କଟକ ସଦର, ୧୬।୨(ଡି.ଏନ.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ା ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ନମିତା ବେହେରା(୩୦)ଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ଫଳରେ ବୁଧବାର ଉକ୍ତ ପଞ୍ଚାୟତରେ ହେଉଥିବା ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ମତଦାନ ସ୍ଥଗିତ ରଖାଗଲା ବୋଲି ବ୍ଲକ ନିର୍ବାଚନ ଅଧିକାରୀ ରାଜୀବଲୋଚନ ପରିଡ଼ା ସୂଚନା ଦେଇଛନ୍ତି। ପଡୋଶୀଙ୍କ କହିବା ଅନୁଯାୟୀ, ସବୁଦିନ ଭଳି ମଙ୍ଗଳବାର ନିର୍ବାଚନ କାମ ସାରି ନମିତା ଶୋଇବାକୁ ଯାଇଥିଲେ। ହଠାତ୍ ସେ ଅସୁସ୍ଥ ହୋଇପଡିବାରୁ ଚିକିତ୍ସା ଲାଗି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲ ଫାଣ୍ଡି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଚିକିତ୍ସାଧୀନ ସରପଞ୍ଚ ପ୍ରାର୍ଥୀ ମୃତ

ନନ୍ଦାହାଣ୍ଡି/ନବରଙ୍ଗପୁର,୧୬।୨ (ଡି.ଏନ୍.ଏ./ବି.ପ୍ର.) ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ବି. ମାଳିଗୁଡ଼ା ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଭାଗୀରଥି ଅମନାତ୍ୟଙ୍କର ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଶୋକାକୁଳ ପରିବେଶରେ ନିଜ ପୈତୃକ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ପୂର୍ବରୁ ୨ ଥର ସରପଞ୍ଚ ଥିଲେ। ସୂଚନାନୁଯାୟୀ, ଭାଗୀରଥିଙ୍କ ସ୍ୱାସ୍ଥ୍ୟାବସ୍ଥା କିଛିଦିନ ହେବ ଖରାପ ଥିଲା। ମଙ୍ଗଳବାର ରାତିରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳୁ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଚଳିତ ନିର୍ବାଚନରେ ବି. ମାଳିଗୁଡ଼ା ପଞ୍ଚାୟତରେ ୪ଜଣ ସରପଞ୍ଚ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଭାଗୀରଥିଙ୍କ ନିର୍ବାଚନ ଚିହ୍ନ ଖୋଲାଛତା ଥିଲା। ତେବେ ସେହି ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ହେବାକୁ ଥିବା ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଅନ୍ୟ ସମସ୍ତ ପଦବୀ ପାଇଁ ନିର୍ବାଚନ ପୂର୍ବ ସୂଚୀ ଅନୁଯାୟୀ ୧୮ରେ କରାଯିବ। ପ୍ରାର୍ଥୀଙ୍କ ମୃତ୍ୟୁ ଖବର ନିର୍ବାଚନ କମିଶନରଙ୍କୁ ଜଣାଇଛୁ। ତାଙ୍କ ନିର୍ଦ୍ଦେଶ ଅନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଡିଓ ଶିବଶଙ୍କର ମୁର୍ମୁ ସୂଚନା ଦେଇଛନ୍ତି।

### ଆଉ ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ପରଲୋକ

ବରଗଡ଼ ଅଫିସ୍,୧୬।୨- ବରଗଡ଼ ଜିଲା ଭଟଲି ବ୍ଲକ କେଲେଣ୍ଡାପାଲି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସରୋଜ ସେଠଙ୍କ ମଙ୍ଗଳବାର ପରଲୋକ ଘଟିଥିଲା। ଏହାର ୨୪ଘଣ୍ଟା ନ ପୂରୁଣୁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ଅନ୍ୟଜଣେ ସରପଞ୍ଚ ପ୍ରାର୍ଥୀ ବାଲ୍ମୀକି ପ୍ରଧାନଙ୍କ ହୃଦ୍‌ଘାତରେ ବିୟୋଗ ଘଟିଛି। ସ୍ୱର୍ଗତ ପ୍ରଧାନ ମଙ୍ଗଳବାର ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ରାଜବୋଡ଼ାସମ୍ବର ବ୍ଲକ ପଲସାପାଲି ପଞ୍ଚାୟତ ୱାର୍ଡ଼ ନଂ-୬ର ୱାର୍ଡ଼ସଭ୍ୟ ପ୍ରାର୍ଥୀ କୁମୁଦିନୀ ସାମିନୀଙ୍କ ଦେହାନ୍ତ ହୋଇଛି । ଫଳରେ କେଲେଣ୍ଡାପାଲି, ଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ ଏବଂ ପଲସାପାଲି ପଞ୍ଚାୟତ ୱାର୍ଡ଼ ନଂ-୬ ୱାର୍ଡ଼ ସଭ୍ୟ ପ୍ରାର୍ଥୀଙ୍କ ପାଇଁ ପ୍ରଶାସନ ପକ୍ଷରୁ ନିର୍ବାଚନକୁ ସ୍ଥଗିତ ରଖାଯାଇଛି।

# କାହା କଥା ସତ: ବିରୋଧୀ ନା ଶାସକ

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ବୁଧବାର ଶେଷ ହୋଇଯାଇଛି। ନିର୍ବାଚନ ପୂର୍ବରୁ କେତେକ ସ୍ଥାନରେ ହିଂସାତ୍ମକ ସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ପ୍ରଥମ ପର୍ଯ୍ୟାୟ ଭୋଟିଂ ସମୟରେ ମଧ୍ୟ ଅନେକ ସ୍ଥାନରେ ବାଲଟ ବକ୍ସ ନେଇଯିବା ସହ ବୁଥ୍ କ୍ୟାପ୍‌ଚରିଂ ଭଳି ସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟ ନିର୍ବାଚନ କମିଶନ ନିର୍ବାଚନ ସମୟରେ ଯେପରି ହିଂସାତ୍ମକ ସ୍ଥିତିକୁ ନିୟନ୍ତ୍ରଣରେ ରଖାଯାଇପାରିବ ସେଥିପ୍ରତି ଧ୍ୟାନଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ବିରୋଧୀ କିନ୍ତୁ ଏଭଳି ସ୍ଥିତି ପାଇଁ ଶାସକ ଦଳ ଆଡ଼କୁ ଅଙ୍ଗୁଳି ଉଠାଇଛନ୍ତି। ସମାନଭାବେ ବିଜେଡି ମଧ୍ୟ ଭାଜପା ଏଭଳି ହିଂସା ରାଜ୍ୟରେ ଘଟାଉଛି ବୋଲି କହି ପାଲଟା ଟାର୍ଗେଟ କରିଛି। ତେବେ ଏହିସବୁ ଘଟଣାକୁ ନେଇ ବିରୋଧୀ ନା ଶାସକ କିଏ ଠିକ୍ ଏବଂ କିଏ ଭୁଲ୍ ତାକୁ ନେଇ ରାଜନୈତିକ ମହଲରେ ପ୍ରଶ୍ନ ଉଠିବା ଆରମ୍ଭ ହେଲାଣି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ପ୍ରେସ୍ ବିଜ୍ଞପ୍ତିରେ ଶାସକ ଦଳକୁ ଟାର୍ଗେଟ କରି କହିଛନ୍ତି, ରାଜ୍ୟର ବିଭିନ୍ନ ସ୍ଥାନରେ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ଶାସକ ଦଳର ହିଂସା ଓ ଅରାଜକତା ନିନ୍ଦନୀୟ। ଏଥର ତୃଣମୂଳସ୍ତରରେ ଭୋଟ୍ ଦେବା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ଦେଖାଦେଇଛି। ଏହା ଗଣତନ୍ତ୍ର ଲାଗି ଏକ ଶୁଭ ସଙ୍କେତ। ହେଲେ ଭୋଟ ସମୟରେ ଧର୍ମଶାଳା, ଯାଜପୁର, ବ୍ରହ୍ମଗିରି, ଅନୁଗୋଳ, ହିନ୍ଦୋଳ, ଭଦ୍ରକ, କଣାସ, ଜଳେଶ୍ୱର, ବାଙ୍ଗିରିପୋଷୀ, ଭଟଲି ଓ ପାଟଣାଗଡ଼ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନୀ ହିଂସା ଘଟିଛି। ଏହା ପୂର୍ବରୁ ପ୍ରାକ୍ ନିର୍ବାଚନୀ ହିଂସା ମଧ୍ୟ ଘଟିଛି। ଏହା ନିଶ୍ଚୟ ଚିନ୍ତାଜନକ ଏବଂ ଦୁଃଖଦାୟକ। ରାଜ୍ୟରେ ଆହୁରି ୪ଟି ପର୍ଯ୍ୟାୟରେ ମତଦାନ ହେବାକୁ ଯାଉଛି। ତେଣୁ ରାଜ୍ୟ ନିର୍ବାଚନ ଆୟୋଗ ହିଂସାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ସେହିପରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ହିଂସାରେ ଶେଷ ହୋଇଛି। ବହୁ ସ୍ଥାନରେ ବୁଥ୍ ଜବରଦଖଲ ଏବଂ

**ଭୋଟିଂ ବେଳେ ହିଂସା**
**କାର୍ଯ୍ୟାନୁଷ୍ଠାନ ଉପରେ ସବୁ ଦଳର ନଜର**

ମାରପିଟ ହୋଇଥିବା ନଜରକୁ ଆସିଛି। ଖବରଦାତାମାନେ ମଧ୍ୟ ମାଡ଼ରୁ ବର୍ତ୍ତିନାହାନ୍ତି। ରାଜ୍ୟରେ ତ୍ରିସ୍ତରୀୟ ନିର୍ବାଚନ ନେଇ ସରକାର ପ୍ରସ୍ତୁତ ବୋଲି ଯାହା କହୁଥିଲେ ତାହା ମିଛ ପ୍ରମାଣିତ ହୋଇଛି। ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି କେଉଁସ୍ତରକୁ ଖସିଯାଇଛି ତାହା ଜଣାପଡ଼ିଛି। ଏଭଳି ଅରାଜକତା ସୃଷ୍ଟି କରିଥିବା ବ୍ୟକ୍ତିମାନଙ୍କୁ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯାଉ। ପରବର୍ତ୍ତୀ ପର୍ଯ୍ୟାୟ ନିର୍ବାଚନଗୁଡ଼ିକ ଯେପରି ସ୍ୱଚ୍ଛ ହେବ ସେଥିପ୍ରତି ଧ୍ୟାନଦେବାକୁ ନିରଞ୍ଜନ କହିଛନ୍ତି।

ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବିରୋଧୀଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ପାଲଟା ଟାର୍ଗେଟ କରିବା ସହ କହିଛନ୍ତି, ବିଜେଡି ସବୁବେଳେ ଅହିଂସାରେ ବିଶ୍ୱାସକରେ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ଦ୍ୱାରା ହିଁ ଗଣତନ୍ତ୍ରକୁ ସୁଦୃଢ଼ କରାଯାଇ ପାରିବ ବୋଲି ବିଶ୍ୱାସକରେ। ଦୁଃଖର କଥା ଓଡ଼ିଶାର ପ୍ରମୁଖ ବିରୋଧୀ ଦଳ ଭାଜପା ଚଳିତ ପଞ୍ଚାୟତ ନିର୍ବାଚନରେ ହାରିବା ଭୟରେ ହିଂସା କରୁଛି । ଭାଜପା ବିଧାୟକ ଜୟନାରାୟଣ ମିଶ୍ର ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି । ଭାଜପା ନେତା ଓ କର୍ମୀମାନେ ଗଜପତି ଓ ପିପିଲିରେ ବିଜେଡି ଜିଲ୍ଲା ପରିଷଦ ପ୍ରାର୍ଥୀଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଛନ୍ତି । କୋରାପୁଟ, ସାଲେପୁର, ବ୍ରହ୍ମଗିରି, କଣାସ, ଢେଙ୍କାନାଳ ଏବଂ ଆହୁରି ଅନେକ ଜିଲାରେ ଭାଜପା ନିର୍ବାଚନୀ ହିଂସା କରିଛି । ଏହା ପୂର୍ବରୁ ଭାଜପା ଏମ୍‌ପି ଜୁଏଲ ଓରାମ ଜଣେ ମହିଳାଙ୍କ ସହ ଅସଦାଚରଣ କରିବା ଓ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣକରି ତାଙ୍କ ହାତ ଭାଙ୍ଗିଦେବା ଭଳି ଘଟଣା ଭାଜପାର ହିଂସା ପ୍ରବଣତାକୁ ଦର୍ଶାଇ ଥିଲା । ବିଜେଡି ଆଶା କରୁଛି, ଭାଜପା ହିଂସାରୁ ନିବୃତ୍ତ ରହି ଏହି ଗଣତନ୍ତ୍ରର ପର୍ବକୁ ଅହିଂସା ଦ୍ୱାରା ସୁଦୃଢ଼ କରିବ। ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ପ୍ରଥମ ପର୍ଯ୍ୟାୟ ଭୋଟିଂ ସମୟରେ ରାଜ୍ୟରେ ଯେଉଁଭଳି ହିଂସାତ୍ମକ ସୃଷ୍ଟି ହୋଇଛି ତାହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ବାଚନ କମିଶନଙ୍କୁ ଭେଟି ଦାବି ଜଣାଇଛୁ।

## ନାଏବ ସରପଞ୍ଚ, ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ନାଏବ ସରପଞ୍ଚ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲା ପରିଷଦ ସଭାପତି ଓ ଉପସଭାପତି ନିର୍ବାଚନ ପାଇଁ ବୁଧବାର ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମାର୍ଚ୍ଚ ୧୧ରେ ନାଏବ ସରପଞ୍ଚ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇଁ ୧୨ ଓ ଉପାଧ୍ୟକ୍ଷ ପାଇଁ ୨୩ ତାରିଖରେ ମତଦାନ ହେବ । ମାର୍ଚ୍ଚ ୧୩ରେ ଜିଲା ପରିଷଦ ସଭାପତି ଓ ୨୫ ତାରିଖରେ ଉପସଭାପତି ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

## ସରପଞ୍ଚ ପ୍ରାର୍ଥୀଙ୍କ ଘରକୁ ଗୁଳିମାଡ଼, ୨ ଗିରଫ



ଗିରଫ ୨ ଅଭିଯୁକ୍ତ, ଜବତ ବନ୍ଧୁକ ଓ ଅନ୍ୟ ସାମଗ୍ରୀ।

ସମ୍ବଲପୁର,୧୬।୨(ବ୍ୟୁରୋ)

**ସମ୍ବଲପୁରରେ ନିର୍ବାଚନୀ ହିଂସା**

ସମ୍ବଲପୁର ଜିଲାରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ରେଙ୍ଗାଲି ବ୍ଲକ ଘିଚାମୁରା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଲଳିତ କୁମାର ସାହୁଙ୍କ ଘରକୁ ଗୁଳିମାଡ଼ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଠେଲକୋଲି ଥାନା ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବେଉଁରା ଗ୍ରାମର ସୁଦର୍ଶନ କିସାନ ଓ ଚୈତନ୍ୟ କିସାନ। ଏମାନଙ୍କ ନିକଟରୁ ୨ଟି ବନ୍ଧୁକ, ଗୁଳି, ହାତ ଗ୍ଲୋବ, ବ୍ଲେଡ, ବାକ୍ସ ଆଦି ଜବତ ହୋଇଛି। ଏ ନେଇ ଥାନାରେ ଆଇପିସି ଦଫା ୪୫୭, ୪୨୭, ୩୦୭ରେ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ନେଇ ମାମଲା (ନଂ୪୮/୨୨ ) ରୁଜୁ ହୋଇଛି।

ପୋଲିସ ସୂଚନା ମୁତାବକ ମଙ୍ଗଳବାର ରାତି ୨ଟାରେ ବେଉଁରା ଗ୍ରାମର ଲଳିତ ସାହୁ ଘରେ ଶୋଇଥିଲେ। ଏହି ସମୟରେ ୨ ଜଣ ଦୁର୍ବୃତ୍ତ ଆସି ତାଙ୍କ ଘରକୁ ୨ ରାଉଣ୍ଡ ଗୁଳିମାଡ଼ କରି ଚାଲି ଯାଇଥିଲେ। ଏ ନେଇ ଲଳିତ ଅଭିଯୋଗ କରିବା ପରେ ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ କରିଥିଲା। ଠେଲକୋଲି ଥାନା ଅଧିକାରୀ ବିଭୂତି ଭୂଷଣ ମିଶ୍ର କହିଛନ୍ତି, ସରପଞ୍ଚ ପ୍ରାର୍ଥୀ ଲଳିତଙ୍କୁ ବିରୋଧୀମାନେ ପ୍ରଥମେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାକୁ କହିଥିଲେ। ହେଲେ ସେ ଏହା ନ କରିବାରୁ ଭୟଭୀତ କରିବାକୁ ଅଭିଯୁକ୍ତମାନେ ଘର ଉପରକୁ ଗୁଳି ଚଳାଇଥିଲେ। ଏଥିରେ ପ୍ରତିଦ୍ୱନ୍ଦ୍ୱୀଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ ଜାରି ରହିଛି। ଦୋଷୀ ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ରେଙ୍ଗାଲି ବ୍ଲକରେ ଫେବୃୟାରୀ ୨୦ ତାରିଖ ତୃତୀୟ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯିବ।

# ନିର୍ବାଚନ କମିଶନଙ୍କୁ ଭେଟିଲେ ଭାଜପା, ବିଜେଡି







ନିର୍ବାଚନୀ ହିଂସା ନେଇ ଭିନ୍ନ ଭିନ୍ନ ସମୟରେ ପରସ୍ପର ବିରୋଧରେ ନିର୍ବାଚନ କମିଶନଙ୍କ ନିକଟରେ ଭାଜପା ବିଜେଡିର ଅଭିଯୋଗ।

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆରମ୍ଭରୁ ଶାସକ ଦଳର ଗୁଣ୍ଡାଗର୍ଦ୍ଦି ଜରିଆରେ ଭୋଟ ହାତେଇବାର ହୀନ ଉଦ୍ଦେଶ୍ୟ ସାମ୍ନାକୁ ଆସିଛି । ଶାସକ ଦଳର ପ୍ରତ୍ୟକ୍ଷ ପ୍ରରୋଚନାରେ ପ୍ରିଜାଇଡିଂ ଅଫିସରମାନେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ କାର୍ଯ୍ୟ କରୁଛନ୍ତି। ଜୋରଜବରଦସ୍ତ ସେମାନଙ୍କ ପାଇଁ ଭୋଟ ମଧ୍ୟ କରାଉଛନ୍ତି । ବଲାଙ୍ଗୀର ଜିଲା ପାଟଣାଗଡ଼ ଅନ୍ତର୍ଗତ ବେଲପଡ଼ା ଜୋନ୍-୧୪ର ବାଗଡୋର ପଞ୍ଚାୟତର ଏକ ବୁଥ୍‌ର ପ୍ରିଜାଇଡିଂ ଅଫିସର ଏସ୍.ମହାଲିଙ୍ଗ ଖୋଲାଖୋଲି ବିଜେଡି ସପକ୍ଷରେ ଭୋଟ ଦେବା ଲାଗି ଭୋଟରଙ୍କୁ ପ୍ରବର୍ତ୍ତାଉଛନ୍ତି । ଏହା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ଓ ଦଣ୍ଡନୀୟ । ତେଣୁ ସେହି

**ନିର୍ବାଚନୀ ହିଂସା**

ପ୍ରିଜାଇଡିଂ ଅଫିସରଙ୍କୁ ତୁରନ୍ତ ଚାକିରିରୁ ବହିଷ୍କାର କରାଯାଇ ଅନ୍ୟ ଜଣଙ୍କୁ ଦାୟିତ୍ୱ ପ୍ରଦାନ କରିବାକୁ ଭାଜପା ପକ୍ଷରୁ ଦାବି କରାଯାଇଛି। ସେହିପରି ଶାସନ କ୍ଷମତାର ଅପବ୍ୟବହାର ପରେ ଧମକଚମକ, ଭୟଭୀତ କରାଇ ଜୋରଜବରଦସ୍ତ ଭୋଟ ହାତେଇବାର ପ୍ରୟାସ ବିଜେଡି ଜାରି ରଖିଛି। ଏଭଳି ଘଟଣା ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଏବଂ କେନ୍ଦୁଝର ଜିଲା ଘଟଗାଁରେ ଦେଖିବାକୁ ମିଳିଛି । ଏ ସମସ୍ତ ଅଭିଯୋଗ ନେଇ ଭାଜପା ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜଣାଇଛି ।

ବିଜେଡି ପକ୍ଷରୁ ମଧ୍ୟ ଅନୁରୂପ ଭାବେ ନିର୍ବାଚନ କମିଶନଙ୍କ ନିକଟରେ ସମାନ ଅଭିଯୋଗ କରାଯାଇଛି। ବିଜେଡିର ଏକ ପ୍ରତିନିଧି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି, ରାଜ୍ୟର ବିଭିନ୍ନ ସ୍ଥାନରେ ଭାଜପାର ହିଂସ୍ର ଆଚରଣ ଓ ଉଚ୍ଚାରଣ ଦେଖିବାକୁ ମିଳିଛି। ଅବିଭକ୍ତ ସମ୍ବଲପୁରରେ ଜୟନାରାୟଣ ମିଶ୍ରଙ୍କ ଆକ୍ରମକ ଆଚରଣ ପାଇଁ ତାଙ୍କୁ ପ୍ରଚାରରୁ ବାଦ୍ ଦେବାକୁ ଦାବି କରିଛି। ସେହିପରି ଗଜପତି, ପିପିଲିରେ ହୋଇଥିବା ହିଂସାକାଣ୍ଡର ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ମଧ୍ୟ ଦାବି ହୋଇଛି। ପୁରୀ, ଢେଙ୍କାନାଳ, ଅନୁଗୋଳ, ଡେଲାଙ୍ଗ, କଣାସରେ ମଧ୍ୟ ନିର୍ବାଚନ ସମୟରେ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଭାଜପା ହାରିବା ଭୟରେ ହିଂସାକାଣ୍ଡ ଘଟାଉଥିବା ବିଜେଡି ଅଭିଯୋଗ କରିଛି।

## ଶେଷ ହେଲା ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର

■ନିର୍ବାଚନ ଅଞ୍ଚଳ ଛାଡ଼ିଲେ ବାହାର ନେତା

ଭୁବନେଶ୍ୱର,୧୬।୨(ବ୍ୟୁରୋ)

ଚଳିତ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର କାର୍ଯ୍ୟ ବୁଧବାର ଶେଷ ହୋଇଛି। ନିର୍ବାଚନ ହେବାକୁ ଥିବା ଅଞ୍ଚଳରୁ ପ୍ରଚାର କାର୍ଯ୍ୟରେ ଯୋଗ ଦେଇଥିବା ନେତା ଓ କର୍ମୀମାନଙ୍କୁ ସନ୍ଧ୍ୟା ୭ଟା ସୁଦ୍ଧା ସମ୍ପୃକ୍ତ ଅଞ୍ଚଳ ଛାଡ଼ିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ଶୁକ୍ରବାର ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୩୦ ଜିଲାର ୬୮ ବ୍ଲକର ୧୮୬ଟି ଜିଲା ପରିଷଦ ଜୋନ୍‌ର ୧୫୧୪ ପଞ୍ଚାୟତରେ ନିର୍ବାଚନ ହେବ। ମୋଟ ୨୦,୪୩୬ ବୁଥ୍‌ରେ ପ୍ରାୟ ୬୨.୧୦ଲକ୍ଷ ଭୋଟର ମତାଧିକାର ସାବ୍ୟସ୍ତ କରିବେ। ନିର୍ବାଚନ ପ୍ରଚାର ଶେଷ ହୋଇଥିବା ବେଳେ ପ୍ରାର୍ଥୀମାନେ ଆଉ ଖୋଲାଖୋଲି ମତଦାତାଙ୍କୁ ଭୋଟ ଦେବାକୁ ପ୍ରବର୍ତ୍ତାଇ ପାରିବେ ନାହିଁ। ଏଥିପାଇଁ ପ୍ରାର୍ଥୀ ଓ ସମର୍ଥକ ଗୁପ୍ତଭାବେ ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ଯୋଗାଡ଼ରେ ଲାଗି ପଡ଼ିବେ। ଏହି ସମୟରେ ଭୋଟରଙ୍କୁ ପ୍ରଲୋଭନ ଦେବା ଭଳି ବିଭିନ୍ନ ପ୍ରକାର ବେଆଇନ କାର୍ଯ୍ୟକଳାପ ବୃଦ୍ଧି ପାଇବା ଆଶଙ୍କା ରହିଛି। ଏପରିକି ନିର୍ବାଚନ ଆଦର୍ଶ ଆଚରଣବିଧି ଉଲ୍ଲଂଘନ ହେବାର ସମ୍ଭାବନା ରହିଛି। ବେଆଇନ କାର୍ଯ୍ୟକୁ ପ୍ରତିହତ କରିବାକୁ ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଗଡ଼ବାନ୍ଧଗୋଡ଼ା ବୁଥ୍‌ରେ ଉତ୍ତେଜନା

କେନ୍ଦୁଝର/ଆନନ୍ଦପୁର, ୧୬।୨(ସ୍ୱ.ପ୍ର.)

ଜିଲା ଘଷିପୁରା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ଏହି ବ୍ଲକର ୩ଟି ଜୋନ୍ ଅନ୍ତର୍ଗତ ୨୫ଟି ପଞ୍ଚାୟତରେ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ଗଡ଼ବାନ୍ଧଗୋଡ଼ା ବୁଥ୍‌ରେ ଉତ୍ତେଜନା ଦେଖାଦେଇଥିଲା। ଏହି ବୁଥ୍‌ରେ ସ୍ଥାନୀୟ ବିଧାୟକ ବଦ୍ରି ନାରାୟଣ ପାତ୍ର ଭୋଟ ଦେଇଥିଲେ। ସେ ଭୋଟ ଦେବା ପାଇଁ ଲାଇନ୍‌ରେ ଛିଡ଼ା ହୋଇଥିବା ବେଳେ କେତେଜଣ ବ୍ୟକ୍ତି ଅଶାଳୀନ ଭାଷା ପ୍ରୟୋଗ କରି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ। ବିଧାୟକଙ୍କ ଉପସ୍ଥିତିକୁ ନେଇ କେତେକ ଲୋକ ଆକ୍ଷେପ କରିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ସେହିପରି ଅଳତୀ ପଞ୍ଚାୟତ ବେଲସୁନ୍ଦରୀ ଗ୍ରାମ ୭ନଂ. ୱାର୍ଡ ନୋଡାଲ ସ୍କୁଲରେ ବୁଥ୍ ରିଗିଂ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ୧୨ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ସଞ୍ଜୟ କୁମାର ମଲ୍ଲିକଙ୍କ ଏଜେଣ୍ଟ ରାକେଶ ଭୂୟାଁ ଆନନ୍ଦପୁର ଉପଜିଲାପାଳ, ଘସିପୁରା ବିଡିଓ ଏବଂ ରାମଚନ୍ଦ୍ରପୁର ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ବୁଥ୍‌ରେ ୧୪ରୁ ୧୫ ବର୍ଷୀୟ ପିଲାମାନେ ଜୋରଜବରଦସ୍ତ ପୋଲିଂ ଏବଂ ପ୍ରିଜାଇଡିଂ ଅଫିସରଙ୍କୁ ଧମକ ଚମକ ଦେଇ ଭୋଟ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

■ବିଧାୟକ ବଦ୍ରି ନାରାୟଣ ପାତ୍ରଙ୍କୁ ଆକ୍ଷେପରୁ ୨ ଗୋଷ୍ଠୀ ମୁହାଁମୁହିଁ

■ବେଲସୁନ୍ଦରୀରେ ବୁଥ୍ ରିଗିଂ ଅଭିଯୋଗ



ଗଣ୍ଡଗୋଳକାରୀଙ୍କୁ ପୋଲିସ ଘୁଞ୍ଚାଉଛି।











ଧରିତ୍ରୀର ଢେଙ୍କାନାଳ ଓ ଅନୁଗୋଳ ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠିକା ଓ ପାଠକଙ୍କୁ ଶୁଭେଚ୍ଛା । ସମସ୍ତ ଛାତ୍ରୀଛାତ୍ର ଭଲ ପାଠପଢ଼ି ସେମାନେ ଭଲ ରେଜଲ୍ଟ କରନ୍ତୁ ।
ଅଧ୍ୟକ୍ଷ, ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀବୃନ୍ଦ
ଜନତା ମହାବିଦ୍ୟାଳୟ, ବଇଣ୍ଡା, ଅନୁଗୋଳ

ଦୈନିକ ସମ୍ବାଦପତ୍ର 'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସ ଅବସରରେ
ଆଦର୍ଶ କୃଷି ଉତ୍ପାଦକ କଂ. ଲିଃ, ବଣିନାଳୀ, ଅନୁଗୋଳ ତରଫରୁ ଶୁଭେଚ୍ଛା ।
ଗୀତା ମହାପାତ୍ର ନିର୍ଦ୍ଦେଶିକା | ରଶ୍ମିତା ରଣା ନିର୍ଦ୍ଦେଶିକା
ସୌଜନ୍ୟ:- ବିଶ୍ୱ ଯୁବ କେନ୍ଦ୍ର, ବଣିନାଳୀ, ଅନୁଗୋଳ

## ସଂକ୍ଷେପରେ

### ଜିଲା ପରିଷଦ ସଭାପତି ନିର୍ବାଚନ ପାଇଁ ନୂଆ ନିୟମ

**ପୂର୍ବଦିନ ସୁଦ୍ଧା ପ୍ରାଧିକୃତ ପ୍ରତିନିଧି ନିଯୁକ୍ତିପତ୍ର ଦାଖଲ କରିବେ ଦଳ**

ଭୁବନେଶ୍ୱର,୧୬।୨(ବ୍ୟୁରୋ): ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୨୦୨୨ ଜାନୁୟାରୀ ୭ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୫୯୩ ଅନୁସାରେ ରାଜ୍ୟ ସରକାର ଓଡ଼ିଶା ଜିଲା ପରିଷଦ ନିର୍ବାଚନ ଆଇନ-୧୯୯୪କୁ ପରିବର୍ତ୍ତନ କରି ସେଥିରେ ଅଧିନିୟମ ୫୧ (କ) ଯୋଗ କରିଛନ୍ତି। ସଂଶୋଧିତ ଆଇନ ବଳରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଜଣେ ପ୍ରାଧିକୃତ ପ୍ରତିନିଧିଙ୍କୁ ନିଯୁକ୍ତ କରିବେ। ଜିଲା ପରିଷଦ ସଭାପତି/ଉପସଭାପତି ନିର୍ବାଚନ ଦିନ ପ୍ରାଧିକୃତ ପ୍ରତିନିଧିମାନେ ଉପସ୍ଥିତ ରହିବେ। ସମ୍ପୃକ୍ତ ଦଳର ସଭ୍ୟସଭ୍ୟାମାନେ ଭୋଟ ଦେଇସାରି ସେହି ଦଳର ପ୍ରାଧିକୃତ ପ୍ରତିନିଧିଙ୍କୁ ବାଲଟ ପେପର ଦେଖାଇବା ପରେ ଭୋଟ ବାକ୍ସରେ ପକାଇବେ। ସଂଶୋଧିତ ଆଇନ ଅନୁସାରେ ରାଜ୍ୟ ନିର୍ବାଚନ କମିଶନ ରାଜନୈତିକ ଦଳଗୁଡିକ ଦ୍ୱାରା ପ୍ରାଧିକୃତ ପ୍ରତିନିଧି ନିଯୁକ୍ତି ନିମନ୍ତେ ଏକ ଫର୍ମ ନିର୍ଦ୍ଧାରଣ କରିଛନ୍ତି। ଜିଲା ପରିଷଦ ସଭାପତି/ଉପସଭାପତି ନିର୍ବାଚନର ପୂର୍ବଦିନ ଅପରାହ୍ନ ୫.୩୦ ସୁଦ୍ଧା ରାଜନୈତିକ ଦଳଗୁଡ଼ିକ ପ୍ରାଧିକୃତ ପ୍ରତିନିଧି ନିଯୁକ୍ତିପତ୍ର ସମ୍ପୃକ୍ତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶନାମା ଜାରି କରିଛନ୍ତି।

### ୨୮ ସୁଦ୍ଧା ଯୁକ୍ତ୨ ଆସେସମେଣ୍ଟ ମାର୍କ ଅପ୍‌ଲୋଡ୍ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୨(ବ୍ୟୁରୋ) - ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସଇ)ର ବାରମ୍ବାର ନିର୍ଦ୍ଦେଶନାମା ପରେ ବି ରାଜ୍ୟର ଯୁକ୍ତ୨ କଲେଜଗୁଡ଼ିକ ପିଲାଙ୍କ ଆସେସ୍‌ମେଣ୍ଟ ପରୀକ୍ଷା ମାର୍କ ଅପଲୋଡ୍ କରୁନାହାନ୍ତି। ଏହାକୁ ନେଇ ପରିଷଦ ଉପାଧ୍ୟକ୍ଷ ତୁଷାରକାନ୍ତ ତ୍ରିପାଠୀ ଉଦ୍‌ବେଗ ପ୍ରକାଶ କରିବା ସହିତ ତୁରନ୍ତ ପିଲାଙ୍କ ତ୍ରୟମାସିକ ଆସେସମେଣ୍ଟ ମାର୍କ ଦାଖଲ କରିବାକୁ ବୁଧବାର ପୁଣି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପିଲାଙ୍କ ମାର୍କ ଅପ୍‌ଲୋଡ୍ ଅବଧିକୁ ଆସନ୍ତା ୨୮ ତାରିଖ ମଧ୍ୟରାତ୍ରି ଯାଏ ବୃଦ୍ଧି କରିଛନ୍ତି। ଏହାପରେ ଯଦି କୌଣସି ପିଲାଙ୍କ ମାର୍କ ଅପ୍‌ଲୋଡ୍ ହୁଏ, ତାହାକୁ ଗ୍ରହଣ କରାଯିବ ନାହିଁ ବୋଲି ସିଏଚ୍‌ଏସଇ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ସମସ୍ତ ସରକାରୀ ଓ ଘରୋଇ କଲେଜ କର୍ତ୍ତୃପକ୍ଷ ସେମାନଙ୍କ ସାମ୍ସ ଇ-ସ୍ପେସ୍‌ରେ ୨୮ ସୁଦ୍ଧା ପିଲାଙ୍କ ମାର୍କ ଅପଲୋଡ୍ କରିବେ। ଏନେଇ ପରିଷଦ ପକ୍ଷରୁ ସିଏଚ୍‌ଏସଇ ଦ୍ୱାରା ଅନୁବନ୍ଧିତ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶନାମା ଜାରି ହୋଇଛି।

# ହରିଲୁଟ ହେଉଛି ଉଦ୍ୟାନ କୃଷି ସହାୟତା

- ■ପ୍ରାକୃତିକ ବିପର୍ଯ୍ୟୟ ପରେ ଚାଷୀ ହତାଶ
- ■୧୨ ଜିଲାର ଚାଷୀଙ୍କ ପାଇଁ ୬୭.୧୮ କୋଟି ମଞ୍ଜୁର
- ■ଉପକୃତ ହେବେ ଜୱାଦ ପ୍ରଭାବିତ ଚାଷୀ
- ■ମିନି କିଟ୍ସ, ହାଇବ୍ରିଡ୍ ପନିପରିବା ମଞ୍ଜି ବଣ୍ଟନ ନିଷ୍ପତ୍ତି
- ■ପ୍ଲାଷ୍ଟିକ କ୍ରେଟ୍ସ, ଫଳ ଚାରା ଦେବ ଉଦ୍ୟାନ ବିଭାଗ



ଯାଜପୁର ଅଫିସ,୧୬।୨

ପ୍ରାକୃତିକ ବିପର୍ଯ୍ୟୟରେ ବହୁ ବର୍ଷର ସଞ୍ଚିତ ସମ୍ବଳ, ବୃକ୍ଷଲତା, ପଲ୍ଲିଜୀବନ, ଗୃହପାଳିତ ପଶୁପକ୍ଷୀ ଆଦି ପ୍ରଭାବିତ ହେଉଛନ୍ତି । କୃଷକଙ୍କ ସହିତ ସାଧାରଣ ଜନତା ମଧ୍ୟ ବାଦ୍ ପଡୁନାହାନ୍ତି । ଗତ ୩ ବର୍ଷରେ ହୁଡ୍‌ହୁଡ୍‌, ତିତ୍‌ଲି, ଫନି, ଅମ୍ଫନ, ଜୱାଦ ଭଳି ସାମୁଦ୍ରିକ ବାତ୍ୟା ବାଲେଶ୍ୱର, ଭଦ୍ରକ, କଟକ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, ନୟାଗଡ଼ ଆଦି ଜିଲାର ବହୁ ଲୋକଙ୍କୁ ତଳିତଳାନ୍ତ କରିଛି । ଏହାବାଦ୍ କୋଭିଡ୍-୧୯ ସମସ୍ତଙ୍କ ନିଦ ହଜାଇ ଦେଇଛି । ଏପରି ପରିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଭାବିତ ଚାଷୀଙ୍କୁ ପନିପରିବା ମିନିକିଟ୍ସ, ହାଇବ୍ରିଡ୍ ପନିପରିବା ମଞ୍ଜି, ପ୍ଲାଷ୍ଟିକ କ୍ରେଟ୍ସ, ଫଳଚାରା ଇତ୍ୟାଦି ବଣ୍ଟନ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ବାତ୍ୟା ଜୱାଦରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ୨୦୨୧-୨୨ ଓ ୨୦୨୨-୨୩ ବର୍ଷ ପାଇଁ ଉପରୋକ୍ତ ଜିଲାର ୭ ଲକ୍ଷ ଚାଷୀଙ୍କୁ ୬୭ କୋଟି ୧୮ ଲକ୍ଷ ଟଙ୍କାର ଉଦ୍ୟାନ କୃଷି ସହାୟତା ଦେବାକୁ ନିଷ୍ପତ୍ତି ନିଆଯାଇଛି । ହେଲେ ଏଥିରେ ନିୟୋଜିତ ଜିଲାସ୍ତରରେ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ(ଡିଡିଏଚ୍) ଓ ସହକାରୀ ନିର୍ଦ୍ଦେଶକ(ଏଡିଏଚ୍), ବ୍ଲକସ୍ତରରେ ଅତିରିକ୍ତ ଉଦ୍ୟାନ ଅଧିକାରୀ(ଏଏଚ୍‌ଓ) ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତା ମିଳିମିଶି ଉପରୋକ୍ତ ଅର୍ଥ ହରିଲୁଟ କରୁଛନ୍ତି। ଫଳରେ ଚାଷୀଙ୍କ ପାଖରେ ସରକାରଙ୍କ ଏହି ମହତ ଯୋଜନା ପହଞ୍ଚି ପାରୁନାହିଁ । ଏହି ଉଦ୍ୟାନ ସାମଗ୍ରୀ ପାଇଥିବା ଚାଷୀଙ୍କ ତାଲିକାକୁ ତନଖି କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରନ୍ତା ବୋଲି ଚାଷୀମାନେ କହିଛନ୍ତି।

ପୂର୍ବ ସାମୁଦ୍ରିକ ବାତ୍ୟା ସମୟରେ ସରକାର ଚାଷୀଙ୍କୁ କ୍ଷୟକ୍ଷତି ସହାୟତା ପ୍ରଦାନ କରିବା ସହ କିଚେନ ଗାର୍ଡେନ ପାଇଁ ପନିପରିବା କିଟ୍ସ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଜିଲାର ଅଧିକାଂଶ ପନିପରିବା ଚାଷୀ ଏଭଳି ମିନି କିଟ୍ସ କେବେ ଦେଖି ନ ଥିବା କହିଛନ୍ତି । କରୋନା ସମୟ ୨୦୨୦ ଜୁଲାଇରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ସାରା ଓଡ଼ିଶା ପାଇଁ ୩୪୦୦.୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ମଞ୍ଜୁର ଅର୍ଥକୁ ନିର୍ଦ୍ଧାରିତ ଗାଇଡ୍‌ଲାଇନ ଅନୁସାରେ ଖର୍ଚ୍ଚ କରି ମାସିକ ଅଗ୍ରଗତି ରିପୋର୍ଟ, ବିନିଯୋଗ ପତ୍ର(ୟୁସି) ଓ ହିତାଧିକାରୀ ତାଲିକା ଦାଖଲ କରିବାକୁ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ନିର୍ଦ୍ଦେଶ ଜାରି କରିଥିଲେ। ଏହି କ୍ରମରେ କିଚେନ୍ ଗାର୍ଡେନ ପାଇଁ ମିନି କିଟ୍ସ ବଣ୍ଟନ କରିବାକୁ ଧାର୍ଯ୍ୟ ହୋଇଥିଲା। ସେହିପରି ଛତୁ ଚାଷ ପାଇଁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ଆର୍ଥିକ ସହାୟତା ଘୋଷଣା ହୋଇଥିଲା । ବାସ୍ତବରେ ଅଧିକାଂଶ ବାତ୍ୟା ପ୍ରଭାବିତ ଚାଷୀ ଏଭଳି ମିନି କିଟ୍ସ କେବେ ଦେଖି ନାହାନ୍ତି ବୋଲି କହୁଛନ୍ତି। ଏଭଳି ସ୍ଥିତିରେ ଜୱାଦ ବାତ୍ୟା ପ୍ରଭାବିତଙ୍କ ପାଇଁ ୨୦୨୧-୨୨ ବର୍ଷ ଲାଗି ପନିପରିବା ମିନି କିଟ୍ସ ୪ ଲକ୍ଷ ଚାଷୀଙ୍କୁ ବଣ୍ଟନ ପାଇଁ ୨୮ ଲକ୍ଷ ଟଙ୍କା ଓ ହାଇବ୍ରିଡ ପନିପରିବା ଚାଷ ପାଇଁ ୧ ଲକ୍ଷ ଚାଷୀଙ୍କୁ ୪୦ କୋଟି ଟଙ୍କା ଧାର୍ଯ୍ୟ ହୋଇଛି। ସେହିପରି ୨୦୨୨-୨୩ ବର୍ଷରେ ୧ ଲକ୍ଷ ହିତାଧିକାରୀଙ୍କ ପାଇଁ ପ୍ଲାଷ୍ଟିକ କ୍ରେଟ୍ସ ବଣ୍ଟନରେ ୨୨.୫୦ କୋଟି ଟଙ୍କା ଓ ୧ ଲକ୍ଷ ହିତାଧିକାରୀଙ୍କୁ ଫଳ ଚାରା ବଣ୍ଟନରେ ୧୮୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ଅଟକଳ ହୋଇଛି। ଏଥିରେ ବାଲେଶ୍ୱର, ନୀଳଗିରି, ଭଦ୍ରକ, କଟକ, ଆଠଗଡ, ବାଙ୍କୀ, ଗଞ୍ଜାମ, ଛତ୍ରପୁର, ଭଞ୍ଜନଗର, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଆନନ୍ଦପୁର, ଚମ୍ପୁଆ, ଖୋର୍ଦ୍ଧା, ଭୁବନେଶ୍ୱର, ମୟୂରଭଞ୍ଜ, ରାଇରଙ୍ଗପୁର, ଉଦଳା, କରଞ୍ଜିଆ, ନୟାଗଡ଼ ଓ ପୁରୀ ଏଡିଏଚ୍ ଓ ଡିଡିଏଚ୍ ଅଧୀନ ଚାଷୀମାନେ ଉପକୃତ ହେବେ। ଏଥିପାଇଁ ଖର୍ଚ୍ଚ ବାବଦରେ ଆବଶ୍ୟକ ଅର୍ଥ ଡିଡିଏଚ୍/ଏଡିଏଚ୍‌ଙ୍କୁ ପ୍ରଦାନ କରାଯିବ। ଏହି ଅଧିକାରୀମାନେ ଓଏସ୍‌ଏସ୍‌ସି(ଓଡ଼ିଶା ଷ୍ଟେଟ ସିଡ୍ସ କର୍ପୋରେଶନ)କୁ ମିନି କିଟ୍ସ ବାବଦ ଅର୍ଥ ପ୍ରଦାନ କରିବେ। ଏଏଚ୍‌ଓ, ଏଚ୍‌ଓଙ୍କ ଦ୍ୱାରା ଚିହ୍ନଟ ହିତାଧିକାରୀଙ୍କ ତାଲିକାକୁ ଡିଡିଏଚ୍ ଓ ଏଡିଏଚ୍ ପ୍ରମାଣିତ କରିବେ। ସମ୍ପୃକ୍ତ ଅଧିକାରୀମାନେ ହିତାଧିକାରୀ ତାଲିକା ସହ ପନିପରିବା କିଟ୍ସ ଓ ଅନ୍ୟାନ୍ୟ ସାମଗ୍ରୀର ହିସାବ ରଖିବେ। ମିନି କିଟ୍ସରେ ବାଇଗଣ, ଟମାଟୋ, ଲଙ୍କା, ବିନ୍, ମୂଳା, ଶାଗ, ଭେଣ୍ଡି, ଫୁଲକୋବି, ବନ୍ଧାକୋବି, କାକୁଡି, କଖାରୁ, ଲାଉ ଇତ୍ୟାଦି ମଞ୍ଜି ରହିଛି। ତେବେ ଏହିସବୁ ସୁବିଧାରୁ ବଞ୍ଚିତ ଯାଜପୁର ଜିଲାର ରସୁଲପୁର ବ୍ଲକ ଶ୍ରୀବନ୍ତପୁର, ଜାବରା, ନଠୁଆବର ଆଦି ପଞ୍ଚାୟତର ଚାଷୀମାନଙ୍କୁ ଉଦାହରଣ ଭାବେ ନିଆଯାଇପାରେ। ଜାବରା ପଞ୍ଚାୟତ ଅଧୀନ କଣ୍ଠିଆକଣା ଗ୍ରାମର ଚାଷୀ ଅତୁଳ ମଲ୍ଲିକ ଓ ଶ୍ରୀବନ୍ତପୁର ପଞ୍ଚାୟତର ଭଗୀରଥପୁର ଗ୍ରାମର ଚାଷୀ ରବୀନ୍ଦ୍ର ବେହେରା କୁହନ୍ତି, ସରକାର ବାତ୍ୟା ସହାୟତା ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି, ହେଲେ ଏହି ଅଞ୍ଚଳର ପନିପରିବା ଚାଷୀଙ୍କୁ ସେହି ସହାୟତା ଆଦୌ ମିଳୁ ନାହିଁ। ଏଯାଏ ମିନି କିଟ୍ସ, ପ୍ଲାଷ୍ଟିକ କ୍ରେଟ୍ସ, ଫଳ ଚାରା ଆଦି ଆମେ ଦେଖି ନାହୁଁ । ଉଦ୍ୟାନ ବିଭାଗ ଅଧିକାରୀମାନେ କେବେ ହେଲେ ବି ଆମ ପାଖକୁ ଆସିନାହାନ୍ତି ବୋଲି ଚାଷୀମାନେ କହିଛନ୍ତି ।

ଏ ସଂକ୍ରାନ୍ତରେ ଯାଜପୁର ଏଡିଏଚ୍ ସୂର୍ଯ୍ୟମଣି ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ଜୱାଦ ବାତ୍ୟା ପ୍ରଭାବିତ ଚାଷୀଙ୍କ ପାଇଁ ଏଥର ବିଭିନ୍ନ କିଟ୍ସ ବଣ୍ଟନ କରିବାକୁ ପତ୍ର ଆସିଛି। ତେବେ ପୂର୍ବରୁ ଚାଷୀ ପାଇ ନ ଥିବା କିଟ୍ସ ସଂକ୍ରାନ୍ତରେ ତାଙ୍କ ପାଖରେ କୌଣସି ଅଭିଯୋଗ ନାହିଁ। ଏଥର ସମସ୍ତ ପ୍ରଭାବିତ ଚାଷୀ କିପରି କିଟ୍ସ ଓ ଅନ୍ୟାନ୍ୟ ସହାୟତା ପାଇବେ ସେନେଇ ସମ୍ପୃକ୍ତ ଏଏଚ୍‌ଓ, ଏଚ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି ।

## ଭୋଟ ଦେଲେନି କୁଟାମା ଗ୍ରାମବାସୀ


କୁଟାମା ବୁଥ୍ ସମ୍ମୁଖରେ ଧାରଣା ଦେଇଥିବା ଗ୍ରାମବାସୀ।

ଚନ୍ଦ୍ରପୁର,୧୬।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍‌ରେ ବୁଧବାର ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇଥିଲା। ତେବେ ଚନ୍ଦ୍ରପୁର ସଦର ପଞ୍ଚାୟତ ଅନ୍ତର୍ଗତ କୁଟାମା ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ଗାଁରେ ୩୭୨ ଭୋଟର ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୨୬୮ ଗ୍ରାମବାସୀଙ୍କ ନାମ ତାଲିକାରୁ ବାଦ୍ ପଡ଼ିଛି। ଫଳରେ ଗ୍ରାମବାସୀ ଭୋଟ ଦେଇ ନ ଥିବା ଚନ୍ଦ୍ରପୁର ବ୍ଲକର ପୂର୍ବତନ ଜିଲା ପରିଷଦ ସଭ୍ୟା ସରସ୍ୱତୀ ମାଳବିଶୋଇ ଅଭିଯୋଗ କରିଛନ୍ତି। ସରସ୍ୱତୀ କୁଟାମା ଗ୍ରାମର ଅଧିବାସୀ। ଅନେକ ଗ୍ରାମବାସୀ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ନେଇ ୩ ମାସ ପୂର୍ବରୁ ସେ ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗ୍‌ଡୁଙ୍ଗ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ସେ କହିଛନ୍ତି। ଭୋଟ ସମସ୍ତ ଗ୍ରାମବାସୀ ଦେବେ ନଚେତ୍ କେହି ଦେବେନାହିଁ ବୋଲି ବୁଧବାର ଗ୍ରାମବାସୀ ଜିଦ୍‌ରେ ଅଟଳ ରହି କୁଟାମା ବୁଥ୍ ସମ୍ମୁଖରେ ଧାରଣାରେ ବସିଥିଲେ। ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ ଏବଂ ତହସିଲଦାର ଚିନ୍ମୟ ଦାସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲେ ମଧ୍ୟ ଗ୍ରାମବାସୀ ଭୋଟ ଦେଇ ନ ଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏପରି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ପୁଟିନ୍‌ଙ୍କୁ ଭେଟିବେ ବୋଲ୍‌ସେନାରୋ


ଜୈର ବୋଲସେନାରୋ

**ମସ୍କୋ, ୧୬।୨:** ୟୁକ୍ରେନ ସଙ୍କଟ ଭିତରେ ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲସେନାରୋ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନଙ୍କ ସହ ଆଲୋଚନା କରିବାକୁ ବୁଧବାର ମସ୍କୋରେ ପହଞ୍ଚିଛନ୍ତି। ରୁଷିଆ ଗସ୍ତ ନ କରିବାକୁ ଆମେରିକା ଓ ବୋଲସେନାରୋଙ୍କ ନିଜ କ୍ୟାବିନେଟ ଚାପ ପକାଇବା ସତ୍ତ୍ୱେ ସେ ପୁଟିନଙ୍କୁ ଭେଟିବାକୁ ଆସିଛନ୍ତି। କେବଳ ବାଣିଜ୍ୟ କାରବାର ସମ୍ପର୍କରେ ସେ ଆଲୋଚନା କରିବେ ବୋଲି ସଫେଇ ଦେଇଛନ୍ତି। ରୁଷିଆ ଓ ବ୍ରାଜିଲ ମଧ୍ୟରେ କୂଟନୈତିକ, ବାଣିଜ୍ୟ କାରବାର, ବୈଜ୍ଞାନିକ ଏବଂ ସାଂସ୍କୃତିକ ସମ୍ପର୍କ ମଜଭୁତ ହେବ। ଏହାସହ ଅନ୍ତର୍ଜାତୀୟ ପ୍ରସଙ୍ଗ ମଧ୍ୟ ଆଲୋଚନରେ ସାମିଲ ହେବ ବୋଲି କ୍ରେମଲିନ ପକ୍ଷରୁ କୁହାଯାଇଛି।

## ଭାଜପା ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର

କୋକସରା,୧୬।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଭାଜପାର ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ମାରାଥନ ପ୍ରଚାର କରିଛନ୍ତି ଓଲିଓଡ ଷ୍ଟାର ପ୍ରଚାରକ ଅଶ୍ରୁ ମୋଚନ ମହାନ୍ତି। ବୁଧବାର ସେ କୋକସରା ବ୍ଲକର ୨ ନଂ. ଜିଲା ପରିଷଦ ଜୋନ ପାଇଁ ପ୍ରଚାର କରିଛନ୍ତି। ବ୍ଲକର ଚିଲିଗୁଡା, ଛିଲିପାମାଲ, ଝରିଆଗୁଡା, ଟେମରା, ରଏନଗୁଡାରେ ନିର୍ବାଚନୀ ପ୍ରଚାର କରି ମୋଦି ସରକାରଙ୍କ ହାତମୁଠା ଟାଣ କରି ଭାଜପାର ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ଭୋଟରଙ୍କୁ ନିବେଦନ କରିଛନ୍ତି। ତାଙ୍କ ସହ ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟଯୋଶୀ, ଜିଲା ପରିଷଦ ପ୍ରାର୍ଥୀ ଜନାର୍ଦ୍ଦନ ପଣ୍ଡା, ସନ୍ତୋଷ ମାଝି, ପ୍ରତିମା ପୂଝାରୀଙ୍କ ସମେତ ଦଳୀୟ ଭାଜପା କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଓଡ଼ିଆ ସିନେ ଜଗତର ଅଭିନେତାଙ୍କୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ପ୍ରଶଂସକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

# 'ଭାରତର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ବିଶ୍ୱ ପାଇଁ ଉଦାହରଣ'



ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିବା ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି ବିଶୋ ପାରାଜୁଲି, କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଅନ୍ୟ ଅତିଥିମାନେ।

### କିଟ୍ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

**ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓ କିସ୍ ବୁଝାମଣାପତ୍ର ସ୍ୱାକ୍ଷରିତ**

ଭୁବନେଶ୍ୱର, ୧୬।୨(ବ୍ୟୁରୋ)

ବିଗତ ୫୦ବର୍ଷ ମଧ୍ୟରେ ଖାଦ୍ୟ ସୁରକ୍ଷା ଦିଗରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଦିନେ ଖାଦ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଭାରତ ଆଜି ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ସହ ବିଶ୍ୱର ଅନ୍ୟ ଦେଶକୁ ରପ୍ତାନି ମଧ୍ୟ କରୁଛି। ଏଥିସହ ଅନୁକୂଳ ନୀତି, ବିଜ୍ଞାନ ଓ ପ୍ରଯୁକ୍ତିର ଉପଯୋଗ, ଉନ୍ନତ ଯୋଗାଣ ଓ ବଜାର ବ୍ୟବସ୍ଥା ଆଦି ଭାରତର ଖାଦ୍ୟ ସୁରକ୍ଷା ଦିଗରେ ସହାୟକ ହୋଇଛି। ଫଳରେ ଭାରତର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ବିଶ୍ୱ ପାଇଁ ଉଦାହରଣ ବୋଲି ଜାତିସଂଘ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି ତଥା ଭାରତ ମୁଖ୍ୟ ବିଶୋ ପାରାଜୁଲି କହିଛନ୍ତି। ବୁଧବାର କିଟ୍ ବିଶ୍ୱବିଦ୍ୟାଳୟ ୧୮ତମ ପ୍ରତିଷ୍ଠା ଦିବସ ବକ୍ତୃତା ପ୍ରଦାନ କରି ପାରାଜୁଲି କହିଲେ, ଖାଦ୍ୟ ଉତ୍ପାଦନ ଏବଂ ଖାଦ୍ୟ ଉପଲବ୍ଧତା ସମାନ ନୁହେଁ। ଆଜି ମଧ୍ୟ ବିଶ୍ୱରେ କ୍ଷୁଧା ବଢ଼ି ଚାଲିଛି। ଆମେ ପ୍ରଚୁର ଖାଦ୍ୟ ଉତ୍ପାଦନ କରିବା ସତ୍ତ୍ୱେ ବିଶ୍ୱର ପାଖାପାଖି ୮୧୧ ମିଲିଅନ ଲୋକ ପର୍ଯ୍ୟାପ୍ତ ଖାଦ୍ୟ ପାଇପାରୁ ନ ଥିବାବେଳେ ୨୭୦ ମିଲିୟନ ଲୋକ ଭୋକରେ ରହୁଛନ୍ତି। ତେଣୁ ସମସ୍ତଙ୍କ ନିକଟରେ ଖାଦ୍ୟ କିପରି ପହଞ୍ଚିବ ତାହା ଆମର ସର୍ବପ୍ରଥମ ଦାୟିତ୍ୱ ହେବା ଉଚିତ ବୋଲି ପାରାଜୁଲି କହିଥିଲେ। ଜଳବାୟୁ ପରିବର୍ତ୍ତନ ଉପରେ ମତ ରଖି ସେ କହିଲେ, ଖାଦ୍ୟ ଉତ୍ପାଦନ ବଢ଼ିବା ସହ ସ୍ଥାୟୀ କୃଷି ପ୍ରଣାଳୀ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବନ୍ୟା, ବାତ୍ୟା, ଦୁର୍ଭିକ୍ଷ, ସମୁଦ୍ରପତ୍ତନ ବୃଦ୍ଧି ଭଳି ପ୍ରାକୃତିକ ବିପତ୍ତି ବୃଦ୍ଧି ପାଉଛି। ବ୍ୟାପକ ଫସଲ ହାନି ହେଉଛି। ତେଣୁ କିଟ୍ ଓ କିସ୍ ଭଳି ଉତ୍କର୍ଷ ଉଚ୍ଚତର ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସ୍ଥାୟୀ କୃଷି ପ୍ରଣାଳୀ ଦିଗରେ ଶିକ୍ଷା ଓ ଗବେଷଣା କରିବା ଉଚିତ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣରେ କହିଲେ, କିଟ୍ ଓ କିସ୍ ହେଉଛି ଦୁଇଟି ସାମାଜିକ ଦାୟିତ୍ୱବୋଧ ଉପରେ ପର୍ଯ୍ୟବସିତ ଅନୁଷ୍ଠାନ। ଏହି ଦୁଇ ଅନୁଷ୍ଠାନ ଅଧିକାଂଶ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟ କରିଆସୁଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ କହିଲେ, କିଟ୍ ବିଶ୍ୱବିଦ୍ୟାଳୟ ବିଶ୍ୱର ସମସ୍ତ ସଂସ୍କୃତିକୁ ଗୋଟିଏ ସ୍ଥାନରେ ଏକାଠି କରିବାର ପରିବେଶ ସୃଷ୍ଟି କରିପାରିଛି। ଏହା ୬୫ଟି ଦେଶର ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିପାରିଥିବାବେଳେ ପୁରାତନ ଛାତ୍ରୀଛାତ୍ର ୭୦ଟି ଦେଶରେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଉପକୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓ କିସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଥିରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଭାରତ ମୁଖ୍ୟ ପାରାଜୁଲି ଓ କିସ୍ ପକ୍ଷରୁ ପ୍ରତିଷ୍ଠାତା ଡ. ସାମନ୍ତ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।



## ସଂକ୍ଷେପରେ

### କେନ୍ଦ୍ରୀୟ ଆୟୁର୍ବେଦ ଅନୁସନ୍ଧାନ ପରିଷଦର ମହାନିର୍ଦ୍ଦେଶକ ପଦବୀରେ ପ୍ରଥମ ଓଡ଼ିଆ

ରଘୁନାଥପୁର,୧୬।୨(ଡି.ଏନ୍.ଏ.) କେନ୍ଦ୍ରୀୟ ଆୟୁର୍ବେଦ ବିଜ୍ଞାନ ଅନୁସନ୍ଧାନ ପରିଷଦ (ସିସିଆର୍ଏଏସ୍)ର ମହାନିର୍ଦ୍ଦେଶକ ରୂପେ ପ୍ରଫେସର ରବିନାରାୟଣ ଆଚାର୍ଯ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଣାଳୟ ଅଧୀନ ଏହି ସମ୍ମାନଜନକ ପଦବୀ ଅଳଙ୍କୃତ କରିବାରେ ସେ ହେଲେ ପ୍ରଥମ ଓଡ଼ିଆ।



ରବିନାରାୟଣ ଆଚାର୍ଯ୍ୟ

ତାଙ୍କ ଘର ଜଗତ୍‌ସିଂହପୁର ଜିଲା ସଅଁରା ପଞ୍ଚାୟତର ନାଲିବର ଗ୍ରାମରେ। ନାଲିବର ଉଚ୍ଚବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ସ୍ୱର୍ଗତ ପଣ୍ଡିତ ପରୀକ୍ଷିତ ଆଚାର୍ଯ୍ୟଙ୍କ ସେ କନିଷ୍ଠ ପୁତ୍ର। ସରକାରଙ୍କ ତରଫରୁ ସେ ଜେନେଭା, ତ୍ରିନିଦାଦ ଓ ଟବାଗୋ, ଶ୍ରୀଲଙ୍କା, ଥାଇଲାଣ୍ଡ ଏବଂ ଚାଇନା ଆଦି ଦେଶ ଗସ୍ତ କରି ଆୟୁର୍ବେଦିକ ଚିକିତ୍ସା ସମ୍ବନ୍ଧିତ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏବେ ଜାମନଗର, ଗୁଜରାଟସ୍ଥିତ ଆୟୁର୍ବେଦ ବିଶ୍ୱବିଦ୍ୟାଳୟର ଦ୍ରବ୍ୟଗୁଣ ବିଭାଗର ବିଭାଗୀୟ ମୁଖ୍ୟଭାବେ କାର୍ଯ୍ୟରତ। ନୂତନ ଦାୟିତ୍ୱ ମିଳିବା ପରେ ସ୍ଥାନୀୟ ଅଞ୍ଚଳର ବନବିହାରୀ ନାୟକ, ସିସିଆର୍ଏଏସ୍‌ର ପୂର୍ବତନ ନିର୍ଦ୍ଦେଶକ ଡା. ଚତୁର୍ଭୁଜ ନାୟକ, ଭ୍ରମରବର ସ୍ୱାଇଁ, ପ୍ରଧାନ ଶିକ୍ଷକ ନିରଞ୍ଜନ ସ୍ୱାଇଁ ଓ ଗଗନ ବିହାରୀ ନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ମତଦାନରୁ ନିବୃତ୍ତ ରହିଲେ ଦୁଣ୍ଡାବାସୀ

#### ପୋଲିଂ କର୍ମଚାରୀଙ୍କୁ ଫେରାଇଦେଲେ

ଜୁନାଗଡ,୧୬।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ବୁଧବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବ୍ଲକର ସବୁ ସ୍ଥାନରେ ଶାନ୍ତିଶୃଙ୍ଖଳା ସହ ମତଦାନ ହୋଇଥିବାବେଳେ ଦୁଣ୍ଡାରେ କିନ୍ତୁ ଗ୍ରାମବାସୀ ଭୋଟଦାନ ବର୍ଜନ କରିଛନ୍ତି। ଜୁନାଗଡ ବ୍ଲକ ଦୁଦେଲମାଲ ପଞ୍ଚାୟତର ବଣପାହାଡଘେରା ଦୁର୍ଗମ ଅଞ୍ଚଳରେ ଦୁଣ୍ଡା ଗ୍ରାମ ରହିଛି। ଏଠାରେ ଦୀର୍ଘଦିନ ହେବ ସ୍ଥାନୀୟ ଗ୍ରାମବାସୀ ରାସ୍ତା ଓ ପାନୀୟ ଜଳର ସୁବିଧା ପାଇଁ ଦାବି କରି ଆସୁଥିଲେ। ହେଲେ ଉପରୋକ୍ତ ସମସ୍ୟା ସମାଧାନ ନ ହେବାରୁ ଚଳିତ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପୂର୍ବରୁ ଭୋଟ ବର୍ଜନ କରିବା ନେଇ ସେମାନେ ଜିଲାପାଳ ଓ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ମତଦାନ ପାଇଁ ଯାଇଥିବା ପୋଲିଂ କର୍ମଚାରୀଙ୍କୁ ଗ୍ରାମବାସୀ ବାଟରେ ଅଟକାଇ ବିରୋଧ କରିଥିଲେ। ଫଳରେ ପୋଲିଂ କର୍ମଚାରୀମାନେ ଭୋଟ ଗ୍ରହଣ କରି ନ ପାରି ଫେରିଯାଇଥିଲେ।

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ରାଉରକେଲା ଅଫିସ,୧୬।୨: ଗୋପବନ୍ଧୁପାଲି ଫାଣ୍ଡି ଅନ୍ତର୍ଗତ ମଧୁସୂଦନ ପାଲି ବସ୍ତିରେ ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛି। ସୂଚନାଯୋଗ୍ୟ, ମଧୁସୂଦନପାଲିରେ ସୀତା ଦେବୀ(୩୩) ପରିବାର ସହ ବାସ କରନ୍ତି। ବୁଧବାର ସାଢେ ୧୨ଟାରେ ଶାଶୁ ଆରତି ଦେବୀଙ୍କ ସହ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ସନ୍ଧ୍ୟା ସମୟରେ ଘରେ କେହି ନ ଥିବାବେଳେ ମହିଳା ଜଣଙ୍କ କୀଟନାଶକ ପିଇ ଦେଇଥିଲେ। ଏଥିରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଆରଜିଏଚରେ ଭର୍ତ୍ତି କରିଥିଲେ। ଏନେଇ ପୋଲିସ ଖବରପାଇ ଘଟଣା ସ୍ଥଳରେ ପହଞ୍ଚି ପରିବାର ଲୋକଙ୍କ ଠାରୁ ଉକ୍ତ ଝଗଡାର କାରଣ ଜାଣିବା ସହ ବୁଝାସୁଝା କରିଥିବା ଜଣାପଡ଼ିଛି।

## ୫ ଜଣିଆ କମିଟି ଗଠନ କଲେ ହାଇକୋର୍ଟ

### ଢିଙ୍କିଆ ବିବାଦ ମାମଲା

କଟକ ଅଫିସ,୧୬।୨

ଜଗତ୍‌ସିଂହପୁର ଜିଲା ଢିଙ୍କିଆ ବିବାଦ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଆର୍.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏକ ୫ ଜଣିଆ ଆଇନଜୀବୀ କମିଟି ଗଠନ କରିଛନ୍ତି। ଏହି କମିଟିରେ ୩ ଆବେଦନକାରୀଙ୍କ ଓକିଲ ଓ ୨ ଜଣ ସରକାରୀ ଓକିଲଙ୍କୁ ରଖାଯାଇଛି। ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ଓମ୍‌କାର ଦେବଦାସ, ସୁକାନ୍ତ କୁମାର ଦଳେଇ, ଦେବକାନ୍ତ ମହାନ୍ତି ଓ ଜନ୍ମେଞ୍ଜୟ କଟିକିଆଙ୍କୁ ନେଇ ଗଠିତ ଉକ୍ତ କମିଟି ଆସନ୍ତା ୧୯ ତାରିଖରେ ଘଟଣାସ୍ଥଳ ପରିଦର୍ଶନ କରିବ। ସେଠାକାର ଲୋକଙ୍କ ସହିତ ଆଲୋଚନା କରିବା ସହ ରିପୋର୍ଟ ପ୍ରସ୍ତୁତ କରି ହାଇକୋର୍ଟରେ ଦାଖଲ କରିବ। ଆସନ୍ତା ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଆବେଦନକାରୀ ଆଇନଜୀବୀ କ୍ଷୀରୋଦ ରାଉତ, ଢିଙ୍କିଆ ଅଞ୍ଚଳର କୁନି ମଲ୍ଲିକ, ପ୍ରତାପ ରୁଦ୍ର ସାମନ୍ତରାୟଙ୍କ ପକ୍ଷରୁ ଏହି ମାମଲା ରୁଜୁ ହୋଇଛି। ଉକ୍ତ ମାମଲାରେ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇ ପୋଲିସର ଲାଠିଚାଳନାକୁ ଅସ୍ୱୀକାର କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ଢିଙ୍କିଆ ଅଞ୍ଚଳରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ସମୟରେ ଗ୍ରାମବାସୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ପୋଲିସ ଲାଠିଚାଳନା କରିବାରୁ ଅନେକ ଆନ୍ଦୋଳନକାରୀ ଆହତ ହୋଇଥିଲେ। ପୋଲିସର ଲାଠିଚାଳନାକୁ ବିରୋଧ କରିବା ସହ ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ହାଇକୋର୍ଟରେ ପୃଥକ୍ ଭାବେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ପୋଲିସ ଆକ୍ରମଣରେ ଆହତ ହୋଇଥିବା ଲୋକଙ୍କୁ ମାଗଣା ଚିକିତ୍ସା ଓ କ୍ଷତିଗ୍ରସ୍ତ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଆବେଦନରେ ଦର୍ଶାଯାଇଛି। ସେହିପରି ଲୋକମାନଙ୍କ ନାମରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଆଦେଶ ଦିଅନ୍ତୁ ବୋଲି ଆବେଦନରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଅମାନୁଷିକ ଭାବେ ଲାଠିଚାର୍ଜ କରିଥିବା ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସେଠାରେ ତୁରନ୍ତ କାରଖାନା ପ୍ରତିଷ୍ଠା ଉଦ୍ୟମ ବନ୍ଦ କରିବାକୁ ଆଗତ ମାମଲାରେ ନିବେଦନ କରାଯାଇଛି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ରାଜସ୍ୱ ସଚିବ, ଗୃହ ସଚିବ, ଡିଜିପି, ଜଗତ୍‌ସିଂହପୁର ଏସ୍‌ପି ଓ ଏରସମା ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ



ପୁରୀ ଅଫିସ, ୧୬।୨

ପବିତ୍ର ମାଘପୂର୍ଣ୍ଣିମାରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ସମ୍ପନ୍ନ ହୋଇଛି। ଦ୍ୱିପ୍ରହର ଧୂପ ପରେ ମହାପ୍ରଭୁଙ୍କୁ ପଟନି ଲାଗି କରାଯାଇଥିଲା। ଏହାପରେ ଘଟୁଆରୀଙ୍କ ଦ୍ୱାରା ଘୋରା ହୋଇଥିବା ଚନ୍ଦନକୁ ରୁପାପିଙ୍ଗଣରେ ପାଳିଆ ପୁଷ୍ପାଳକ ଆଣିଥିଲେ। ତିନିବାଡ଼ରେ ସର୍ବାଙ୍ଗ ନୀତି ପରେ ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ଦକ୍ଷିଣୀ ଘର ଖଟରେ ବିଜେ କରାଇଥିଲେ। ପରେ ମହାପ୍ରଭୁଙ୍କୁ ଗଜ ଉଦ୍ଧାରଣ ବେଶ କରାଯାଇଥିଲା। ଏହି ବେଶରେ ତିନି ଠାକୁର ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୂଷିତ ହୋଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଡ ଠାକୁର ପ୍ରଭୁ ବଳଭଦ୍ର ଚତୁଃହସ୍ତ ରୂପେ ଏବଂ ସୁଭଦ୍ରା ଦ୍ୱିଭୁଜ ବିଶିଷ୍ଟା ହୋଇଥିଲେ। ଚତୁଃହସ୍ତଧାରୀ ଶ୍ରୀଜଗନ୍ନାଥ କାଠ, ସୋଲ ଓ ଜରିରେ ନିର୍ମିତ ଗରୁଡ଼ ଉପରେ ଉପବେଶନ ହୋଇଥିଲେ। ମହାପ୍ରଭୁଙ୍କ ଚାରିହସ୍ତରେ ସୋଲ ଓ ଜରି ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭା ପାଉଥିଲା। ପଦ୍ମାସନ ଭଙ୍ଗୀରେ ଗୋଟିଏ ଆସ୍ଥାନରେ ବସିଥିବା ବଳଭଦ୍ର ଦୁଇ ହସ୍ତରେ ସୋଲ ଓ ଜରି ନିର୍ମିତ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ ଓ ମୁଷଳ ଧାରଣ କରିଥିଲେ। ସୁଭଦ୍ରା ଦୁଇଭୁଜ ଓ ଦୁଇ ପଦଯୁକ୍ତା ହୋଇ କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ଠିଆ ହୋଇଥିଲେ। ଏହି ବେଶରେ କାଠ ଓ ସୋଲ ନିର୍ମିତ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥିଲା। ଗୋଟିଏ ହସ୍ତୀ ବଳଭଦ୍ରଙ୍କ ସମୀପରେ ରତ୍ନ ସିଂହାସନ ଆଗରେ ପୋଖରିଆରେ ଏବଂ ଅନ୍ୟଟି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ରଖାଯାଇଥିଲା। ମହାପ୍ରଭୁଙ୍କ ସମ୍ମୁଖରେ ଥିବା ଗଜ ଉଦ୍ଧାର ପାଇଁ ଆକୁଳ ନିବେଦନ କରୁଥିବା ଭଙ୍ଗୀରେ ରହିଥିଲା। ଗଜ ପାଦକୁ କୁମ୍ଭୀର ଧରିଥିଲା। ସନ୍ଧ୍ୟା ଧୂପରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ପରେ ରାତ୍ରରେ ବେଶ ଓଲାଗି କରାଯାଇ ବଡ଼ସିଂହାର ନୀତି ସମ୍ପନ୍ନ ବଢ଼ିବା ପରେ ପହୁଡ଼ ସମ୍ପନ୍ନ ହୋଇଥିଲା।

## ଜମିପଟ୍ଟା ପାଇବାରୁ ବଞ୍ଚିତ ଉତ୍ତରମୁଖୀ ବାସିନ୍ଦା

### ହାଇକୋର୍ଟରେ ମାମଲା

କଟକ ଅଫିସ,୧୬।୨

ବ୍ରହ୍ମପୁର ତହସିଲ ଅନ୍ତର୍ଗତ ହରିଡ଼ାଖଣ୍ଡି ମୌଜାର ଉତ୍ତରମୁଖୀ ବାସିନ୍ଦା ଜମିପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ବୁଧବାର ହାଇକୋର୍ଟରେ ମାମଲା ଦାଏର କରିଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ହରିଡ଼ାଖଣ୍ଡି ମୌଜାର ଉତ୍ତରମୁଖୀରେ ୧୫୦ ପରିବାର ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନାବାଦୀ ପତିତ ଜମିରେ ବାସ କରିଆସୁଛନ୍ତି। ସେମାନେ ପଟ୍ଟା ପାଇବା ପାଇଁ ହକ୍‌ଦାର ଥିଲେ ମଧ ରାଜନୈତିକ ଉଦ୍ଦେଶ୍ୟ ରଖି ସେମାନଙ୍କୁ ପଟ୍ଟା ପ୍ରଦାନ କରାଯାଇନାହିଁ। ଏ ସମ୍ପର୍କରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ହାଇକୋର୍ଟରେ ପିଟିଶନ ଦାଏର ହୋଇଛି। ହାଇକୋର୍ଟ ଏହି ମାମଲାରେ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ।



## ଅଲିମ୍ପିକ୍ ସ୍ଲାଲୋମରେ ନୋଏଲଙ୍କୁ ସ୍ୱର୍ଣ୍ଣ

### ବେଜିଂ ୱିଣ୍ଟର ଗେମ୍ସ

ବେଜିଂ, ୧୬।୨ (ଏପି)

ଚାରି ବର୍ଷ ପୂର୍ବରୁ ୱିଣ୍ଟର ଅଲିମ୍ପିକ୍ସର ସ୍ଲାଲୋମ ଇଭେଣ୍ଟରେ ୨୦ ବର୍ଷୀୟ କ୍ଲିମେଣ୍ଟ ନୋଏଲ ମାତ୍ର ୦.୦୪ ସେକେଣ୍ଡ ପାଇଁ ବ୍ରୋଞ୍ଜ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ମାତ୍ର ୪ ବର୍ଷ ପରେ ବେଜିଂରେ ବୁଧବାର ସ୍ୱର୍ଣ୍ଣ ପଦକ ଜିତି ନିଜ ଦକ୍ଷତା ପ୍ରତିପାଦନ କରିଛନ୍ତି ଏହି ଫ୍ରେଞ୍ଚ୍ ସ୍କି ରେସର। ନିଜର ଦ୍ୱିତୀୟ ରନ୍‌ରେ ହିଁ ନୋଏଲ ବଡ଼ ବ୍ୟବଧାନରେ ଆଗରେ ରହି କ୍ୟାରିୟରର ଶ୍ରେଷ୍ଠ ସଫଳତା ଅର୍ଜନ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ରେସ୍ ପରେ ସେ ୬ଷ୍ଠ ସ୍ଥାନରେ ରହିଥିଲେ। ମାତ୍ର ତାଙ୍କର ଦ୍ୱିତୀୟ ରନ୍ ଦିବସର ସବୁଠାରୁ ଦ୍ରୁତତମ ଥିଲା। ଏଥିରେ ସେ ପ୍ରଥମ ପର୍ଯ୍ୟାୟର ଲିଡର ଜୋହାନେସ ଷ୍ଟ୍ରୋଲ୍‌ଜଙ୍କୁ ୦.୬୧ ସେକେଣ୍ଡରେ ପଛରେ ପକାଇ ଦେଇଥିଲେ। ‘‘ଫ୍ରାନ୍ସକୁ ଏକ ପଦକ ଜିତି ଫେରିବା ମୋର ମୁଖ୍ୟ ଲକ୍ଷ୍ୟ ଥିଲା। ମୁଁ ଏହା ପାରିବି ବୋଲି ବିଶ୍ୱାସ ଥିଲା। ମାତ୍ର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ନିଜ ଆଶାକୁ ଚରିତାର୍ଥ କରିବା ବହୁ କଷ୍ଟକର’’ ବୋଲି ରେସ୍ ପରେ ନୋଏଲ ପ୍ରକାଶ କରିଛନ୍ତି। ନୋଏଲ ଏବେ ଆଲପିନ୍ ସ୍କିଙ୍ଗରେ ଫ୍ରାନ୍ସର ପ୍ରଥମ ସ୍ୱର୍ଣ୍ଣ ପଦକ ବିଜେତା ହୋଇଯାଇଛନ୍ତି। ଫ୍ରାନ୍ସର ମହିଳା କିମ୍ବା ପୁରୁଷ ପ୍ରତିଯୋଗୀଙ୍କ ମଧ୍ୟରେ ୨୦୦୬ରେ ଶେଷଥର ପାଇଁ ଆଣ୍ଟୋନି ଡେନେରିଆଜ ଡାଉନ୍‌ହିଲ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିବାରେ ସକ୍ଷମ ହୋଇଥିଲେ। ଗତ ଡିସେମ୍ବରରେ ଘରୋଇ ପରିବେଶରେ ସିଜନ ଓପନିଂ ବିଶ୍ୱକପ ସ୍ଲାଲୋମରେ ନୋଏଲ ବିଜେତା ହୋଇଥିଲେ। ମାତ୍ର ସ୍ଲାଲୋମର ୫ ଇଭେଣ୍ଟରେ ଭିନ୍ନଭିନ୍ନ ପ୍ରତିଯୋଗୀ ବିଜୟ ହାସଲ କରିଥିଲେ। ଏହି ସିଜନର ବିଶ୍ୱକପ ସ୍ଲାଲୋମରେ କେବଳ ୪ ସ୍କିୟର ଥରେରୁ ଅଧିକ ପୋଡିୟମ ମଣ୍ଡନ କରିଥିଲେ। ଫଳରେ ଅଲିମ୍ପିକ୍ସ ପାଇଁ କେହି କ୍ଲିୟର ଫେଭରାଇଟ ନ ଥିଲେ।

## ଭାଜପା ଜିଲା ପରିଷଦ ପ୍ରାର୍ଥିନୀଙ୍କ ପୁଅ ଅଟକ

### ମରଣାନ୍ତକ ଆକ୍ରମଣ ଅଭିଯୋଗ

ଖୁଣ୍ଟା,୧୬।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକରେ ବୁଧବାର ଭୋଟ ଗ୍ରହଣ ପରେ ୧୪ନଂ. ଜୋନ୍ ଭାଜପା ଜିଲା ପରିଷଦ ପ୍ରାର୍ଥିନୀଙ୍କ ପୁଅ ଆକ୍ରମଣରେ ତାଙ୍କ କକା ଗୁରୁତର ହୋଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଉତ୍ତେଜିତ ଲୋକେ ପ୍ରାର୍ଥିନୀଙ୍କ ସ୍ୱାମୀଙ୍କୁ ମାଡ଼ ମାରିବା ସହ ତାଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଖୁଣ୍ଟା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପ୍ରାର୍ଥିନୀଙ୍କ ପୁଅଙ୍କୁ ପୋଲିସ ଥାନାରେ ଅଟକ ରଖିଛି।ପୋଲିସ ସୂଚନା ଅନୁଯାୟୀ,୧୪ନଂ. ଜୋନ୍ ଭାଜପା ଜିଲା ପରିଷଦ ପ୍ରାର୍ଥିନୀ ଭାବେ ରାଣିବନ୍ଧ ଗ୍ରାମର ସୁଶାନ୍ତି ପରିଡ଼ା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବୁଧବାର ଭୋଟ ଗ୍ରହଣ ଚାଲିଥିବା ବେଳେ ତାଙ୍କ ପୁଅ ମିଥୁନ ଏବଂ କକା ହିମାଂଶୁ ପରିଡ଼ାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମିଥୁନ ଏକ ଲୁହାରଡ୍‌ରେ କକା ହିମାଂଶୁଙ୍କୁ ମରଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଏହି ଘଟଣା ପରେ ମିଥୁନ ନିଜ ଘରେ ଲୁଚି ରହିଥିବା ବେଳେ ଘର ବାହାରେ ଶତାଧିକ ଗ୍ରାମବାସୀ ହୋହଲ୍ଲା କରିଥିଲେ। ସେହି ସମୟରେ ପ୍ରାର୍ଥିନୀଙ୍କ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚିବା କ୍ଷଣି ଲୋକେ ତାଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ମଧ୍ୟରେ ଲୁଚି ରହିଥିବା ମିଥୁନଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖିଛି। ହିମାଂଶୁଙ୍କୁ ଚିକିତ୍ସା ନିମନ୍ତେ ବାରିପଦା ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୪୪/୨୨) ରୁଜୁ ହୋଇଛି।

### ବୁଥ୍ ଭିତରେ ଛୁରାମାଡ଼ : ଏଜେଣ୍ଟ ଗୁରୁତର

ମାହାଙ୍ଗା,୧୬।୨(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ବ୍ଲକର ୩ ସ୍ଥାନରେ ନିର୍ବାଚନୀ ହିଂସା ହୋଇଛି। ବ୍ଲକ ଅନ୍ତର୍ଗତ ପଣସପୁର ପଞ୍ଚାୟତର ୧ନଂ. ୱାର୍ଡର ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ବେଳେ ପ୍ରାର୍ଥୀଙ୍କ ଏଜେଣ୍ଟଙ୍କୁ ବୁଥ୍ ଭିତରେ ଛୁରାମାଡ଼ ହୋଇଛି। ଏଥିରେ ପ୍ରଭାତ ମିଶ୍ର ଆହତ ହୋଇଛନ୍ତି। ପ୍ରାର୍ଥୀ ଦେବାଶିଷ ଜେନାଙ୍କ ପୋଲିଂ ଏଜେଣ୍ଟ ଭାବେ ପ୍ରଭାତ ବୁଥ୍‌ରେ କାର୍ଯ୍ୟ କରୁଥିଲେ। ଏହି ସମୟରେ ବିରୋଧୀଙ୍କ ୩ ଜଣ ସମର୍ଥକ ବୁଥ୍ ଭିତରେ ପଶି ତାଙ୍କୁ ଗାଳିଗୁଲଜ କରିବା ସହ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ପ୍ରଭାତଙ୍କ ଡାହାଣ ଆଖି ପତାରେ ଗଭୀର ଆଘାତ ଲାଗିଥିଲା। ସେହିପରି ନାହଙ୍ଗ ପଞ୍ଚାୟତ ବାଲିପଡା ଶ୍ରୀଧର କୁଅଁର ହାଇସ୍କୁଲର ୧୧ ଓ ୧୨ ନଂ. ବୁଥ୍‌କୁ ଭୋଟ ଦେବାକୁ ଯାଉଥିବାବେଳେ କେତେଜଣ ଠେଙ୍ଗା ଓ ଭୁଜାଲିରେ ଆକ୍ରମଣ କରିଥିବା ଜଣାପଡିଛି। ଏଥିରେ ବଳରାମ ଦାସଙ୍କ ସମେତ ୨ରୁ ୩ ଜଣ ଆହତ ହୋଇଛନ୍ତି। ଉଷୁମା ପଞ୍ଚାୟତର ୫ ନଂ.ୱାର୍ଡରେ ମତଦାନ ଶେଷ ହେବାପରେ ୨ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ବ୍ୟକ୍ତି ଆହତ ହୋଇଛନ୍ତି।

## ଭୋଟର ସାଜି ଆସିଲେ, ବାଲଟ ବକ୍ସ ଲୁଟିଲେ

### ମତଦାନକୁ କେନ୍ଦ୍ରକରି ଆକ୍ରମଣ, ୫ ଗୁରୁତର

ବ୍ରହ୍ମଗିରି,୧୬।୨(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବୁଧବାର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ୨୫ଟି ପଞ୍ଚାୟତର ୩୭୪ଟି ବୁଥ୍‌ରେ ମତଦାନବେଳେ ୨ଟି ମତଦାନ କେନ୍ଦ୍ରରେ ନିର୍ବାଚନୀ ହିଂସା ଘଟିଛି। ଗୋଷ୍ଠୀ ସଂଘର୍ଷରେ ୫ଜଣ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଏକ ବୁଥ୍‌ରେ ଦୁର୍ବୃତ୍ତମାନେ ବାଲଟ ବକ୍ସ ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଚାପମାଣିକ ପଞ୍ଚାୟତର କାଶିଝରିଆସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ୯ନଂ. ବୁଥରେ ମତଦାନ ଚାଲିଥିବା ସମୟରେ ଜଣେ ବ୍ୟକ୍ତି ଭୋଟର ସାଜି ମତଦାନ ପାଇଁ ଧାଡ଼ିରେ ରହିଥିଲେ। ମତଦାନ ଦେବାର ପାଳି ଆସିବାରୁ ସେ ବୁଥ୍‌କୁ ଯାଇ ଭୋଟ ଦେବା ଆଳରେ ହଠାତ୍ ବାଲଟ ବକ୍ସ ଉଠାଇ ସ୍କୁଲ ପାଚେରି ବାହାରକୁ ଫିଙ୍ଗି ଦୌଡ଼ି ପଳାଇଥିଲେ। ପାଚେରି ବାହାରେ ଥିବା କେତେଜଣ ଦୁର୍ବୃତ୍ତ ବାଲଟ ବକ୍ସକୁ ନେଇ ଜଙ୍ଗଲକୁ ଫେରାର ହୋଇଯାଇଥିଲେ। ବୁଥ୍ ଦାୟିତ୍ୱରେ ଜଣେ ପୋଲିସ କର୍ମଚାରୀ ଥିଲେ ମଧ ଉକ୍ତ ଦୁର୍ବୃତ୍ତଙ୍କୁ ଧରିପାରି ନ ଥିଲେ। ସେତେବେଳକୁ ୫୦% ମତଦାନ ସରିଥିଲା। ଖବରପାଇ ବ୍ରହ୍ମଗିରି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବାବେଳେ ଲୁଟ୍ ବାଲଟ ବକ୍ସକୁ ଠାବ କରାଯାଇପାରିନାହିଁ। ଏ ନେଇ ବ୍ରହ୍ମଗିରି ଥାନା ଆଇଆଇସି ମନୋଜ ଶତପଥୀ କହିଛନ୍ତି, ବାଲଟ ବକ୍ସ ଲୁଟ୍ ନେଇ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଦୁର୍ବୃତ୍ତ ସହ ବାଲଟ ବକ୍ସକୁ ଖୋଜିବା ପାଇଁ ବିଭିନ୍ନ ସ୍ଥାନରେ ଖାନତଲାସି ଚାଲିଛି। ଅନ୍ୟପକ୍ଷରେ ରାହାଙମଲ୍ଲ ପଞ୍ଚାୟତର ନିଶିଭଁର ଗ୍ରାମରେ ଶାସକ ଗୋଷ୍ଠୀର କେତେଜଣ ସମର୍ଥକ ଅନ୍ୟ ଏକ ଗୋଷ୍ଠୀକୁ ନିଜ ସପକ୍ଷରେ ଭୋଟ ଦେବାକୁ କହୁଥିଲେ। ଏହାକୁ ସେମାନେ ବିରୋଧ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ସେମାନଙ୍କ ମରଣାନ୍ତକ ଆକ୍ରମଣରେ ୫ଜଣ ଗୁରୁତର ହୋଇ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ବୁଥ୍ ନିକଟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା। ଖବର ପାଇ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛି। ଏ ନେଇ ପୁରୀ ସଦର ଥାନା ଆଇଆଇସି ସୁମତି ମହାନ୍ତି କହିଛନ୍ତି, ଘଟଣା ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ପୋଲିସ ତଦନ୍ତ ଚଳାଇଛି। ୨ ଗୁରୁତରଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ହରପ୍ରସାଦ ପରିଛା...

ଦୈନିକ ‘ସନ୍‌ଟାଇମସ୍’ ‘ପ୍ରୋବିଟାସ୍’ ଓ ‘ଭର୍ଟେକ୍ସ’ ସମେତ ଓଡ଼ିଆର ‘ଆବର୍ତ୍ତ’ ଇତ୍ୟାଦି ପତ୍ରିକାର ସମ୍ପାଦନା କରିଥିଲେ। ଗ୍ରୀକ୍ କବିତା ସହ ବିଶିଷ୍ଟ କବି, ଗାଳ୍ପିକଙ୍କ ଗଳ୍ପ ଓ କବିତାର ଚମତ୍କାର ଅନୁବାଦ କରିଥିଲେ। ‘ନଷ୍ଟ ହୋଇଯିବାର ମୋହ’ କବିତା ସଙ୍କଳନ ପାଇଁ ତାଙ୍କୁ ୨୦୧୨ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ଗଙ୍ଗାଧର ରଥ ଫାଉଣ୍ଡେଶନ, ସାରଳା ସାହିତ୍ୟ ସଂସଦ ଓ ଉତ୍କଳ ସାହିତ୍ୟ ସମାଜ ପରି ବହୁ ଅନୁଷ୍ଠାନ ଦ୍ୱାରା ନିଜ ସାରସ୍ୱତ ସାଧନା ପାଇଁ ସେ ସମ୍ମାନିତ ହୋଇଥିଲେ।

୧୯୫୩ ଅକ୍ଟୋବର ୧୯ରେ ଜନ୍ମିତ ହରପ୍ରସାଦଙ୍କ ଘର ଗଞ୍ଜାମ ଜିଲା ଖଲ୍ଲିକୋଟ ବିକ୍ରମପୁର ଗ୍ରାମରେ। ରେଭେନ୍‌ଶାରୁ ଇଂଲିଶରେ ସ୍ନାତକୋତ୍ତର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ଲାଭ କରିଥିଲେ। ୧୯୭୫ରେ ଭଞ୍ଜନଗରସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରୁ ସେ ଇଂଲିଶ ଭାଷା ସାହିତ୍ୟ ବିଭାଗରେ ଅଧ୍ୟାପକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ପରେ ସେ ରାଜ୍ୟର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ୩୦ବର୍ଷ ଧରି ଅଧ୍ୟାପନା କରିଥିଲେ। ସେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ୨୦୧୧ରେ ଚାକିରିରୁ ଅବସର ନେବା ପରେ ଦୈନିକ ଖବରକାଗଜ ‘ସର୍ବସାଧାରଣ’ର ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ।

ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଜ୍ୟୋତ୍ସ୍ନାମଞ୍ଜରୀ ପଟ୍ଟନାୟକ, ବଡ଼ପୁଅ ଶ୍ୱେତପଦ୍ମ, ସାନପୁଅ ଶ୍ୱେତସ୍ୱପ୍ନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସାହିତ୍ୟ, ଶିକ୍ଷା ସମେତ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଡ. ପରିଛାଙ୍କ ମୃତ୍ୟୁରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ସମ୍ପାଦକ ପ୍ରବୋଧ ରାଉତ, ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ. ପ୍ରସନ୍ନ କୁମାର ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି।

### ଜେଲ ଗଲେ...

କରିଥିଲା। ଏହି ସମୟରେ ତ୍ରିନାଥ ମିଶ୍ର ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ଏକାଧିକ ଦାମୀ କାର, ସୁପର ବାଇକ, କୋଠା, ଫାର୍ମ ହାଉସ, ନର୍ସିଂହୋମ୍, ଔଷଧ ପ୍ରସ୍ତୁତି ୟୁନିଟ, ଟ୍ରାନ୍ସପୋର୍ଟ ସଂସ୍ଥା, ଫ୍ଲାଟ୍ ଆଦି ରହିଥିବା ଠାବ କରାଯାଇଥିଲା। ପଦର ଅପବ୍ୟବହାର କରି ଏଭଳି ଅମାପ ସମ୍ପତ୍ତିର ଅଧିକାରୀ ତ୍ରିନାଥ ହୋଇଥିଲେ ବୋଲି ଭିଜିଲାନ୍ସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଭିଜିଲାନ୍ସ ଆଭିମୁଖ୍ୟକୁ ନେଇ ପ୍ରତିକ୍ରିୟା ରଖି ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠଓ୍ୱା କହିଛନ୍ତି ଯେ, ଦେଢ଼ ମାସ ଭିତରେ ଦୁର୍ନୀତି ମାମଲାରେ ୩୧ ଜଣ ଦୁର୍ନୀତି ଖୋର୍ ସରକାରୀ ବାବୁଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ୨୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଚାରି ଜଣ କ୍ଲାସ- ୧ ଅଧିକାରୀ ରହିଛନ୍ତି। ‘ମୋ ସରକାର’ କାର୍ଯ୍ୟକ୍ରମ ଜରିଆରେ ତୃଣମୂଳସ୍ତରର ଦୁର୍ନୀତିଖୋର ବ୍ୟକ୍ତି ଓ ସଙ୍ଗଠନ ବାବଦରେ ସବିଶେଷ ତଥ୍ୟ ନିଆଯାଇ ସେହି ଆଧାରରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ଦୁର୍ନୀତିକୁ ଅଟକାଇବା ପାଇଁ ଭିଜିଲାନ୍ସ ପକ୍ଷରୁ ଏହି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି ବୋଲି ଜେଠଓ୍ୱା ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

### ସ୍ତ୍ରୀ ତାଲିକା...

ଆଣିବାକୁ ଆବେଦନ କରିଛି। ରିମାଣ୍ଡରେ ଆସିବା ପରେ ଆହୁରି ଏପରି ଅନେକ ଗୋପନ ତଥ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ ଆଶା ରଖିଛି। ଅଭିଯୁକ୍ତ ରମେଶଙ୍କ ବିରୋଧରେ ଅଧିକ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଛି। ଏଥିରେ ମହିଳା ଥାନା ଆଇଆଇସି, ୨ଜଣ ଏସ୍ଆଇ ଏବଂ ଜଣେ ଏନ୍‌ଜିଓର କାଉନ୍‌ସେଲର ରହୁଛନ୍ତି। ଏଥିସହିତ ଅଭିଯୁକ୍ତଙ୍କ ଫୋନ୍‌କୁ ଫରେନ୍ସିକ ଲାବ୍‌କୁ ପଠାଯିବା ସହ ତାଙ୍କର ଆର୍ଥିକ କାରବାର ସମ୍ପର୍କରେ ମଧ ତଦନ୍ତ କରାଯାଉଥିବା ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି। ସେ କହିଛନ୍ତି, ଅଭିଯୁକ୍ତ ରମେଶ ବିବାହ କରିଥିବା ସମସ୍ତ ମହିଳାଙ୍କୁ ଆମେ ଯୋଗାଯୋଗ କରିବୁ। ଏହି ଘଟଣାର ଦୁଇଟି ପ୍ରମୁଖ ଦିଗ ରହିଛି। ଗୋଟିଏ ହେଲା ମହିଳା ସମ୍ବନ୍ଧୀୟ ଦଫା ଓ ଅନ୍ୟଟି ଆର୍ଥିକ କାରବାର ଠକେଇ। ଅତ୍ୟନ୍ତ ସମ୍ବେଦନଶୀଳତାର ସହ ଏସବୁର ତଦନ୍ତ କରାଯିବ। ଅଭିଯୁକ୍ତ ଜଣକ ଯେପରି ସର୍ବୋଚ୍ଚ ଦଣ୍ଡ ପାଇପାରିବେ ଆମ ପକ୍ଷରୁ ଚେଷ୍ଟା କରାଯିବ ବୋଲି ଡିସିପି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ୍ ସାଇଟ୍ ଏବଂ ସୋସିଆଲ୍ ମିଡିଆରୁ ଉଚ୍ଚଶିକ୍ଷିତା ମହିଳାଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଫସାଇ ବିବାହ କରୁଥିଲେ। ବିଶେଷକରି ଏକୁଟିଆ ରହୁଥିବା ମଧ ବୟସ୍କା ମହିଳାଙ୍କୁ ସେ ଟାର୍ଗେଟ କରୁଥିଲେ। ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଓ ଜାଲ୍ ପ୍ରମାଣପତ୍ର ଦେଇ ବିବାହ କରିବା ପରେ ସମୟ ସୁବିଧା ଦେଖି ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ରମେଶଙ୍କୁ ଗିରଫ ପାଇଁ କମିଶନରେଟ ପୋଲିସ ସେବେଠାରୁ ଉଦ୍ୟମ ଚଳାଇଥିଲା।

## ସଂକ୍ଷେପରେ

### ମୟୂରଭଞ୍ଜରେ ୭୨ ପ୍ରତିଶତ ମତଦାନ

**ବାରିପଦା ଅଫିସ/ଖୁଣ୍ଟା, ୧୬।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲାର ୨୬ ବ୍ଲକରୁ ୭ ବ୍ଲକରେ ବୁଧବାର ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଛି। ଜିଲାରେ ମୋଟ ୭୧ପ୍ରତିଶତ ମତଦାନ ହୋଇଥିବା ଅସମର୍ଥିତ ସୂତ୍ରରୁ ଜଣାପଡିଛି। ଏବେ ସିଲ୍ ବାକ୍ସରେ ରହିଛି ପ୍ରାର୍ଥୀଙ୍କ ଭାଗ୍ୟ। ତେବେ ଖୁଣ୍ଟା ବ୍ଲକ ଅଧୀନ ବଡଫେଣୀ ୱାର୍ଡରେ ଭୋଟର ତାଲିକାରେ ନାଁ ନ ଥିବାରୁ ଗ୍ରାମବାସୀ ଭୋଟବର୍ଜନ କରିଛନ୍ତି। ୧୫୦୧ ବୁଥ୍‌ରେ ୪ଲକ୍ଷ ୭୬ହଜାର ୮୨୮ ଭୋଟର ୧୫ ଜିଲାପରିଷଦ, ୧୧୨ ସରପଞ୍ଚ ଓ ସମିତିସଭ୍ୟ, ୧୪୯୦ ୱାର୍ଡସଭ୍ୟଙ୍କୁ ବାଛିବେ। ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିବା ବେଳେ ଭୋଟରମାନେ ଶାନ୍ତଶୃଙ୍ଖଳାର ସହ ମତଦାନ କରିଛନ୍ତି। ବିଭିନ୍ନ ସ୍ଥାନରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ହେଉଥିବା ବେଳେ ବିଳମ୍ବ ନେଇ ସ୍ଥାନେ ସ୍ଥାନେ ଚାପା ଉତ୍ତେଜନା ଦେଖାଦେଇଛି। ସେହିପରି ଖୁଣ୍ଟା ବ୍ଲକରେ ଶାନ୍ତିଶୃଙ୍ଖଳାରେ ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ୧୪ଟି ପଞ୍ଚାୟତରେ ୧୮୮ ବୁଥ୍‌ରେ ମୋଟ ୭୨. ୨୨ ପ୍ରତିଶତ ମତଦାନ ହୋଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

### ୧୪୩୭ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍

**ଜଳେଶ୍ୱର, ୧୬।୨(ଡି.ଏନ.ଏ.):** ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକରେ ଶେଷ ହୋଇଛି। ମୋଟ ୪୪୬ଟି ବୁଥ୍‌ରେ ୧୪୩୭ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଛି। ଦିନ ଗୋଟିଏ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ସବୁ ପୋଲିଂ ପାର୍ଟି ଭୋଟବାକ୍ସ, ବଳିଥିବା ବାଲଟ ପେପର ଓ ଅନ୍ୟ ସରଞ୍ଜାମ ଦୀନକୃଷ୍ଣ କଲେଜଠାରେ ହୋଇଥିବା 'ରିସିଭିଂ ସେଣ୍ଟର'କୁ ଫେରାଇ ଦେଇଥିଲେ। ମୋଟ ୱାର୍ଡସଭ୍ୟ ୧୧୧୧, ସରପଞ୍ଚ ୧୪୩, ସମିତିସଭ୍ୟ ୧୪୨ ଓ ୨୧ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଯାଇଛି। କେତେକ ସ୍ଥାନରେ କାଁ, ଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ଶାନ୍ତିଶୃଙ୍ଖଳା ସହ ଜଳେଶ୍ୱରରେ ନିର୍ବାଚନ ଶେଷ ହୋଇଥିବା ନିର୍ବାଚନ ଅଧିକାରୀ କହିଛନ୍ତି। କୋଟସାହିର ୯, ୧୦, ୧୧, ୧୨ ବୁଥ, ନଛିମପୁରରେ ବୋଥ ନଂ. ୧୨, ଗୋପୀମୋହନପୁର ୧ ଓ ୬, ଖୁଆଡରେ ୩, ୬, ୭,୮,୯ ଚମାରଗାଁରେ ୨, ୪, ଶିଖରପୁରର ୪, ୫ନଂ. ୱାର୍ଡରେ ଭୋଟ ସମୟରେ ଗଣ୍ଡଗୋଳ, ଠେଲାପେଲା, ବାକ୍‌ବିତଣ୍ଡା ହୋଇଥିବା ଜଣାଯାଇଛି। କେତେକ ବୁଥରେ ଭୋଟର ସଂଖ୍ୟା ଅଧିକ ଥିବାରୁ ସେଠାରେ ନିର୍ଦ୍ଦିଷ୍ଟ ସମୟରେ ଭୋଟଦାନ ଶେଷ ହୋଇନଥିଲା। ଶିଖରପୁର ପଞ୍ଚାୟତରେ ଲାଗିଥିବା ଗଣ୍ଡଗୋଳ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇ ନ ଥିବା ଜଣାଯାଇଛି।

# ବୁଥ୍‌ରେ ଆଚରଣବିଧି ଉଲ୍ଲଂଘନ

## ଅଭିଯୋଗ ଆଣିଲେ କେନ୍ଦ୍ରମନ୍ତ୍ରୀ

**ବାରିପଦା ଅଫିସ,୧୬।୨**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକର ଖୁଣ୍ଟାପାଳ ବୁଥ୍‌ରେ ଆଚରଣ ବିଧି ଉଲ୍ଲଂଘନ କରାଯାଇଛି। ଏନେଇ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିନୀତ ଭରଦ୍ୱାଜଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉକ୍ତ ବୁଥ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ର ଲାଗିଥିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଟୁଡୁ ଅଭିଯୋଗ କରିଛନ୍ତି ଯେ, ବୁଧବାର ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ପୈତୃକ ଗ୍ରାମ ଖୁଣ୍ଟାପାଳ ପ୍ରାଥମିକ ସ୍କୁଲର ୮ ନଂ. ବୁଥ୍‌କୁ ଯାଇ ମତଦାନ କରିଥିଲେ। ମତଦାନ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କର ଏକ ବଡ଼ ବ୍ୟାନର ଲଗାଯାଇଥିବା ସେ ଦେଖିବାକୁ ପାଇଥିଲେ। ଏହାକୁ ଦେଖି ଭୋଟରମାନେ ପ୍ରଭାବିତ ହେଉଥିବା ବେଳେ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି ବୋଲି ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସରଙ୍କୁ ଜଣାଇବା ପରେ ମଧ ସେ ଗୁରୁତ୍ୱ ଦେଇ ନ ଥିଲେ। ତେବେ ଜିଲାପାଳଙ୍କୁ ଜଣାଇବା ପରେ ତୁରନ୍ତ ବ୍ୟାନର ଉଠାଇ ନେଇଥିଲେ। ପରେ ବିଭିନ୍ନ ବୁଥ୍ ପରିଦର୍ଶନରେ ଯାଇ ଅବ୍ୟବସ୍ଥା ସମ୍ପର୍କରେ ମଧ ଜିଲାପାଳଙ୍କୁ ଅବଗତ କରିଛନ୍ତି। ଲୋକଙ୍କ ମଧ୍ୟରେ ଉତ୍ସାହ ଭରି ରହିଥିବା ବେଳେ ମତଦାନ କେନ୍ଦ୍ରରେ ଆବଶ୍ୟକ ପୋଲିଂ ପାର୍ଟି ନିୟୋଜିତ ହୋଇ ନ ଥିବାରୁ ଭୋଟରମାନଙ୍କୁ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି। ସେହିପରି କେତେକ ବୁଥ୍‌ରେ ପ୍ରିଜାଇଡିଂ ଅଫିସରମାନେ ମତଦାନ ସ୍ଥାନରେ ବସି ରହୁଥିବା ବେଳେ ଅବ୍ୟବସ୍ଥାକୁ ନେଇ କେନ୍ଦ୍ରମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଅବାଧ, ମୁକ୍ତ ଓ ସ୍ୱଚ୍ଛ ଭାବେ କରିବାକୁ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଥିଲେ ହେଁ ଦାୟିତ୍ୱରେ ଥିବା ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ସେ କହିଛନ୍ତି।


କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମତଦାନ କରୁଥିବା ବୁଥ୍‌ରେ ଲାଗିଛି ମୁଖ୍ୟମନ୍ତ୍ରୀଙ୍କ ଫଟୋ।

## ଭୋଟବାକ୍ସ ଲକ୍ ନ ହେବାରୁ କର୍ମଚାରୀ ହଟହଟା


ବୁଥ୍ ପାଖରେ ଉତ୍ତ୍ୟକ୍ତ ଲୋକଙ୍କ ହୋହଲ୍ଲା।

**ଜଳେଶ୍ୱର, ୧୬।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର କେତେକ ବୁଥ୍‌ରେ କାଁ ଭାଁ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋପୀମୋହନପୁର ପଞ୍ଚାୟତ ୬ନଂ. ବୁଥ୍ ଗୋପୀମୋହନପୁର ଓ ୧ ନଂ. ବୁଥ୍ ମହିଷାମୁଣ୍ଡାରେ ଭୋଟବାକ୍ସ ଲକ୍ ନ ହେବାରୁ ସମସ୍ୟା ସୃଷ୍ଟି ହୋଇଥିଲା । ମତଦାନ ଶେଷ ହୋଇଥିଲେ ମଧ ତାଲା ନ ପଡିବାରୁ ଦୀନକୃଷ୍ଣ କଲେଜର ରିସିଭିଂ ସେଣ୍ଟରରୁ ୪ଥର ନୂଆ ଲକ୍ ନିଆଯାଇଥିଲେ ମଧ ତାହା କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା। ଶେଷରେ ଜିପିଓ ମୟାଧର ମଲ୍ଲିକ ଘଟଣାସ୍ଥଳକୁ ଯାଇ ଭୋଟବାକ୍ସର ତାଲା ବନ୍ଦ କରିଥିଲେ । ଫଳରେ ଦୀର୍ଘ ସମୟ ପରେ ସେଠାରୁ କର୍ମଚାରୀମାନେ ଫେରିଥିଲେ। ଏହି ତାଲା ବନ୍ଦ ହେଉ ନ ଥିବା ଘଟଣାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା।

### କୋଟସାହିରେ ଭୁଲ୍ ମାଗିଲା ପୋଲିସ

ସେହିପରି କୋଟସାହି ପଞ୍ଚାୟତରେ ଜଣେ ଯୁବକ ୧୦ନଂ. ବୁଥ୍‌ରେ ୨ଜଣ ଯୁବକଙ୍କୁ ନେଇ ଭୋଟ ଦେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ହାତରେ ଧରାପଡିଥିଲେ। ଫଳରେ ପୋଲିସ ମାଡ ମାରିବାରୁ ସ୍ଥାନୀୟ ଲୋକେ ପୋଲିସ ବିରୋଧରେ ବିକ୍ଷୋଭ ପ୍ରକାଶ କରିଥିଲେ। ଘଟଣାସ୍ଥଳକୁ ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ ଓ ଆଇଆଇସି ରୋଜାଲିନ ବେହେରା ଯାଇଥିଲେ। ପୋଲିସର ମାତ୍ରାଧିକ କାର୍ଯ୍ୟ ଲାଗି ଭୁଲ୍ ମାଗିଥିବା ଜଣାଯାଇଛି।

# ଭୋଟ ଦେଲେନି ୬୮ ଭୋଟର

- ତ୍ରୁଟିପୂର୍ଣ୍ଣ ତାଲିକାକୁ ନେଇ ଅସନ୍ତୋଷ
- ବୁଥ୍ ସମ୍ମୁଖରେ ବସିରହି ପ୍ରତିବାଦ କଲେ

**ଖୁଣ୍ଟା,୧୬।୨ (ଡି.ଏନ.ଏ.)**

ତ୍ରୁଟିପୂର୍ଣ୍ଣ ଭୋଟର ତାଲିକାକୁ କେନ୍ଦ୍ରକରି ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ବଡ଼ଫେଣି ପଞ୍ଚାୟତର ଏକ ବୁଥ୍‌ରେ ବୁଧବାର ଭୋଟ ବର୍ଜନ କରାଯାଇଛି। ଏହି ପଞ୍ଚାୟତର ସାର୍ଜମଡ଼ିହି ଗ୍ରାମର ୩ ନଂ. ୱାର୍ଡର ୬୮ଭୋଟର ମତଦାନ କରିନାହାନ୍ତି। ବଡ଼ଫେଣି ସରକାରୀ ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ଭୋଟ ଦେବାକୁ ଥିବାବେଳେ ଉକ୍ତ ଭୋଟର ତାଲିକାରେ ନାମ ରହିଥିବା ଭୋଟର ଓ ସେଥିରୁ ବାଦ୍ ପଡ଼ିଥିବା ଭୋଟର ମିଳିତ ଭାବେ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇ ବୁଥ୍ ସମ୍ମୁଖରେ ବସି ରହିଥିଲେ। ନିର୍ବାଚନ ଅଧିକାରୀମାନେ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ ସେମାନେ ଜିଦ୍‌ରେ ଅଟଳ ଥିଲେ।

ଉକ୍ତ ୱାର୍ଡରେ ୨୦୧୭ ପଞ୍ଚାୟତ ନିର୍ବାଚନ ବେଳେ ଭୋଟର ସଂଖ୍ୟା ୪୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନ ସମୟରେ ୪୧୭ ଜଣ ଭୋଟର ରହିଥିବା ନେଇ ସରକାରୀ ସ୍ତରରେ ତାଲିକା ପ୍ରକାଶ ପାଇଥିଲା। ଚଳିତ ନିର୍ବାଚନ ପୂର୍ବରୁ ବହୁ ନୂତନ ଭୋଟର ମଧ ନାମ ପଞ୍ଜୀକୃତ କରିଥିଲେ। ମାତ୍ର ସରକାରୀ ସ୍ତରରେ ଚିଠା ତାଲିକା ପ୍ରକାଶରେ ଅନିୟମିତତା ହୋଇଥିବା ଅଭିଯୋଗ କରିଥିଲେ ୱାର୍ଡବାସୀ। ପୂର୍ବ ଚିଠା ଅନୁଯାୟୀ ୪୧୭ ଭୋଟରଙ୍କ ସମେତ ଅଧିକ ନୂତନ ଭୋଟରଙ୍କ ନାମ ରହିବା ପରିବର୍ତ୍ତେ ମାତ୍ର ୬୮ ଜଣଙ୍କ ନାଁ ଥିବା ଦେଖାଯାଇଥିଲା। ତାଲିକାରୁ ବାଦ୍ ପଡ଼ିଥିବା ଗ୍ରାମବାସୀଙ୍କ ପକ୍ଷରୁ ଏ ସମ୍ପର୍କରେ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କୌଣସି ସୁଫଳ ମିଳିପାରି ନାହିଁ।


ଭୋଟ ବର୍ଜନ କରିଥିବା ସାର୍ଜମଡ଼ିହି ଗ୍ରାମର ୩ ନଂ. ୱାର୍ଡ ଲୋକେ।

## ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବାକୁ ପ୍ରବର୍ତ୍ତାଇବା ଅଭିଯୋଗ

**କେନ୍ଦୁଝର/ଘଟଗାଁ,୧୬।୨(ସ୍ୱ.ପ୍ର.)**

ଘଟଗାଁ ବ୍ଲକ ମଶିଣାଯୋଡ଼ି ପଞ୍ଚାୟତ ବିନିଦା ୭ନଂ. ବୁଥ୍ କ୍ୟାପଚରିଂ କରାଯାଇଥିବା ଅଭିଯୋଗ ହୋଇଛି। ଏହି ବୁଥ୍‌ରେ ଜଣେ ଭୋଟର ଭୋଟଦାନ କରୁଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ପାଖକୁ ଯାଇ ଭୋଟଦାତାଙ୍କୁ ନିରେଖି ଦେଖୁଥିବା ଫଟୋ ଭାଇରାଲ ହୋଇଛି। ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଉକ୍ତ ବ୍ୟକ୍ତି ପାଖକୁ ଯାଇ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବାକୁ ପ୍ରବର୍ତ୍ତାଇଥିବା ଅଭିଯୋଗ ହୋଇଛି। ଏନେଇ ପଣ୍ଡାପଡ଼ା ଥାନା ଓ ଘଟଗାଁ ବିଡିଓଙ୍କ ନିକଟରେ ଭାଜପା ଜିଲା ପରିଷଦ ପ୍ରାର୍ଥୀଙ୍କ ସମେତ ଭାଜପା ସମର୍ଥିତ ସରପଞ୍ଚ ଏବଂ ୱାର୍ଡ ମେମ୍ବର ପ୍ରାର୍ଥୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ନାରାୟଣ ସାହୁଙ୍କୁ ପଚାରିବାରୁ ବ୍ୟସ୍ତତା ଦର୍ଶାଇ କିଛି କହିବାକୁ ମନା କରିଦେଇଥିଲେ।

## କାଁ ଭାଁ ଗଣ୍ଡଗୋଳରେ ସରିଲା ଭୋଟ

**କେନ୍ଦୁଝର,୧୬।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ବୁଧବାର କାଁଭାଁ ଗଣ୍ଡଗୋଳ ମଧ୍ୟରେ ଶେଷ ହୋଇଛି। ଘଟଗାଁ ବ୍ଲକରେ ୮୦.୫୧ ପ୍ରତିଶତ, ବାଂଶପାଳରେ ୭୮.୩୮ ପ୍ରତିଶତ ଓ ଘଷିପୁରା ବ୍ଲକରେ ୬୯.୩୧ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି।

ସକାଳୁ ଭୋଟ ଦେବା ପାଇଁ ଭୋଟରଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଭୋଟରମାନେ ଲମ୍ବାଧାଡ଼ିରେ ଠିଆ ହୋଇ ଭୋଟ ଦେଇଥିଲେ। ବୁଧବାର ଘଟଗାଁ ବ୍ଲକର ୭ ଓ ୯ନଂ. ଜୋନ୍, ଘଷିପୁରା ବ୍ଲକର ୧୦,୧୧ ଓ ୧୨ନଂ. ଜୋନ୍, ବାଂଶପାଳ ବ୍ଲକର ୨୪ ଓ ୨୫ନଂ.ଜିଲା ପରିଷଦ ଜୋନ୍‌ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଘଟଗାଁ ବ୍ଲକ ଅଧୀନ ୨୭ ପଞ୍ଚାୟତର ୩୮୦ୱାର୍ଡ, ଘଷିପୁରା ବ୍ଲକ ୨୫ ପଞ୍ଚାୟତର ୩୫୩ ୱାର୍ଡ ଏବଂ ବାଂଶପାଳ ବ୍ଲକ ଅଧୀନ ୨୧ ପଞ୍ଚାୟତର ୨୬୦ ୱାର୍ଡରେ ଭୋଟ ଅନୁଷ୍ଠିତ ହୋଇଥିଲା। ଘଟଗାଁ ବ୍ଲକରେ ୩୭ ସମ୍ବେଦନଶୀଳ ଓ ୧୦ ଅତିସମ୍ବେଦନଶୀଳ କେନ୍ଦ୍ର, ଘଷିପୁରାରେ ୨୪ ସମ୍ବେଦନଶୀଳ ଓ ୩୩ ଅତି ସମ୍ବେଦନଶୀଳ ଏବଂ ବାଂଶପାଳ ବ୍ଲକରେ ୨୫ ସମ୍ବେଦନଶୀଳ ଓ ୧୨ ଅତିସମ୍ବେଦନଶୀଳ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। କେତେକ କେନ୍ଦ୍ରରେ ଭୋଟରଙ୍କ ପାଇଁ ସୁବ୍ୟବସ୍ଥା ନ ଥିବାରୁ ସେମାନେ ଏଣେତେଣେ ଅପେକ୍ଷା କରିଥିଲେ। କେତେକ କେନ୍ଦ୍ରରେ ଭୋଟଦାନ ମଧ୍ୟାହ୍ନ ପୂର୍ବରୁ ସରିଥିଲେ ହେଁ ଶେଷ ସମୟ ପର୍ଯ୍ୟନ୍ତ ପୋଲିଂ ପାର୍ଟିଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା।

# ଭୋଟବାକ୍ସରେ ୧୯୦୭ ପ୍ରାର୍ଥୀଙ୍କ ଭାଗ୍ୟ

- ବୁଥ୍‌ରେ ଉତ୍ତେଜନା
- ଭୋଟ୍‌ବାକ୍ସ ସହ ପ୍ରିଜାଇଡିଂ ଅଫିସର ଅଟକ

**ଭୋଗରାଇ,୧୬।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ କାଁ ଭାଁ ଗଣ୍ଡଗୋଳକୁ ବାଦ୍ ଦେଲେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ବୁଧବାର କାନ୍ଥିଭଉଁରୀ ପଞ୍ଚାୟତ ୬ନଂ. ୱାର୍ଡ଼ ବୁଥ୍‌ରେ ଭୋଟ୍‌ବାକ୍ସ ତ୍ରୁଟିକୁ ନେଇ ଗ୍ରାମବାସୀଙ୍କ ସହିତ ପ୍ରିଜାଇଡିଂ କର୍ମଚାରୀଙ୍କ ସହିତ ଗଣ୍ଡଗୋଳ ହୋଇଥିଲା। ଭୋଟ୍‌ବାକ୍ସକୁ ଗ୍ରାମବାସୀ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖିଥିଲେ। ବାଲେଶ୍ୱର ଏଡିଏମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଭୋଗରାଇର ନହରାବଡ଼ମନ୍ଦାରୁଣୀ, ଖଇର୍ଦ୍ଦା ଓ ନାଛିନ୍ଦା ମତଦାନ କେନ୍ଦ୍ରରେ ଭୋଟର ଓ ପ୍ରିଜାଇଡିଂ କର୍ମଚାରୀଙ୍କ ମଧ୍ୟରେ ଉତ୍ତେଜନା ହୋଇଥିଲା। ପରେ ତାହା ଶାନ୍ତ ପଡ଼ିଥିଲା। ୬୯୦ ବୁଥ୍‌ରେ ଥିବା ସମସ୍ତ ଭୋଟ୍ ବାକ୍ସଗୁଡ଼ିକୁ ଅଣାଯାଇ ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟରେ ରଖାଯାଇଛି। ସମସ୍ତ ପ୍ରାର୍ଥୀଙ୍କ ଭାଗ୍ୟ ଆସନ୍ତା ୨୮ତାରିଖରେ ନିର୍ଦ୍ଧାରଣ ହେବ। ଭୋଗରାଇରେ ୬ଟି ଜିଲାପରିଷଦ ଜୋନ୍‌ର ୨୦, ସରପଞ୍ଚ ୧୮୨, ସମିତିସଦସ୍ୟ ୧୫୯ ଓ ୧୫୪୬ ୱାର୍ଡ଼ ସଦସ୍ୟଙ୍କ ଭାଗ୍ୟ ଭୋଟ୍‌ବାକ୍ସ ମଧ୍ୟରେ ଆବଦ୍ଧ ରହିଛି।

## ପ୍ରାକ୍ ନିର୍ବାଚନୀ ହିଂସା: ମହିଳା ଆହତ

**ଚାନ୍ଦବାଲି,୧୬।୨(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଯଶୀପୁର ପଞ୍ଚାୟତ ଶୁଭଦିଆ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରାକ୍ ନିର୍ବାଚନୀ ହିଂସା ଘଟିଛି। ଏଥିରେ ଜଣେ ମହିଳା ଆହତ ହୋଇଥିବା ବେଳେ ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ବାଂଶଡ଼ା ଥାନା ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ବିଳମ୍ବିତ ରାତିରେ କେତେଜଣ ବ୍ୟକ୍ତି ଶୁଭଦିଆ ଗାଁରେ ବୁଲୁଥିଲେ। ଗ୍ରାମର ପ୍ରଫୁଲ୍ଲ ନାୟକ ଦେଖି ପଚାରିବାରୁ ଏହାକୁ କେନ୍ଦ୍ରକରି ସେମାନଙ୍କ ସହ ବଚସା ହୋଇଥିଲା। ହଠାତ୍ ସେମାନେ ଏକ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ। ସେ ବର୍ତ୍ତି ଯାଇଥିବା ବେଳେ ଭୁଜାଲି ତାଙ୍କ ସ୍ତ୍ରୀ ପାରିଜାତଙ୍କ ମୁଣ୍ଡରେ ବାଜିଥିଲା। ଆହତ ପାରିଜାତଙ୍କୁ ଚାନ୍ଦବାଲିରୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରଫୁଲ୍ଲଙ୍କ ପୁଅ ସୁଶାନ୍ତଙ୍କ ଏତଲା କ୍ରମେ ଥାନାରେ ଏକ ମାମଲା (ନଂ. ୫୪/୨୨) ଓ ଗାଁର ସରସ୍ୱତୀ ବାରିକଙ୍କ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା (ନଂ.୫୫/ ୨୨) ରୁଜୁ ହୋଇଛି।

# ୨ ବ୍ଲକ୍‌ରେ ସରିଲା ମତଦାନ

**ଭଦ୍ରକ ଅଫିସ, ୧୬।୨**

ଭଦ୍ରକ ଜିଲା ସଦର ଓ ବନ୍ତ ବ୍ଲକରେ ବୁଧବାର ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହୋଇଯାଇଛି। କିଛି ସ୍ଥାନରେ ଉତ୍ତେଜନା ଦେଖାଦେଇଥିଲେ ହେଁ ପ୍ରାୟ ସମସ୍ତ ବୁଥ୍‌ରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ୍‌ଗ୍ରହଣ ହୋଇଛି। ଭଦ୍ରକ ବ୍ଲକ ରାନ୍ଦିଆର ୧୩ ନଂ. ବୁଥ୍‌ରେ ପୋଲିଂ ପାର୍ଟିକୁ ପ୍ରାର୍ଥୀଙ୍କ ନାମ ଉଲ୍ଲେଖ ଥିବା ଏକ କେଟିଲରେ ଚା' ବଣ୍ଟନକୁ ନେଇ ପ୍ରତିପକ୍ଷ ହୋହଲ୍ଲା କରିଥିଲେ। ଫଳରେ ମତଦାନ ଏକ ଘଣ୍ଟା ବିଳମ୍ବ ହୋଇଥିଲା। ଏସ୍‌ପି ଚରଣ ସିଂ ମୀନା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସେହିଭଳି ଗେଲପୁରରେ ମଧ ଉତ୍ତେଜନା ଦେଖାଦେବାରୁ ଅଳ୍ପ ସମୟ ପାଇଁ ମତଦାନ ପ୍ରକ୍ରିୟା ବନ୍ଦ ରହିଥିଲା। ହମିରବିନ୍ଧା ବୁଥ୍‌ରେ ଉତ୍ତେଜନା ଯୋଗୁ ପ୍ରାୟ ଅଧଘଣ୍ଟା ପରେ ମତଦାନ ହୋଇଥିଲା। ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟା ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସାହାଡ଼ାର ୪, ୫, ୬ ନଂ. ୱାର୍ଡ ବୁଥ୍‌ରେ ର୍‌ୟାଗିଙ୍ଗ୍ ଅଭିଯୋଗରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ପି ଅଧିକ ଫୋର୍ସ ସହ ସେଠାରେ ପହଞ୍ଚି ତଦାରଖ କରିଥିଲେ।

ମଙ୍ଗଳବାର ସନ୍ଧ୍ୟାରେ ଆମ୍ବରୋଳି ପଞ୍ଚାୟତ ତଳାଙ୍ଗ ୧ ନଂ. ୱାର୍ଡ ଝାଟିଆ ପ୍ରାଥମିକ ବିଦ୍ୟାଳୟ ଭୋଟ୍ ଗ୍ରହଣ କେନ୍ଦ୍ରର ପ୍ରିଜାଇଡିଂ ଅଫିସର ବାଲଟ ପେପର ବୁଥ୍ ବାହାରକୁ ନେବା ଘଟଣାରେ ବୁଧବାର ବୁଥ୍‌ରେ ଉତ୍ତେଜନା ଦେଖାଦେଇଥିଲା। ପ୍ରିଜାଇଡିଂ ଅଫିସର ବଦଳା ଯାଇଥିଲେ ହେଁ ଗ୍ରାମବାସୀ ପ୍ରତିକ୍ରିୟାଶୀଳ ହୋଇଥିଲେ। ପୋଲିସ ପହଞ୍ଚିବା ପରେ ଏକ ଘଣ୍ଟା ବିଳମ୍ବରେ ମତଦାନ ସ୍ୱାଭାବିକ ହୋଇଥିଲା। ଏହିଭଳି ନିର୍ଦ୍ଦିଷ୍ଟ କିଛି ସ୍ଥାନକୁ ବାଦ୍ ଦେଲେ ସଦର ବ୍ଲକରେ ପ୍ରଥମ ପର୍ଯ୍ୟାୟ ମତଦାନ ସ୍ୱାଭାବିକ ହୋଇଛି। ସକାଳ ୭ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ ୧୦ଟା ବେଳକୁ ବୁଥ୍‌ଗୁଡ଼ିକରେ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା। ଦିବ୍ୟାଙ୍ଗ ଭୋଟରମାନେ ହୁଇଲ ଚେୟାରରେ ଆସି ମତଦାନ କରିଥିଲେ। ପିଙ୍କ୍ ବୁଥ୍‌ଗୁଡ଼ିକରେ ମହିଳା ଭୋଟରଙ୍କ ଲମ୍ବାଧାଡ଼ି ଲାଗିଥିଲା। ଜିଲାପାଳ ତ୍ରିଲୋଚନ ମାଝି ନିର୍ଦ୍ଦିଷ୍ଟ କିଛି ବୁଥ୍ ବୁଲି ନିର୍ବାଚନ ପ୍ରକ୍ରିୟା ଅନୁଧ୍ୟାନ କରିଥିଲେ।


ଏକ ମତଦାନ କେନ୍ଦ୍ରରେ ଜଣେ ମହିଳା ଭୋଟ୍ ଦେବା ପାଇଁ ଯାଉଛନ୍ତି।

GOVT. OF ODISHA
OFFICE OF THE DIVISIONAL FOREST OFFICER
BALASORE WILDLIFE DIVISION
At / P.O.:- Kuruda, Dist:- Balasore, Pin :- 756056
Mob No.: 9853489037, Email - dfo.balasorewl@odisha.gov.in
**Order No.:- 0046/IF(Accounts)/F.No-40/2022**
**Balasore, dated the 15th February, 2022**

**e-Procurement Notice**

**Bid Identification No. DFO-BLS-03/2021-22**

**No.MM-354:** 1. Name of Works : Supply, installation and Commissioning of HDPE Floating Jetty along with 10 Meter concrete walkway at Bichitrapur of Jaleswar Wildlife Range and at Rissia of Kuldiha Wildlife Range under Balasore Wild Life Division.

2. Approximate estimated cost : 19.00 Lakh
3. Class of Contractor : 'B' & 'C Class (As Per Annexure)
3. Period of completion : 01 (One) Calendar month.
4. Tender Paper Cost : Rs.4,000/-, towards cost of bid as mentioned in Annexure.
5. Date & Time of availability of bid document in the portal : Dt.17.02.2022 at 11.00A.M.
6. Last date/Time for receipt of bid in the portal : Dt. 24.02.2022 upto 5.00 P.M.
7 Date of opening Bid : Dt. 25.02.2022 at 11.00 A.M.
8. Name and address of the Office Inviting Bid : Divisional Forest Officer, Balasore Wildlife Division, Balasore.
9. The bidders have to participate in ONLINE bidding only.
10. All other details can be seen from the e-procurement portal **https:/ www.tendersodisha.gov.in.**

**Sd./- Divisional Forest Officer**
**Balasore Wildlife Division**
**OIPR-08036/11/0006/2122**

OFFICE OF THE DISTRICT AUDIT OFFICER
LOCAL FUND AUDIT, JAJPUR
AT /PO-CHANDIKHOLE, DIST-JAJPUR, PIN-755044
E- Mail Id - daolfajajpur@gmail.com
**No.801** **Date: 16.02.2022**

**TENDER CALL NOTICE FOR HIRING OF VEHICLES**

**No.S-48:** Sealed tenders are invited from registered travel agencies for hiring of commercial light vehicles on a **monthly & daily basis.** Details regarding eligibility criteria, terms & conditions and the formats of submission of tender (Technical & Financial bid) are mentioned in the tender document which may be downloaded from the website: https://jajpur.nic.in or collected from the District Audit Office(LFA), Jajpur, Chandikhole , Odisha on any working day. Interested agencies may submit their tenders in sealed envelopes (separately for technical and financial) with super-scribing on the top of the master sealed envelope as Tender **for Hiring of Vehicles on Monthly & Daily Basis to District Audit Office (LFA), Jajpur, Chandlkhole, Odisha.**
The tenders should reach the office of the undersigned by 08.03.2022 (till 5.30 P.M). The Tenders will be opened on **09.03.2022 at 11 A.M.** for finalization of Technical Bid. The Financial Bid will be opened on **10.03.2022 at 11 A.M.** The undersigned reserves the right to reject any or all the tenders without assigning any reason thereof.

**Sd./- District Audit Officer (LFA)**
**Jajpur, Chandikhole**
**OIPR-05033/11/0002/2122**

ODISHA PUBLIC SERVICE COMMISSION
CUTTACK
NOTICE

**No.1451/PSC, Dt.16.02.2022**
**(2PE-07-21/22) (DR-I)**
**No.D-314:** It is for information of all concerned that, 34 (Thirty four) candidates bearing following PPSAN have been called for the physical verification of original certificates/documents to determine their eligibility and suitability for recruitment to the post of Assistant Professor,Teacher Education (Geography), pursuant to Advt. No. 09 of 2021-22 on 24.02.2022 & 25.02.2022.

**PROGRAMME OF DOCUMENT VERIFICATION**

| Date | Time | PPSAN of Candidates |
|---|---|---|
| 24.02.2022 | 10.30 A.M. | 00080356, 00097776, 00112051, 00075577, 00112340, 00093148, 00093046, 00094359, 00094806, 00097761, 00100522, 00097145, 00093360, 00044278, 00090587 =15 candidates |
| | 02.30 P.M. | 00090759, 00087355, 00086600, 00077754, 00079860, 00066618,00089163, 00097690, 00056398,00059289 = 10 candidates |
| 25.02.2022 | 10.30 A.M. | 00058846, 00112526, 00026420, 00047656, 00052369, 00086548, 00094863, 00112392,00111439 =09 candidates |
| | 02.30 P.M. | |

The candidates are required to submit the following documents:- **1. Hard copy of the online application form.** 2. Three passport size photographs. 3. Duly filled in & attested **"Attestation form"** and duly filled in **"Bio-data form"** (to be downloaded from the website of the Commission). 4. **H.S.C.** or equivalent certificate in support of declaration of age issued by the concerned Board/ Council. 5. **Bachelor's Degree** marksheet. 6. **B.Ed. Degree** marksheet. .7. **Master's Degree** marksheet. 8. **M. Phil** marksheet. 9. **NET/JRF/SET/SLET** qualified certificate. 10. **Ph.D.** Degree certificate. 11. **Conversion Certificate** from the concerned University indicating the actual equivalent percentage of marks. 12. **Odia Test pass** certificate. 13. **Caste certificate** wherever applicable. 14. **Identity card** issued by the Director of Sports, Odisha in case of Sports person. 15. **Permanent Disability Certificate** (indicating permanent disability of 40% or more). 16. One set Xerox copy of **Published Research papers**. 17.**Teaching/ Post-Doctoral** experience certificate. 18. **Awards.** 19. **No Objection Certificate** from the competent authority in case of Govt. Servants. 20. Any proof of identity.
**Note:-** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd/- Secretary**
**OIPR-12002/11/0246/2122**

No. NH-11011/30/2015-LA
Government of India
MINISTRY OF ROAD TRANSPORT & HIGHWAYS
TAHASILDAR-CUM-CALA, KOLABIRA
**PUBLIC NOTICE**
**Announcement of Award for Acquisition of Land for Construction of a National Highway for Land Owners/Persons Interested Therein**

Kind Attention of all landowners/interested person is invited to the Notification dated 15.04.2018issued under Section 3A of the NH Act,1956 for acquisition of land for the building/construction of a National Highway and the Notification dated 10.07.2019 &11.07.2019 issued under Section 3D of the NH Act, 1956 and published in the following newspaper:

| Sl. No. | Notification | Name of the Newspapers in which Published | Date of Newspaper |
|---|---|---|---|
| 1 | Section - 3A | The Dharitri | 15.04.2018 |
| 2 | Section - 3D | The Dharitri | 10.07.2019 |
| 3 | Section - 3D | The Samaj | 11.07.2019 |

It is informed that the undersigned has announced the Award in respect of the said land under Section 3G of the NH Act,1956 vide order dated 06.07.2020. The land acquiring agency (MoRTH/NHIA/NHIDCL) has placed the requisite amount of compensation at the disposal of the undersigned. Notice have also been issued to the concerned landowners/interested person as required under Section 3E of the NH Act,1956.
Accordingly, all the concerned landowners/interested persons are hereby informed/notified through this additional Public Notice that the claimants entitled to receive the compensation amount may collect their amount of compensation from the office of the undersigned on any working day between 10.00 A.M. to 5.30 P.M. within a period of 60 days and surrender or deliver the possession of the subject land to the undersigned, failing which the possession of subject land will taken with police assistance on expiry of the period of 60 days.

**Sd./- Tahasildar-cum-CALA, Kolabira**
**Competent Authority for Land Acquisition NH-49**

**N.B.:** The above days may vary subject to referral the disputed case to the principal civil court of original jurisdiction u/s 3H(4) of NH, Act, 1956.

## ସଂକ୍ଷେପରେ

### ଢେଙ୍କାନାଳରୁ ୧୭ ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ,୧୬।୨:** ଢେଙ୍କାନାଳ ଜିଲାରୁ ବୁଧବାର ୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୨ ହଜାର ୩୧୨ରେ ପହଞ୍ଚିଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପରଜଙ୍ଗ ବ୍ଲକରୁ ୪, ହିନ୍ଦୋଳ ବ୍ଲକରୁ ୪, ଢେଙ୍କାନାଳ ପୌରାଞ୍ଚଳରୁ ୩, ସଦର ବ୍ଲକରୁ ୨, କାମାକ୍ଷାନଗର ବ୍ଲକରୁ ୧ ଓ ଏନ୍‌ଏସିରୁ ୧, ଓଡ଼ାପଡାରୁ ୧ ଏବଂ ହିନ୍ଦୋଳ ଏନ୍‌ଏସିରୁ ଜଣେ ରହିଛନ୍ତି। ସେହିପରି ୫୪ ଜଣ ସୁସ୍ଥ ହୋଇଥିବାବେଳେ ସକ୍ରିୟ ମାମଲା ୧୬୩ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଯୁବକଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୧୬।୨(ଡି.ଏନ.ଏ.):** ଆଠମଲ୍ଲିକ ଥାନା ଅନନ୍ତପାଲି ଗ୍ରାମର ମନୋଜ ବେହେରାଙ୍କୁ ସେହି ଗ୍ରାମର ସୁନୀଲ ବାରିକ ବୁଧବାର ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୪୮ /୨୨ ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଉଭୟଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ମନୋଜ ନିକଟସ୍ଥ ନାଳକୁ ଗାଧୋଇବା ପାଇଁ ଯାଇଥିବାବେଳେ ସୁନୀଲ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଅବକାରୀ ଚଢ଼ାଉ, ୩ ଗିରଫ

**ବଇଣ୍ଡା,୧୬।୨(ଡି.ଏନ.ଏ.):** ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ବୁଧବାର କିଶୋରନଗର ଥାନାର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ରେଙ୍ଗାଳବେ ଗ୍ରାମର ବନ୍ଧୁଆ ମାହାର, ହତାନାଳି ଗ୍ରାମର ସୁଧୀର ବେହେରା ଏବଂ ପୁରୁଷୋତ୍ତମପୁର ଗ୍ରାମର ଅନିତା ମିର୍ଦ୍ଧାଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଳବୀର ଗଡ଼ନାୟକ ପ୍ରମୁଖ ଚଢ଼ାଉ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

**ତାଳଚେର,୧୬।୨(ନି.ପ୍ର):** ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ସୋଲଡ଼ା ଗ୍ରାମସ୍ଥିତ ବାବା ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ବହୁ ଶ୍ରଦ୍ଧାଳୁ କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ସନ୍ତୋଷ ଶତପଥୀଙ୍କ ପୌରୋହିତ୍ୟରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ରାଜକିଶୋର ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ମଙ୍ଗଳବାର ଅହୋରାତ୍ର ନାମ ସଂକୀର୍ତ୍ତନ ଏବଂ ବୁଧବାର ନଗରକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ବାଘବାସପୁର, ସୋଲଡା, ମୁକ୍ତାପଶି, ବନବାସପୁର ଆଦି ଗ୍ରାମବାସୀ ଯୋଗଦେଇଥିଲେ। ସାହି ସଭାପତି ରଘୁକୂଳ ରାଘବ ସାହୁ, ସମ୍ପାଦକ ଅଜିତ ସାଗର ପ୍ରଧାନ ଉପସ୍ଥିତ ଥିଲେ। କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

### ଜଳିଗଲା ୩ ବଖରା

**ଛେଣ୍ଡିପଦା,୧୬।୨(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା କିସିଣ୍ଡା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଶମ୍ଭାରୁ ପ୍ରଧାନ ଓ ଶୁକଦେବ ପ୍ରଧାନଙ୍କ ୩ ବଖରା ଜଳିଯାଇଛି। ଶମ୍ଭାରୁଙ୍କ ଘରେ ସନ୍ଧ୍ୟାରେ ରୋଷେଇ ସମୟରେ ହଠାତ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଶମ୍ଭାରୁ ଓ ଶୁକଦେବଙ୍କ ୩ ବଖରା ଜଳି ପୋଡି ପାଉଁଶ ହୋଇଯାଇଥିଲା।

# ଅନୁଗୋଳ, ବଅଁରପାଳରେ ସରିଲା ଭୋଟ୍

**ଅନୁଗୋଳ ଅଫିସ,୧୬।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଗୋଳ ଜିଲାର ଅନୁଗୋଳ ଓ ବଅଁରପାଳ ବ୍ଲକରେ ବୁଧବାର ଶେଷ ହୋଇଛି। ଦୁଇ ବ୍ଲକର ମୋଟ୍ ୯୪୫ ବୁଥ୍‌ରେ ଶାନ୍ତିପୂର୍ଣ୍ଣ ଭାବେ

**୯୪୫ ବୁଥ୍‌ରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ**

ଭୋଟଗ୍ରହଣ କରାଯାଇଛି। ଅନୁଗୋଳ ବ୍ଲକରେ ୮୦ ପ୍ରତିଶତ ଓ ବଅଁରପାଳ ବ୍ଲକରେ ୭୪ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ଏଥିସହ ଅନୁଗୋଳ ବ୍ଲକର ୩୪ ପଞ୍ଚାୟତ ଓ ୪ ଜିଲା ପରିଷଦ ଜୋନ୍‌ରେ ଥିବା ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହୋଇସାରିଛି। ସେହିପରି ବଅଁରପାଳ ବ୍ଲକର ୪ ଜିଲା ପରିଷଦ ଜୋନ୍ ଓ ୩୫ ବ୍ଲକରେ ଥିବା ହଜାରେରୁ ଅଧିକ ପ୍ରାର୍ଥୀଙ୍କ ମଧ୍ୟରୁ ମତଦାତା ସେମାନଙ୍କ ପ୍ରତିନିଧି ଚୟନ କରିସାରିଛନ୍ତି। ଉଭୟ ବ୍ଲକର ମୋଟ୍ ୧୭୦ଟି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ୬୪ଟି ବୁଥ୍‌ରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।


ଅନୁଗୋଳ ବ୍ଲକର ଏକ ବୁଥ୍‌ରେ ଭୋଟ ଦେବାକୁ ମତଦାତାଙ୍କ ଧାଡ଼ି।

# ହିନ୍ଦୋଳରେ ୭୮.୬, ଗଁଦିଆରେ ୭୯.୨୯%

**ଢେଙ୍କାନାଳ ଅଫିସ/ ହିନ୍ଦୋଳ,୧୬।୨**

ଢେଙ୍କାନାଳ ଜିଲାରେ ବୁଧବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ହିନ୍ଦୋଳ ଓ ଗଁଦିଆ ବ୍ଲକରେ ଭୋଟଗ୍ରହଣ ହୋଇଥିଲା।

**ଢେଙ୍କାନାଳ ଜିଲାରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ**

ହିନ୍ଦୋଳ ବ୍ଲକର ୪ ଜିଲା ପରିଷଦ ଜୋନ୍ ଓ ୩୫ ପଞ୍ଚାୟତରେ ମୋଟ୍ ୪୪୬ ବୁଥ୍ କରାଯାଇଥିଲା। ବ୍ଲକରେ ଥିବା ମୋଟ୍ ୧ ଲକ୍ଷ ୩୨ ହଜାର ୩୦୪ ଭୋଟରଙ୍କ ମଧ୍ୟରୁ ୭୮.୬୦ ପ୍ରତିଶତ ଅର୍ଥାତ୍ ୧ଲକ୍ଷ ୩ ହଜାର ୯୮୯ ଜଣ ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ୫୧ ହଜାର ୭୧୮ ମହିଳା ଓ ୫୨ ହଜାର ୨୭୧ ପୁରୁଷ ଭୋଟର ରହିଛନ୍ତି। ବ୍ଲକର ୬୨ ବୁଥ୍ ଉତ୍ତେଜନାପ୍ରବଣ ଥିବାରୁ ହିନ୍ଦୋଳ, ରାସୋଳ, ବାଲିମୀ ଓ କଣ୍ଟାବଣିଆ ପୋଲିସ ତଥା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ବ୍ଲକରେ ଶାନ୍ତିଶୃଙ୍ଖଳା ସହ ମତଦାନ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଉଦୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ଗଁଦିଆ ବ୍ଲକର ୪୨୬ ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୧ଟା ଯାଏ ମତଦାନ ହୋଇଥିଲା। ବ୍ଲକର ୧ ଲକ୍ଷ ୨୧ ହଜାର ୮୯୧ ଭୋଟରଙ୍କ ମଧ୍ୟରୁ ୭୯.୨୯ ପ୍ରତିଶତ ଅର୍ଥାତ୍ ୯୬ ହଜାର ୬୪୩ ଜଣ ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ୪୬ ହଜାର ୯୨୮ ମହିଳା ଓ ୪୯ ହଜାର ୭୧୫ ପୁରୁଷ ଭୋଟର ରହିଛନ୍ତି। ସଦର ମହକୁମାରେ ଥିବା ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ପିଙ୍କ୍ ବୁଥ୍‌ରେ ବହୁ ସଂଖ୍ୟାରେ ମହିଳା ଭୋଟରଙ୍କ ଲମ୍ବାଧାଡି ଲାଗିଥିବା ଦେଖାଯାଇଥିଲା। ଏହି ବୁଥ୍‌ରେ ମହିଳା ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ରହିଥିଲେ। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି ନିର୍ବାଚନ କାର୍ଯ୍ୟକ୍ରମ ତଦାରଖ କରିଥିଲେ।


ଗଁଦିଆ ବ୍ଲକ ସାଆନ୍ଦାପଶିପାଟଣାଠାରେ ପିଙ୍କ୍ ବୁଥ୍‌ରେ ମହିଳାଙ୍କ ଲମ୍ବାଧାଡି।

# କଣିହାଁ, ଛେଣ୍ଡିପଦାରେ ପ୍ରସ୍ତୁତି

**କଣିହାଁ/ ଛେଣ୍ଡିପଦା, ୧୬।୨(ଡି.ଏନ.ଏ.)**

ଅନୁଗୋଳ ଜିଲାରେ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଶେଷ ହେବା ପରେ ୧୮ ତାରିଖରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକରାଯାଇଛି। ଏହିପର୍ଯ୍ୟାୟରେ କଣିହାଁ ଓ ଛେଣ୍ଡିପଦା ବ୍ଲକରେ ଭୋଟ ନିଆଯିବ। ଏଥିପାଇଁ ଦୁଇ ବ୍ଲକରେ ବୁଧବାର ପ୍ରଚାର କାର୍ଯ୍ୟ ଶେଷ ହୋଇଛି। କଣିହାଁ ବ୍ଲକର ୨୭ଟି ପଞ୍ଚାୟତ ଓ ୩ଟି ଜିଲା ପରିଷଦ ଜୋନ୍ ପାଇଁ ୩୭୩ଟି ବୁଥ୍ କରାଯାଇଛି। ଏଥିରେ ମୋଟ୍ ୧ଲକ୍ଷ ୩୪ ହଜାର ଭୋଟର ସେମାନଙ୍କ ନେତା ବାଛିବେ। ବୁଧବାର କଣିହାଁ କଲେଜ ପରିସରରୁ ପ୍ରତି ବୁଥ୍‌କୁ ପ୍ରିଜାଇଡିଂ ଓ ପୋଲିଂ କର୍ମଚାରୀଙ୍କୁ ନିର୍ବାଚନୀ ସାମଗ୍ରୀ ସହ ପଠାଯାଇଛି। ୮୦ ଜଣ ସେକ୍ଟର

**୧୮ରେ ଦୁଇ ବ୍ଲକରେ ନିଆଯିବ ଭୋଟ**

ଅଫିସରଙ୍କ ସହିତ ପାଲଲହଡ଼ା, କଣିହାଁ, ତାଳଚେର ପୋଲିସ ଏସ୍‌ଡିପିଓ ଏବଂ ଥାନା ଅଧିକାରୀ, ବ୍ଲକ, ତହସିଲ ଅଧିକାରୀ ଉପସ୍ଥିତ ରହି ବୁଥ୍ କର୍ମଚାରୀଙ୍କୁ ପଠାଇଛନ୍ତି। ସେହିପରି ଛେଣ୍ଡିପଦା ବ୍ଲକର ୩୪ଟି ପଞ୍ଚାୟତ ଓ ୪ଟି ଜିଲା ପରିଷଦ ଜୋନ୍ ପାଇଁ ୧ଲକ୍ଷ ୨୬ ହଜାର ୩୭୯ ଭୋଟର ମତଦାନ କରିବେ। ଏଥିପାଇଁ ବ୍ଲକରେ ୪୩୨ଟି ବୁଥ୍ କରାଯାଇଥିବା ବେଳେ କର୍ମଚାରୀଙ୍କୁ ସେଠାକୁ ପଠାଯାଉଛି। ନିର୍ବାଚନକୁ କିପରି ଶାନ୍ତିଶୃଙ୍ଖଳାର ସହ କରାଯିବ ତାହା ଉପରେ ପ୍ରଶାସନ କଡ଼ା ନଜର ରଖିଛି।


କଣିହାଁ ବ୍ଲକର ବିଭିନ୍ନ ବୁଥ୍‌କୁ ପ୍ରଶାସନ ପକ୍ଷରୁ କର୍ମଚାରୀଙ୍କୁ ପଠାଯାଉଛି।

# ଏମ୍‌ପି, ବିଧାୟକଙ୍କ ଜୋର୍‌ଦାର ପ୍ରଚାର


ଢେଙ୍କାନାଳ ସଦର ବ୍ଲକରେ ଏମ୍‌ପି ମହେଶ ସାହୁ ଓ ବିଧାୟକ ସୁଧୀର କୁମାର ସାମଲ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

**ଢେଙ୍କାନାଳ ଅଫିସ,୧୬।୨**

ଢେଙ୍କାନାଳ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ପାଇଁ ବୁଧବାର ପ୍ରଚାର ଶେଷ ହୋଇଛି। ଅନ୍ତିମ ଦିବସରେ ବିଜେଡି ପକ୍ଷରୁ ସଦର ବ୍ଲକ ଜୋନ–୨ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ଏମ୍‌ପି ମହେଶ ସାହୁ ଓ ବିଧାୟକ ସୁଧୀର କୁମାର ସାମଲ ଜୋରଦାର ପ୍ରଚାର କରିଥିଲେ। ଜୋନ–୨ର ଶୁଆଖାଇକାଟେଣୀ

**ଦିନକ ପରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

ଓ କାଙ୍କଡପାଳ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶୋଭାଯାତ୍ରା କରିଥିଲେ। ପଥପ୍ରାନ୍ତ ସଭାରେ ଉଦ୍‌ବୋଧନ ଦେଇ ଓଡ଼ିଶା ବିକାଶର ପ୍ରତୀକ ନବୀନ ପଟ୍ଟନାୟକ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ଚାହୁଁଥିବାରୁ ଜନସାଧାରଣଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଏମ୍‌ପି ଓ ବିଧାୟକ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋନ–୨ର ବିଜେଡି ପ୍ରାର୍ଥୀ ଝରସ୍ମିତା ଦେହୁରୀ, ଜିଲା କୃଷକ ବିଜେଡି ସଭାପତି ନରୋତ୍ତମ ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ରଞ୍ଜନ ନାୟକ, କ୍ଷୀରୋଦ ମିଶ୍ରଙ୍କ ସମେତ ବହୁ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

### ୪ ଖଞ୍ଜଣି ଜବତ, ଜଣେ ଗିରଫ

**ଢେଙ୍କାନାଳ ଅଫିସ,୧୬।୨**

ଢେଙ୍କାନାଳ ଜିଲା ମହିମାଗାଦି ଯୋରନ୍ଦା ପୀଠରେ ମାଘମେଳା ସମୟରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କଠାରୁ ବନ ବିଭାଗ ୪ଟି ଖଞ୍ଜଣି ଜବତ କରିଛି। ଏହି ଘଟଣାରେ ଗଁଦିଆ ଥାନା ଯୋରନ୍ଦା ପାଟଣା ଗ୍ରାମର ପ୍ରହଲାଦ ସାହୁ(୫୮)ଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେ ଏହାକୁ ବିକ୍ରି କରିବା ପାଇଁ ଆଣିଥିଲେ। ଖଞ୍ଜଣିଗୁଡିକ ଗୋଧି ଚମଡାରେ ତିଆରି ହେଉଥିବାରୁ ବନ୍ୟପ୍ରାଣୀ ଆଇନ ଉଲ୍ଲଂଘନ ଅଭିଯୋଗରେ ଏହାକୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହକାରୀ ବନ ସଂରକ୍ଷକ ରଶ୍ମିରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।


ଖଞ୍ଜଣି ସହ ଗିରଫ ହୋଇଥିବା ବ୍ୟକ୍ତି।

# ‘କୃଷକର ଉନ୍ନତିରେ ଦେଶର ଉନ୍ନତି’

**ବଇଣ୍ଡା,୧୬।୨(ଡି.ଏନ.ଏ.)**

କିଶୋରନଗର ବ୍ଲକ କଣ୍ଡୋଳ ଗ୍ରାମରେ ନାବାର୍ଡ ଭୁବନେଶ୍ୱର ଓ ବିଶ୍ୱ ଯୁବକେନ୍ଦ୍ର ଆନୁକୂଲ୍ୟରେ ଚାଲିଥିବା ଆଦର୍ଶ କୃଷି ଉତ୍ପାଦନ ସଂଘର ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନାବାର୍ଡ ଜିଲା ପ୍ରବନ୍ଧକ ଶରତ କୁମାର ବେହେରା, ବିଶ୍ୱ ଯୁବକେନ୍ଦ୍ର ସମ୍ପାଦକ ମନୋଜ କୁମାର ମହାପାତ୍ର, ଅଭୟ କୁମାର ସାଇଁ, ଅଭିଷେକ ମହାପାତ୍ର, ବାପୁଜୀ ଚରଣ ବେହେରା ଯୋଗଦେଇ କୃଷକର ଉନ୍ନତିରେ ଦେଶର ଉନ୍ନତି ବୋଲି ମତପ୍ରକାଶ କରିଥିଲେ। ସଂଘ ପକ୍ଷରୁ ରାଜନପାଳ, ଚାରଖମନ, ହିଞ୍ଜିରିଡା, ବାଦିବାହାଳ, କଣ୍ଡୋଳ ଗ୍ରାମଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସଂଘ ମାଧ୍ୟମରେ ଚାଷୀମାନେ କିପରି କୃଷି ଉପକରଣ ପାଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ବିଶ୍ୱ ଯୁବକେନ୍ଦ୍ର ପରିସରରେ ଆଦର୍ଶ କୃଷି ଉତ୍ପାଦନ ସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଗୀତା ମହାପାତ୍ର ଅଧ୍ୟକ୍ଷତା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ।

### ଅନୁଗୋଳରେ ୧୬ ପଜିଟିଭ୍

**ଅନୁଗୋଳ ଅଫିସ,୧୬।୨**

ଅନୁଗୋଳ ଜିଲାରୁ ବୁଧବାର ୧୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୮ ହଜାର ୨୯୪ରେ ପହଞ୍ଚିଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକରୁ ୫, ଅନୁଗୋଳ ବ୍ଲକରୁ ୪, କିଶୋରନଗର ବ୍ଲକରୁ ୪, ବଅଁରପାଳ ବ୍ଲକରୁ ୧, ତାଳଚେର ବ୍ଲକରୁ ୧ ଓ କଣିହାଁ ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୭୧ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଲକ୍ଷଣଯୁକ୍ତ ସଂକ୍ରମିତମାନଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୧୩ଜଣଙ୍କ ମୃତ୍ୟୁ କୋଭିଡ୍‌ରେ ହୋଇଥିବାବେଳେ ୧୬ଲକ୍ଷ ୯୪ ହଜାର ୨୭୮ଜଣଙ୍କୁ ଟିକା ଦିଆସରିଛି।

# ମାଂସ ଦୋକାନୀଙ୍କୁ ଆକ୍ରମଣ

**ଛେଣ୍ଡିପଦା,୧୬।୨(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା କୋଶଳା ଗ୍ରାମରେ ଅଷ୍ଟପ୍ରହର ଚାନ୍ଦା ନ ଦେବାରୁ ଜଣେ ମାଂସ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, କୋଶଳା ମେଡିକାଲ ଛକ ନିକଟରେ ଦୀର୍ଘବର୍ଷ ହେବ ଏମ୍‌ଡି ସାହିଦ ନାମକ ଜଣେ ବ୍ୟକ୍ତି ମାଂସ ଦୋକାନ କରି ରହି ଆସୁଥିଲେ। ଗତ ୧୩ ତାରିଖ ସନ୍ଧ୍ୟାରେ କୋଶଳା ଗ୍ରାମର ବିମଳ ନାଏକ ଓ ସୁଜିତ କହଁର ମାଂସ ଦୋକାନରେ ପହଞ୍ଚି ଅଷ୍ଟପ୍ରହର ପାଇଁ ଚାନ୍ଦା ମାଗିଥିଲେ। ଟଙ୍କା ଦେବା ପାଇଁ ମନା କରିବାରୁ ଉତ୍କ୍ଷିପ୍ତ ହୋଇ ଉଭୟେ ଏକ ଠେଙ୍ଗାରେ ସାହିଦଙ୍କୁ ମାଡ ମାରି ଗୁରୁତର କରିଥିଲେ। ପରିବାର ଲୋକେ ପ୍ରତିବାଦ କରିବାରୁ ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ

**ଅଷ୍ଟପ୍ରହର ପାଇଁ ଦେଇ ନ ଥିଲେ ଚାନ୍ଦା**

ଗୁରୁତରଙ୍କୁ କୋଶଳା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ୧୪ ତାରିଖରେ ସାହିଦଙ୍କ ସ୍ତ୍ରୀ ନଗମା ବେଗମ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ନଂ. ୬୨/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


ଅଭିଯୋଗକାରୀ ଆହତ ଏମ୍‌ଡି ସାହିଦ।

# ପରୀକ୍ଷା ବାତିଲ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

**ଢେଙ୍କାନାଳ ଅଫିସ,୧୬।୨**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରମାନେ ୫ମ ସେମିଷ୍ଟର ପରୀକ୍ଷା ବାତିଲ ଦାବିରେ ଧାରଣା ଦେଇଥିଲେ। ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି, କରୋନା ସଂକ୍ରମଣ ଯୋଗୁ ପାଠପଢା ବାଧାପ୍ରାପ୍ତ ହେବା ସହିତ ଅନ୍‌ଲାଇନରେ ଠିକ୍ ଭାବେ ପାଠପଢା ହୋଇପାରୁ ନ

**ଢେଙ୍କାନାଳ ସ୍ୱୟଂଶାସିତ କଲେଜ**

ଥିଲା। ସେହିପରି ଦୁଇମାସ ମଧ୍ୟରେ କୋର୍ସ ଶେଷ ହୋଇପାରି ନ ଥିଲା। ଏ ନେଇ ଛାତ୍ରୀଛାତ୍ରମାନେ କଲେଜ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ କଲେଜ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଫଳରେ କଲେଜରେ ହେବାକୁ ଥିବା ଏକ ୱେବିନାର ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷ ରଞ୍ଜିତ ପ୍ରଧାନ ଓ ପ୍ରାଧ୍ୟାପକ ଡ. ଦେବାଶିଷ ମହାନ୍ତି କହିଛନ୍ତି, ଛାତ୍ରୀଛାତ୍ରମାନେ ଯାହା ଦାବି କରୁଛନ୍ତି, ଏଥିରେ ଆମର କିଛି କରିବାର ନାହିଁ। ୟୁଜିସି ଓ ସରକାରଙ୍କ ପଲିସିରେ ପରୀକ୍ଷା ହେଉଛି। ତେଣୁ ଆମେ ଏଥିରେ କିଛି କରିପାରିବୁ ନାହିଁ।


ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

# ପ୍ରଚାର ସରିଲା, ଶେଷ ପ୍ରୟାସରେ ପ୍ରାର୍ଥୀ

**ଛେଣ୍ଡିପଦା,୧୬।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ୩୪ ପଞ୍ଚାୟତ ଓ ୪ଟି ଜିଲା ପରିଷଦ (ନଂ. ୧୪, ୧୫, ୧୬, ୧୭) ଜୋନ୍‌ରେ ଆସନ୍ତା ୧୮ ତାରିଖରେ ଭୋଟ ଗ୍ରହଣ ହେବ। ଏଥିପାଇଁ ବୁଧବାର ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ମତଦାନକୁ ଆଉ ମାତ୍ର କେଇ ଘଣ୍ଟା ବାକି ଥିବାରୁ ଜିଲା ପରିଷଦ ପ୍ରାର୍ଥୀମାନେ ମତଦାତାଙ୍କୁ ମନାଇବାକୁ ଅନ୍ତିମ ପ୍ରୟାସ କରୁଛନ୍ତି। ବ୍ଲକର ୪ଟି ଯାକ ଜୋନ୍‌ରେ ଗତ ୨୦୧୭ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବାରୁ ଏଥର ଧାରା ବଦଳାଇବାକୁ ଭାଜପା ଲକ୍ଷ୍ୟ ରଖିଛି। ସେହିପରି ବିଜେଡି ମଧ୍ୟ ନିଜ ଗଡ଼ରେ ପୁନଃ ବିଜୟ ଆଶା ବାନ୍ଧିଛି।

**ଛେଣ୍ଡିପଦା ୧୬ ଓ ୧୭ ନଂ. ଜୋନ୍**

ଛେଣ୍ଡିପଦା ବ୍ଲକର ୧୬ ନମ୍ବର ଜିଲା ପରିଷଦ ଜୋନ୍ ଅଧୀନରେ ୧୦ ପଞ୍ଚାୟତ ତେଣ୍ଟୁଲୋଇ କୋଡ଼ାସାହି, କୁକୁରପେଟା, କୋଶଳା, ବରପଦା, କୁଶକିଳା, ରାଇଝରଣ, କଙ୍କରେଇ, ନିଶା, ପରଙ୍ଗ, ନତଡ଼ା ରହିଛି। ୧୨୧ଟି ୱାର୍ଡ ଥିବା ଏହି ଜୋନ୍‌ରେ ଭୋଟରଙ୍କ ସଂଖ୍ୟା ୩୩ ହଜାର ୫୩୦। ୨୦୧୭ ନିର୍ବାଚନରେ ଏହି ଜୋନ୍‌ରେ ଶାସକ ବିଜେଡି ପ୍ରାର୍ଥୀ ଭାସ୍କର ସାହୁ ବିଜୟୀ ହୋଇଥିଲେ। ଭାସ୍କର ୧୨ ହଜାର ୭୩୬, ଭାଜପା ପ୍ରାର୍ଥୀ ଚିତ୍ତରଞ୍ଜନ ସାହୁ ୧୦ ହଜାର ୧୨୦ ଓ କଂଗ୍ରେସ ପ୍ରାର୍ଥୀ ମଧୁମଙ୍ଗଳ ପ୍ରଧାନ ୪ ହଜାର ୧୮୮ ଭୋଟ ପାଇଥିଲେ। ତେବେ ଚଳିତ ନିର୍ବାଚନରେ ଭାଜପା ପକ୍ଷରୁ ବିଜୟ ମାଝି, କଂଗ୍ରେସର ଡିଲେଶ୍ୱର ପ୍ରଧାନ, ବିଜେଡିର ପ୍ରଦୀପ ସାହୁ ଓ ଏସ୍‌ୟୁସିଆଇର ସତ୍ୟରଞ୍ଜନ ସାହୁ ପ୍ରାର୍ଥୀ ହୋଇଛନ୍ତି। ମତଦାନ ଆଉ ଦିନଟିଏ ବାକି ଥିବାବେଳେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ବିଧାୟକ ସୁଶାନ୍ତ କୁମାର ବେହେରା ଲାଗିପଡ଼ିଛନ୍ତି। ସେହିପରି ଏହି ଜୋନ୍ ହାତେଇବାକୁ ଭାଜପା ନେତା ଅଗସ୍ତି ବେହେରା ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରୁଛନ୍ତି। କଂଗ୍ରେସ ମଧ୍ୟ ନିଜ ପ୍ରାର୍ଥୀଙ୍କ ବିଜୟ ପାଇଁ ଆଶା ବାନ୍ଧିଛି।

ସେହିପରି ୧୭ ନମ୍ବର ଜିଲା ପରିଷଦ ଜୋନ୍ ଜରପଡ଼ା ଅଞ୍ଚଳର ୯ ପଞ୍ଚାୟତକୁ ନେଇ ଗଠିତ। ଏଠାକାର ଭୋଟରଙ୍କ ସଂଖ୍ୟା ୩୦ ହଜାର ୯୫୦। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଶ୍ରୀଧର ଗଡ଼ନାୟକ କଂଗ୍ରେସ ପ୍ରାର୍ଥୀ ରମଣୀ ରଞ୍ଜନ ଦାଶଙ୍କୁ ୫୫୦୦ ଭୋଟରେ ପରାଜିତ କରିଥିଲେ। ଭାଜପା ପ୍ରାର୍ଥୀ ତୃତୀୟ ସ୍ଥାନରେ ଥିଲେ। ଏଥର ଏହି ଜୋନ୍ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ୩ ପ୍ରମୁଖ ଦଳ ସେମାନଙ୍କ ରଣନୀତି ବଦଳାଇଛନ୍ତି। ବିଜେଡିରୁ ଜରପଡ଼ା ସରପଞ୍ଚ ଭାନୁପ୍ରିୟା ପ୍ରଧାନ, ଭାଜପାରୁ ସଂଯୁକ୍ତା ପ୍ରଧାନ, କଂଗ୍ରେସରୁ ଲୋପିତାରାଣୀ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିମା ବେହେରା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେବେ ଏଠାରେ ୪ ପ୍ରାର୍ଥୀ ଥିଲେ ମଧ୍ୟ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ।

ଧରିତ୍ରୀ
DHARITRI
ଗୁରୁବାର, ୧୭ ଫେବୃୟାରୀ, ୨୦୨୨



## ସଙ୍ଗୀତ ପରିବାରରେ ଜନ୍ମ

ପଶ୍ଚିମବଙ୍ଗର ଜଳପାଇଗୁଡ଼ିରେ ବାପି ଲାହିରୀ ଏକ ବ୍ରାହ୍ମଣ ପରିବାରରେ ୧୯୫୨ ନଭେମ୍ବର ୨୭ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଅପାରେଶ ଲାହିରୀ ଥିଲେ ଜଣେ କ୍ଲାସିକାଲ ବେଙ୍ଗଲୀ ଗାୟକ। ବାପିଙ୍କ ମା' ବାଂଶୁରୀ ଲାହିରୀ ମଧ୍ୟ କ୍ଲାସିକାଲ ଏବଂ ଶ୍ୟାମା ସଙ୍ଗୀତରେ ନିଜର ପରିଚୟ ସୃଷ୍ଟି କରିଥିଲେ। ତେଣୁ ଏକ ସଙ୍ଗୀତ ସହ ଜଡ଼ିତ ପରିବାରରେ ତାଙ୍କର ଜନ୍ମ ହୋଇଥିଲା। ପିଲାଟିଦିନରୁ ସଙ୍ଗୀତ ପ୍ରତି ମନ ବଳାଇଥିଲେ ବାପି। ଖାସ୍ କଥା ହେଲା, ଅପାରେଶ-ବାଂଶୁରୀଙ୍କର ଏକ ମାତ୍ର ସନ୍ତାନ ଥିଲେ ବାପି। ପିଲାଦିନେ ସେ ଆଲୋକେଶ ନାମରେ ପରିଚିତ ଥିଲେ।

## ତବଲା ପ୍ରତି ଆଗ୍ରହ

ପିଲାଟିଦିନରୁ ବାପିଙ୍କର ତବଲା ବାଦନ ପ୍ରତି ଆଗ୍ରହ ଥିଲା। ପୁଅର ଏପରି ଉତ୍ସାହକୁ ଏଡ଼ାଇ ଦେଇ ନ ଥିଲେ ତାଙ୍କର ମା'-ବାପା। ବାପିଙ୍କୁ ଏ ନେଇ ସେମାନେ ପ୍ରୋତ୍ସାହିତ କରିଥିଲେ। କେବଳ ସେତିକି ନୁହେଁ, ଘରେ ତାଙ୍କୁ ତବଲା ଶିଖାଇବା ଆରମ୍ଭ କରିଥିଲେ ତାଙ୍କର ମାତା-ପିତା।

## ବାଟ ଦେଖାଇଲେ କିଶୋର କୁମାର

ଭାରତୀୟ ସଙ୍ଗୀତ ଜଗତର ବେତାଜ ବାଦ୍‌ଶାହା କିଶୋର କୁମାର। ସଙ୍ଗୀତ କ୍ଷେତ୍ରରେ ପ୍ରବେଶ କରିବାରେ ବାପି ଲାହିରୀଙ୍କୁ ସେ ଯେଉଁ ପ୍ରେରଣା ଦେଇଥିଲେ ତାହା ତାଙ୍କ ପାଇଁ ବରଦାନ ସଦୃଶ ଥିଲା। ସମ୍ପର୍କରେ ବାପିଙ୍କର ସେ ଥିଲେ ମାମୁ। କିଶୋରଙ୍କ ଟିପ୍ସକୁ ଗ୍ରହଣ କରିବା ସହ ସେଗୁଡ଼ିକୁ ଠିକ୍ ଭାବରେ ଅନୁସରଣ କରିଥିଲେ ବାପି। ପରବର୍ତ୍ତୀ ସମୟରେ ବାପି ନିଜକୁ ଜଣେ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଭାବରେ ପରିଚିତ କରାଇପାରିଥିଲେ। ଆଉ ଏଥିପାଇଁ ସେ ସବୁବେଳେ ସ୍ମରଣ କରନ୍ତି କିଶୋର କୁମାରଙ୍କ ଉପଦେଶକୁ।

## 'ନହ୍ନା ଶିକାରୀ'ରୁ ଆରମ୍ଭ

ସଙ୍ଗୀତ କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିବାକୁ ବାପି ଲାହିରୀ ଜନ୍ମସ୍ଥାନ ଛାଡ଼ି ବମ୍ବେ ଆସିଥିଲେ। ସେତେବେଳେ ତାଙ୍କର ବୟସ ଥିଲା ମାତ୍ର ୧୯ ବର୍ଷ। ୧୯୭୩ରେ ବଲିଉଡ୍‌ରେ ମ୍ୟୁଜିକ କମ୍ପୋଜିଶନ ପାଇଁ ପ୍ରଥମ ସୁଯୋଗ ମିଳିଥିଲା। ଚଳଚ୍ଚିତ୍ରଟି ଥିଲା 'ନହ୍ନା ଶିକାରୀ'। ତାଙ୍କ ଦ୍ୱାରା ସ୍ୱର ସଂଯୋଜିତ ଏହି ଫିଲ୍ମର ପ୍ରଥମ ଗୀତଟି ଥିଲା 'ତୁ ହି ମେରା ଚାନ୍ଦ'। ଖାସ୍ କଥା ହେଲା ଏହି ଗୀତଟି ପାଇଁ କଣ୍ଠଦାନ କରିଥିଲେ ସେ ସମୟର ଆଗଧାଡ଼ିର ଗାୟକ ମୁକେଶ।

## 'ଜଖମୀ'ରୁ ଷ୍ଟାର

୧୯୭୫ରେ ତାହିର ହୁସେନ୍‌ଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ହିନ୍ଦୀ ସିନେମା 'ଜଖମୀ'। ଏହି ଫିଲ୍ମର ଗୀତଗୁଡ଼ିକୁ ସେ ସ୍ୱର ସଂଯୋଜନା କରିଥିଲେ। ତା'ସହ ଏଥିରୁ ସେ ଗାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଏଥିରେ ତାଙ୍କ ସ୍ୱରାୟିତ ଗୀତ 'ଜଲତା ହେ ଜିୟା ମେରା ଭିଗି ଭିଗି ରାତୋଁ ମେଁ' ପାଇଁ କଣ୍ଠଦାନ କରିଥିଲେ କିଶୋର କୁମାର ଏବଂ ଆଶା ଭୋଁସଲେ। ସେ ସମୟରେ ଏହି ଗୀତଟି ହିଟ୍ ସାବ୍ୟସ୍ତ ହୋଇଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମର 'ନଥିଙ୍ଗ ଇଜ୍ ଇମ୍ପସିବଲ' ଗୀତଟିକୁ ଗାଇଥିଲେ ବାପି ଲାହିରୀ, କିଶୋର କୁମାର ଏବଂ ମହମ୍ମଦ ରଫି।



### ସଙ୍ଗୀତ ଜଗତରେ ତାଙ୍କ ପରିଚୟ ସ୍ୱତନ୍ତ୍ର। ମ୍ୟୁଜିକ କମ୍ପୋଜିଶନରେ ସେ ଆଣିଥିଲେ ଏକ ନୂଆ ଧାରା। ତାଙ୍କ ସ୍ୱର ସଂଯୋଜନା ଓ ଗାୟନରେ ରେକର୍ଡ କରିଛି ଅନେକ ଗୀତ। 'ଡିସ୍କୋ କିଙ୍ଗ' ଭାବରେ ପରିଚିତ ଥିଲେ ବାପି ଲାହିରୀ। ତାଙ୍କ ପରଲୋକରେ ସଙ୍ଗୀତ କ୍ଷେତ୍ରରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ତାହା ନିଶ୍ଚିତ ଭାବରେ ଅପୂରଣୀୟ...

## ଓଡ଼ିଆ ସିନେମାରେ ବାପି

କେବଳ ବଲିଉଡ୍ ନୁହେଁ, ବିଭିନ୍ନ ପ୍ରାନ୍ତୀୟ ଭାଷାରେ ନିର୍ମିତ ସିନେମାର ମଧ୍ୟ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବାପି। ଉଦୟ ଶଙ୍କର ପାଣିଙ୍କ ନିର୍ଦ୍ଦେଶନାରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'ମିଛ ମାୟାର ସଂସାର'। ଏହି ଫିଲ୍ମର ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବାପି ଲାହିରୀ। ଏହାର ଟାଇଟଲ ଗୀତ ସେତେବେଳେ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏହି ଫିଲ୍ମର ବିଭିନ୍ନ ଭୂମିକାରେ ବିଜୟ ମହାନ୍ତି, ଉତ୍ତମ ମହାନ୍ତି, ବିଶ୍ୱଜିତ, ପ୍ରଦୀପ କୁମାର, ଅପରାଜିତା, ବୀଣା ବାନାର୍ଜୀ, ଦୁଃଖୀରାମ ସ୍ୱାଇଁ, ଦେବୁ ବୋଷ ପ୍ରମୁଖ କଳାକାର ଅଭିନୟ କରିଥିଲେ। କେବଳ ସେତିକି ନୁହେଁ, ଆଉ ଏକ ଓଡ଼ିଆ ସିନେମା 'ମୋ ଦୁନିଆ ତୁ ହି ତୁ'ରେ ତାଙ୍କୁ ଗୀତ ଗାଇବାର ସୁଯୋଗ ମିଳିଥିଲା। ମଳୟ ମିଶ୍ରଙ୍କ ସ୍ୱର ସଂଯୋଜନାରେ ଏହାର ଟାଇଟଲ ଗୀତ ପାଇଁ ସେ ଇରା ମହାନ୍ତିଙ୍କ ସହ କଣ୍ଠଦାନ କରିଥିଲେ। ଏହି ଗୀତଟି ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା। ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ ଉକ୍ତ ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଅନୁଭବ-ବର୍ଷା।

## ହଲିଉଡ୍‌ରେ ବାପିଙ୍କ ଗୀତ

ସୁପରହିଟ୍ ଫିଲ୍ମ 'ଡିସ୍କୋ ଡ୍ୟାନ୍ସର'ର ଅନ୍ୟତମ ଲୋକପ୍ରିୟ ଗୀତ 'ଜିମି ଜିମି ଆଜା ଆଜା' ଅନ୍ତର୍ଜାତୀୟ କ୍ଷେତ୍ରରେ ଆଲୋଚିତ ହୋଇଥିଲା। ଖାସ୍ କଥା ହେଲା ଏହି ଗୀତଟିକୁ ହଲିଉଡ୍ ଫିଲ୍ମ 'ୟୁ ଡୋଣ୍ଟ ମେସ୍ ୱିଥ ଦ ଜୋନାସ'ରେ ସ୍ଥାନ ଦିଆଯାଇଥିଲା।



କୁମାର ସାନୁଙ୍କ ସହ ବାପି

# ଅଲବିଦା ଡିସ୍କୋ କିଙ୍ଗ୍

## ସେହି ସ୍ୱର୍ଣ୍ଣିମ ଦୁଇ ବର୍ଷ

ବଲିଉଡ୍‌ରେ ବାପି ଦା' ଅନେକ ରେକର୍ଡ ସୃଷ୍ଟି କରିଛନ୍ତି। ମାତ୍ର ଦୁଇ ବର୍ଷରେ ସେ ନିଜକୁ ଜଣେ ନାମୀ ସ୍ୱର ସଂଯୋଜକ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଥିଲା। ମାତ୍ର ଦୁଇ ବର୍ଷରେ ସେ ହିନ୍ଦୀ ସିନେମାରେ ନିଜର ଭାଗ୍ୟ ବଦଳାଇ ଦେଇଥିଲେ। ୧୯୮୩ରୁ ୧୯୮୫ ଭିତରେ ତାଙ୍କର ସ୍ୱର ସଂଯୋଜନାରେ ନିର୍ମିତ ଫିଲ୍ମ-'ହିମ୍ମତୱାଲା', 'ସରାବୀ', 'ଐତବାର', 'କସମ ପୈଦା କରନେୱାଲେ କି', 'ସାହେବ', 'ଗିରଫତାର' ଆଦି ଫିଲ୍ମ ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏହାପରେ ତାଙ୍କୁ ସାଇନ୍ କରାଇବାକୁ ପ୍ରଯୋଜକଙ୍କ ଲାଗିଯାଇଥିଲା ଲମ୍ବା ଲାଇନ୍। ଆଉ ତା'ପରେ ବାପିଙ୍କ ଲୋକପ୍ରିୟତା ଶୀର୍ଷରେ ପହଞ୍ଚିଯାଇଥିଲା।

## ସୁନା ପ୍ରିୟ ବାପି

କେବଳ ସଙ୍ଗୀତ ନୁହେଁ, ବାପି ଦା'ଙ୍କର ଆଉ ଏକ ସଉକ ଥିଲା। ତାହା ହେଲା ଅଳଙ୍କାର। ସ୍ୱର ସଂଯୋଜନା ସମୟରେ ହେଉ ଅବା କୌଣସି କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିବା ସମୟରେ ତାଙ୍କର ଗେଟ୍‌ଅପ୍ ଆଲୋଚନାର କେନ୍ଦ୍ରବିନ୍ଦୁ ସାଜୁଥିଲା। ସେ ଥିଲେ ଅଳଙ୍କାର ପ୍ରିୟ। ସୁନା ଚେନ୍ ସମାହାର ସହ ତାଙ୍କର ହସ ହସ ମୁହଁ ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଦେଉଥିଲା।

## ଆଇ ଆମ ଏ ଡିସ୍କୋ ଡ୍ୟାନ୍ସର

ପ୍ରଯୋଜକ ବାବର ସୁବାସ ୧୯୮୨ରେ ନିର୍ମାଣ କରିଥିଲେ ମ୍ୟୁଜିକାଲ ହିଟ୍ 'ଡିସ୍କୋ ଡ୍ୟାନ୍ସର'। ଉକ୍ତ ଚିତ୍ରରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବାପି ଲାହିରୀ। ହାତୀ ମୁଣ୍ଡରେ ସୁନା କଳସ ଢାଳିବା ପରି ଏହାର ଗୀତ ରେକର୍ଡ ସୃଷ୍ଟି କରିଥିଲା। ଏହାର ଟାଇଟଲ ଗୀତ 'ଆଇ ଆମ ଏ ଡିସ୍କୋ ଡ୍ୟାନ୍ସର' ବ୍ୟତୀତ ଜିମି ଜିମି ଆଜା ଆଜା, ୟାଦ୍ ଆ ରହା ହେ, ଗୋରେଁ କା ନା କାଲୋଁ କି'କୁ ଏବେ ମଧ୍ୟ ଅନେକ ଶ୍ରୋତା ଗୁଣୁଗୁଣେଇ ଥାଆନ୍ତି। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ମିଥୁନ ଚକ୍ରବର୍ତ୍ତୀ। ତାଙ୍କର ଆକ୍ଟିଂ କ୍ୟାରିୟର ପାଇଁ ଫିଲ୍ମଟି ମଧ୍ୟ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା।

## ଗିନିଜ୍ ବୁକ୍‌ରେ ବାପି

ନିଜ ସଙ୍ଗୀତ ଜୀବନରେ ବାପି ହାସଲ କରିଥିଲେ ଏକ ଅଭୁଲା ସଫଳତା। ଏହି କ୍ଷେତ୍ରରେ ସ୍ମରଣୀୟ ଅବଦାନ ପାଇଁ ତାଙ୍କ ନାମକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନ୍ତର୍ଭୁକ୍ତ କରାଯାଇଥିଲା। କାରଣ ୧୯୮୬ରେ ସେ ମୋଟ ୩୩ଟି ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଏହି ଚଳଚ୍ଚିତ୍ରଗୁଡ଼ିକରେ ମୋଟ ୧୮୦ଟି ଗୀତ ସଂଯୋଜିତ ହୋଇଥିଲା।

## ଗଜଲ ପ୍ରିୟ ବାପି

କେବଳ ଡିସ୍କୋ କମ୍ପୋଜିଶନ ନୁହେଁ, ବାପି ମଧ୍ୟ ଥିଲେ ଗଜଲ ପ୍ରିୟ। ଏହାର ଝଲକ ମଧ୍ୟ ତାଙ୍କର ସ୍ୱରାୟିତ କେତୋଟି ସିନେମାରେ ଦେଖିବାକୁ ମିଳିଥାଏ। ବିଶେଷଭାବରେ 'ଐତିବାର'ରେ ସଂଯୋଜିତ 'କିସିନଜର କୋ ତେରା ଇନ୍‌ତେଜାର ଆଜ୍ ଭି ହେ' ଏବଂ 'ଆୱାଜ ଦି ହେ' ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଥିଲା।



ମିଥୁନଙ୍କ ସହ ବାପି

### ଚର୍ଚ୍ଚିତ ଗୀତ

- ଆଇ ଆମ ଏ ଡିସ୍କୋ ଡ୍ୟାନ୍ସର (ଡିସ୍କୋ ଡ୍ୟାନ୍ସର)
- ତାଥେୟା ତାଥେୟା ହୋ (ହିମ୍ମତୱାଲା)
- ଏକ ଆଖେଁ ମାରେ ତୋ (ତୋଫା)
- ୟାର ବିନା ଚୈନ କାହାଁରେ (ସାହେବ)
- ଦେ ଦେ ପ୍ୟାର୍ ଦେ (ସରାବୀ)
- ଆଜ୍ ରପଟ ଯାଏଁ ତୋ (ନମକ ହଲାଲ)
- ଧୂପ ମେଁ ନା ନିକଲା କରୋ ରୂପ କି ରାନୀ (ଗିରଫତାର)
- ତମା ତମା ଲୋଗେ ତମା (ଥାନେଦାର)
- ଉଡ୍ ଗୟା କବୁତରରେ (ଦଲାଲ)
- ବମ୍ବେଇ ସେ ଆୟା ମେରେ ଦୋସ୍ତ (ଆପ୍ କି ଖାତିର)
- ପ୍ୟାର୍ କଭି କମ୍ ନେହିଁ କର୍‌ନା (ପ୍ରେମ ପ୍ରତିଜ୍ଞା)
- ଜିନ୍ଦେଗୀ ମେରି ଡ୍ୟାନ୍ସ (ଡ୍ୟାନ୍ସ ଡ୍ୟାନ୍ସ)
- ପ୍ୟାର ହମାରା ଅମର ରହେଗା (ମଦତ୍)
- ଘାୟଲ ଘାୟଲ (ଗୁରୁ)
- ତୁନେ ମାରି ଏଣ୍ଟ୍ରି (ଗୁଣ୍ଡେ)
- ଉଲାଲା ଉଲାଲା (ଦ ଡାର୍ଟି ପିକ୍ଚର)



କବିତା କ୍ରିଷ୍ଣମୂର୍ତ୍ତିଙ୍କ ସହ ବାପି



ଉଦିତ୍ ନାରାୟଣଙ୍କ ସହ ବାପି

## ବାପିଙ୍କ ସଙ୍ଗୀତ ନିର୍ଦ୍ଦେଶିତ ପ୍ରମୁଖ ଚଳଚ୍ଚିତ୍ର

'ନହ୍ନା ଶିକାରୀ', 'ଜଖମୀ', 'ଚଲତେ ଚଲତେ', 'ଆପ୍ କି ଅଧିକାର', 'ଲହୁ କେ ଦୋ ରଙ୍ଗ', 'ଡିସ୍କୋ ଡ୍ୟାନ୍ସର', 'ନମକ ହଲାଲ', 'ହିମ୍ମତୱାଲା', 'ସୁହାଗ', 'ଇନ୍‌ସାଫ ମେଁ କରୁଙ୍ଗା', 'ଅଧିକାର', 'ଜଷ୍ଟିସ ଚୌଧୁରୀ', 'ଜାନି ଦୋସ୍ତ', 'ମୱାଲି', 'ହେସିୟତ', 'ତୋଫା', 'ବଲିଦାନ', 'ସୋନେ ପେ ସୁହାଗା','ସରାବୀ', 'ଗିରଫତାର', 'କମାଣ୍ଡୋ', 'ପ୍ରେମ ପ୍ରତିଜ୍ଞା', 'ଘାୟଲ', 'ଆଜ୍ କା ଅର୍ଜୁନ', 'ଥାନେଦାର', 'ଦୁସମନ ଦେବତା', 'ସୋଲା ଔର ସବନମ', 'ପୋଲିସ ଔର ମୁଜ୍‌ରିମ', 'ନୟା କଦମ', 'ଆପ୍ କି ଖାତିର', 'ମାଷ୍ଟରଜୀ', 'ଆଜ କା ଏମ୍‌ଏଲ୍‌ଏ', 'ରାମ ଅବତାର', 'ବେୱଫାଇ', 'ମକସଦ୍', 'ଚାନ୍ଦିନୀ ଚୌକ ଟୁ ଚାଇନା', 'ବଦ୍ରିନାଥ କି ଦୁଲହନିୟାଁ', 'ଗୁଣ୍ଡେ' ଏବଂ 'ଡାର୍ଟି ପିକ୍ଚର'।



ଆଶା ଭୋଁସ୍‌ଲେଙ୍କ ସହ ବାପି



ସ୍ତ୍ରୀ ଚିତ୍ରାଣୀଙ୍କ ସହ ବାପି

# ୧୦ ବୁଥ୍ କ୍ୟାପ୍‌ଚରିଂ, ବୋମାମାଡ଼

**ଯାଜପୁର ଅଫିସ/ ଧର୍ମଶାଳା/ଯାଜପୁର ସଦର, (ଡି.ଏନ.ଏ.)୧୬।୨**

ବୁଧବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ବେଳେ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି । ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ ପ୍ରାୟ ୧୦ଟି ବୁଥ୍ କ୍ୟାପ୍‌ଚରିଂ କରିବା ସହିତ ଭଙ୍ଗାରୁଜା, ବୋମାମାଡ଼ କରିଛନ୍ତି । ଏହି କାଣ୍ଡ ଭିଆଇଥିବା ଅସାମାଜିକ ବ୍ୟକ୍ତିମାନେ ବାଲଟ ପେପର ଲୁଟ୍ କରିବା ସହ ନିଜ ପ୍ରାର୍ଥୀଙ୍କ ନିର୍ବାଚନ ଚିହ୍ନରେ ଭୋଟ ଦେଇ ବାଲଟ ବାକ୍ସରେ ପକାଇଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀ ଓ ପୋଲିସ ସେହି ବ୍ୟକ୍ତିମାନଙ୍କୁ ବିରୋଧ କରିବାକୁ ସାହସ କରି ପାରିନାହାନ୍ତି । ଏହାକୁ ନେଇ ଦିନତମାମ ବିଭିନ୍ନ ଅଞ୍ଚଳରେ ଉତ୍ତେଜନା ଲାଗିରହିଥିଲା । ଏହି ଘଟଣାରେ ୨ ଜଣ ଆହତ ହୋଇଛନ୍ତି । ପୋଲିସ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାକୁ ଗିରଫ କରି ପାରିନାହିଁ। ପୋଲିସ ଓ ଜିଲା ପ୍ରଶାସନ ଏପରି ଘଟଣାରେ ଚୁପ୍ ହୋଇ ବସିବା ପ୍ରତିବାଦରେ ବିପକ୍ଷ ଗୋଷ୍ଠୀ ପକ୍ଷରୁ ରାସ୍ତାରୋକୋ କରାଯାଇଛି । ଅନ୍ୟପକ୍ଷେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଯାଜପୁର ଓ ଧର୍ମଶାଳା ବ୍ଲକର ୧୦ ବୁଥ୍‌ରେ ସାନି ନିର୍ବାଚନ କରିବାକୁ ପ୍ରସ୍ତାବ ଦେଇଥିବା ସୂଚନା ମିଳିଛି। ଧର୍ମଶାଳା ବ୍ଲକ ଅରାବଳ ବୁଥ୍ ନମ୍ବର ୮, ଦେଓଦା ବୁଥ୍ ନମ୍ବର ୬ ଓ ୭ ଏବଂ ଯାଜପୁର ବ୍ଲକ ସୁଜନପୁର ବୁଥ୍ ନମ୍ବର ୧, ରୁଦ୍ରପୁର ବୁଥ୍ ନମ୍ବର ୪, ୫ ଓ ୧୨, ଏରବାଙ୍କ ପଞ୍ଚାୟତର ବୁଥ୍ ନମ୍ବର ୨ ଓ ୩ ଏବଂ ଝାଳପଡ଼ାର ୧୦ନଂ. ବୁଥ୍‌ରେ ସାନି ଭୋଟଗ୍ରହଣ ହେବ ବୋଲି ରିପୋର୍ଟ ମିଳିଛି। ଯାଜପୁର ଜିଲାରେ ମତଦାନ ବେଳେ ଏଭଳି ହିଂସାକାଣ୍ଡ ନୂଆ ବୋଲି ଚର୍ଚ୍ଚା ହେଉଛି।

ସୂଚନା ଅନୁଯାୟୀ, ଯାଜପୁର ବ୍ଲକ ସୁଜନପୁର ପଞ୍ଚାୟତ ଦୁର୍ଗାପୁର ଅଙ୍ଗନୱାଡି କେନ୍ଦ୍ରର ୧ନଂ. ବୁଥ୍‌ରେ କେତେଜଣ ବ୍ୟକ୍ତି ବୁଥ୍ ଭିତରକୁ ପଶି ଜୋରଜବରଦସ୍ତ ବାଲଟ ପେପର ଛଡାଇ ନେଇ ଭୋଟ ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକମାନେ ବିରୋଧ କରିବାରୁ ସମ୍ପୃକ୍ତ ଯୁବକମାନେ ସେମାନଙ୍କୁ ମାରପିଟ କରିବା ସହ ଅଙ୍ଗନୱାଡି କେନ୍ଦ୍ରର କବାଟ ଭାଙ୍ଗି ଦେଇଥିଲେ। ଏପରି କି ଭୋଟ କାଗଜପତ୍ର ଓ ଷ୍ଟାମ୍ପ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଉତ୍ତେଜନା ପରେ ସେଠାରେ ପୋଲିସ ପହଞ୍ଚି ଲୋକଙ୍କୁ ଘଉଡାଇବା ସହ ମତଦାନକୁ ବନ୍ଦ ରଖିଛି । ଏହାବାଦ୍ ଏରବାଙ୍କ ପଞ୍ଚାୟତର ହରିଜନ ସାହି ସ୍କୁଲର ୩ ନମ୍ବର ବୁଥ୍‌ରେ ବୋମାମାଡ଼ ହୋଇଥିବା ସୂଚନା ମିଳିଛି। ବୋମାମାଡ଼ ପରେ ଭୋଟରମାନେ ଭୟରେ ଦୌଡି ପଳାଇଥିଲେ। ଏହାକୁ ନେଇ ହରିଜନ ସାହିରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ଓ ପ୍ରଶାସନ ବୋମାମାଡ଼କାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ଭୋଟର ଓ ବିପକ୍ଷ ଗୋଷ୍ଠୀ ପକ୍ଷରୁ ପ୍ରାୟ ୨ ଘଣ୍ଟା ଧରି ରାସ୍ତାରୋକୋ କରାଯାଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେହିପରି ଏରବାଙ୍କ ପଞ୍ଚାୟତର ବୁଥ୍ ନମ୍ବର ୨, ରୁଦ୍ରପୁରର ୪, ୫ ଓ ୧୨ ନମ୍ବର ବୁଥ୍‌କୁ କେତେଜଣ ବ୍ୟକ୍ତି ଜବରଦସ୍ତ ପଶି ବାଲଟ ପେପର ଛଡାଇ ନେବା ସହ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦାନ କରିଥିଲେ। ସେମାନେ ବୁଥ୍‌ର କବାଟ ଭାଙ୍ଗି ଲୋକଙ୍କୁ ମାରପିଟ କରିବାକୁ ପଛାଇ ନ ଥିଲେ । ଖବର ପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା।

ଧର୍ମଶାଳା ବ୍ଲକର ଦେଓଦା ପଞ୍ଚାୟତର ଚଇନହୁଡ଼ା ପ୍ରାଥମିକ ସ୍କୁଲର ୬ ଓ ୭ ନମ୍ବର ବୁଥ୍‌ରେ ନିର୍ବାଚନୀ ହିଂସା ଘଟିଛି। ସେଠାରେ ସକାଳ ୭ରୁ ୯ଟା ପର୍ଯ୍ୟନ୍ତ ସୁରୁଖୁରୁରେ ମତଦାନ ଚାଲିଥିଲା। ଏହାପରେ କେତେଜଣ ଅସାମାଜିକ ବ୍ୟକ୍ତି ବୁଥ୍ ଭିତରକୁ ଜବରଦସ୍ତ ପଶି କବ୍‌ଜା କରିଥିଲେ। ବାଲଟ ପେପର ଓ ଷ୍ଟାମ୍ପକୁ ଲୁଟ୍ କରି ନିଜେ ମତଦାନ କରିଥିଲେ। ସେହିପରି ଅରାବଳ ପଞ୍ଚାୟତ ନାଳକୁଳ ଗ୍ରାମର ପ୍ରାଥମିକ ସ୍କୁଲ ବୁଥ୍ ନମ୍ବର ୮ ଓ ଝାଳପଡ଼ା ବୁଥ୍‌ରେ ମଧ୍ୟ ଅନୁରୂପ ଭାବେ କେତେଜଣ ଅଜଣା ବ୍ୟକ୍ତି ପଶି ବୁଥ୍‌କୁ ନିଜ କବ୍‌ଜାରେ ନେଇ ଭୋଟଦାନ କରିଥିବା ସୂଚନା ମିଳିଛି। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ଓ ଏସ୍‌ପି ରାହୁଲ ପି.ଆର. ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିବା ସହ ନିର୍ବାଚନ କମିଶନଙ୍କୁ ସବିଶେଷ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି।



ବୋମାମାଡ଼ ପରେ ଏରବାଙ୍କ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

- ଯାଜପୁରରେ ଭୋଟଗ୍ରହଣ ବେଳେ ଉତ୍ତେଜନା, ଭଙ୍ଗାରୁଜା
- ସାନି ନିର୍ବାଚନ ପାଇଁ ପ୍ରସ୍ତାବ



ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକମାନେ ବାଲଟ ପେପର ଭୋଟ୍ ବାକ୍ସରେ ପକାଉଛନ୍ତି।

# ସରପଞ୍ଚ ପ୍ରାର୍ଥୀଙ୍କ ବୁଥ୍ ଦଖଲ

**ଯାଜପୁର ଅଫିସ,୧୬।୨**

ଯାଜପୁର ଜିଲା ସଦର ବ୍ଲକ୍ ରୁଦ୍ରପୁର ୫ନଂ.ବୁଥ୍‌ରେ ବୁଥ୍ କ୍ୟାପଚରିଂର ଏକ ଭିଡିଓ ବୁଧବାର ଭାଇରାଲ ହେବାରେ ଲାଗିଛି । ପୋଲିସ ଓ ପୋଲିଂ ଅଧିକାରୀଙ୍କ ଉପସ୍ଥିତିରେ ସରପଞ୍ଚ ପ୍ରାର୍ଥୀ କରୁଣାକର ଆଚାର୍ଯ୍ୟ, ତାଙ୍କ ପରିବାର ସଦସ୍ୟ ଓ ୧୦ରୁ ୧୫ ଜଣ ସମର୍ଥକ ଜୋରଜବରଦସ୍ତ ବାଲଟ ପେପର ଲୁଟ୍ କରୁଛନ୍ତି । ଏହାପରେ ସେମାନେ ପ୍ରାର୍ଥୀଙ୍କ ନିର୍ବାଚନ ଚିହ୍ନରେ ଷ୍ଟାମ୍ପ ମାରି ଭୋଟ ବାକ୍ସରେ ପକାଉଛନ୍ତି । ସେଠାରେ ଥିବା ଅନ୍ୟ ଲୋକମାନଙ୍କ ସହିତ ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଭୟଭୀତ କରିବା ପାଇଁ ସମ୍ପୃକ୍ତ ଯୁବକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ଶୁଣିବାକୁ ମିଳିଛି। ସରପଞ୍ଚ ପ୍ରାର୍ଥୀଙ୍କ ଝିଅ ଓ ୨ ପୁଅଙ୍କୁ ବି ଏହି ବୁଥ୍ କ୍ୟାପଚରିଂରେ ସାମିଲ ଥିବା ଦେଖିବାକୁ ମିଳିଛି । ଏପରି ସମ୍ବେଦନଶୀଳ ଘଟଣାକୁ ଜିଲା ପୋଲିସ ମଧ୍ୟ ହାଲୁକା ଭାବେ ଗ୍ରହଣ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ୧୨ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରି ପାରିନାହିଁ। ସୂଚନାଯୋଗ୍ୟ, କରୁଣାକର ଜଣେ ଶିଳ୍ପପତି। ଏଥର ରୁଦ୍ରପୁର ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢୁଛନ୍ତି। ସେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସର ହାତ ତାଙ୍କ ପାଖରେ ପହଞ୍ଚି ପାରିନାହିଁ ବୋଲି ଚର୍ଚ୍ଚା ହେଉଛି। ଏହା ଯାଜପୁର ଜିଲା ପଞ୍ଚାୟତ ନିର୍ବାଚନର ଏକ କଳଙ୍କିତ ଅଧ୍ୟାୟ ବୋଲି ମତପ୍ରକାଶ ପାଇଛି।

- ପରିବାର ସଦସ୍ୟ, ସମର୍ଥକ ବି ସାମିଲ
- ଭିଡିଓ ଭାଇରାଲ

# ଶିଖରପୁର ପଞ୍ଚାୟତରେ ବୁଥ୍ ଜବରଦଖଲ

**ଜଳେଶ୍ୱର, ୧୬।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱରସ୍ଥିତ ଶିଖରପୁର ରାଜନଗର ୪ନଂ. ବୁଥ୍‌ରେ ଜିଲା ପରିଷଦର ପୋଲିଂ ଏଜେଣ୍ଟ ବସାଇବାକୁ କେନ୍ଦ୍ର କରି ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏହାର ସାମୟିକ ସମାଧାନ ହୋଇଥିଲେ ମଧ୍ୟ ଶିଖରପୁର ବରାଳ ବାଲୁକେଶ୍ୱର ବିଦ୍ୟାଳୟରେ ଥିବା ୫ନଂ. ବୁଥ୍‌ରେ ଅନୁରୂପ ଭାବେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଫଳରେ ପ୍ରାୟ ଦେଢଘଣ୍ଟା ଧରି ମତଦାନ ବନ୍ଦ ରହିଥିଲା। ଖବରପାଇ ବିଡିଓ ଅଶ୍ୱିନୀ ଦାସ, ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକ, ସ୍ୱତନ୍ତ୍ର ପୋଲିସ୍ ଭାରପ୍ରାପ୍ତ ଅଧିକାରୀ ଅଶୋକ ନାୟକ, ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ଥାନା ଆଇଆଇସି ରୋଜାଲିନ୍ ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ସମସ୍ୟା ସମାଧାନ ପରେ ମତଦାଦ ଆରମ୍ଭ ହୋଇଥିଲା। ଭୋଟ ଗ୍ରହଣ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲୁଥିବାରୁ ଏହାର ସୁଯୋଗ ନେଇ ସ୍କୁଲପଛ ପାଚେରି ଡେଇଁ କେତେକ ଦୁର୍ବୃତ୍ତ ଜବରଦସ୍ତ ଭୋଟକେନ୍ଦ୍ରକୁ ପ୍ରବେଶ କରିଥିଲେ। କେତେକ ମୃତ ଓ ଅନୁପସ୍ଥିତ ଥିବା ଭୋଟରଙ୍କ ନାମରେ ଭୋଟିଂ ହୋଇଥିବା ଅଭିଯୋଗ ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ଉତ୍ତେଜନା ରାତି ପର୍ଯ୍ୟନ୍ତ ଚାଲିଥିଲା। ଘଟଣାସ୍ଥଳରେ ତହସିଲଦାର ଓ ଆଇଆଇସି ଉପସ୍ଥିତ ଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ପ୍ରଶାସନ ଭୋଟବାକ୍ସକୁ ସିଲ୍ କରିଥିଲେ ମଧ୍ୟ ସ୍ଥାନୀୟ ଭୋଟରମାନେ ପୋଲିଂ ପାର୍ଟି ଗାଡିକୁ ଘେରି ରଖିଛନ୍ତି । ସେଠାରେ ପୁନଃ ମତଦାନ ପାଇଁ ଦାବି କରାଯାଇଛି । ଖବର ଲେଖାହେବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରିନାହିଁ।

## ମନ୍ତ୍ରୀଙ୍କ ପ୍ରତିନିଧିଙ୍କୁ ଆକ୍ରମଣ ଅଭିଯୋଗ

**କୋରାପୁଟ/ବୋରିଗୁମ୍ମା, ୧୬।୨(ସ୍ୱ.ପ୍ର./ଡି.ଏନ.ଏ.):** ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ବେଳେ ବୁଧବାର ବୋରିଗୁମ୍ମା ବ୍ଲକରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଭାଜପା କର୍ମୀଙ୍କ ଠେଙ୍ଗାମାଡରେ ରାଜ୍ୟ ବୟନଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ନରେନ୍ଦ୍ର ବିଶୋୟୀ ଗୁରୁତର ଆହତ ହୋଇଛନ୍ତି। ଏନେଇ ବ୍ଲକର ଶଶାହାଣ୍ଡି ପଞ୍ଚାୟତରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଶୋୟୀ ବୁଥ ବୁଲୁଥିବା ବେଳେ କେତେଜଣ ଭାଜପା କର୍ମୀ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଘଟଣା ନେଇ ବୋରିଗୁମ୍ମା ଥାନାରେ ଏତଲା ହୋଇଛି । ସେହିପରି ବୁଧବାର ସେମିଳିଗୁଡା ବ୍ଲକର ମନ୍ତ୍ରୀପୁଟ ଗ୍ରାମବାସୀ ଭୋଟ ବର୍ଜନ କରିଥିବା ଜଣାଯାଇଛି । ମିଶ୍ରଣ ବିଦ୍ୟାଳୟ ଖୋଲିବାକୁ ଦାବି କରି ଗ୍ରାମବାସୀ ଭୋଟ ବର୍ଜନ କରିଥିବା ଜଣାଯାଇଛି । ଗ୍ରାମର ୧୫୫ ଜଣ ଭୋଟର ରହିଥିବାବେଳେ ସମସ୍ତେ ଭୋଟ ବର୍ଜନ କରିଛନ୍ତି।

# ମତଦାନକୁ ନେଇ ଗୋଷ୍ଠୀ ସଂଘର୍ଷ

**କୃଷ୍ଣପ୍ରସାଦ, ୧୬।୨ (ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବୁଧବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଚାଲିଥିଲା। ଏହି ସମୟରେ ଅଲଣ୍ଡା ପଞ୍ଚାୟତର ୪ନଂ ବୁଥ୍‌ରେ ଗୋଷ୍ଠୀ ସଂଘର୍ଷ ହୋଇଛି। ବିବାଦ ଉଗ୍ରରୂପ ନେବାରୁ ଅଲଣ୍ଡା ଓ ଡିଞ୍ଛିଣି ଗ୍ରାମବାସୀଙ୍କ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ବୋମାମାଡ଼ ହୋଇଛି। ଏଥିସହ ଠେଙ୍ଗାବାଡ଼ି ଓ ବିଭିନ୍ନ ମାରଣାସ୍ତ୍ରରେ ଉଭୟ ପକ୍ଷ ମଧ୍ୟରେ ଆକ୍ରମଣ ଘଟି ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ଅନ୍ୟପଟେ ଏହି ଆକ୍ରମଣ ସମୟରେ ଉକ୍ତ ବୁଥ୍ ପରିସରରେ ଥିବା ୮ନଂ. ବୁଥ୍‌ର ବାଲଟ ବକ୍ସକୁ କେତେଜଣ ଦୁର୍ବୃତ୍ତ ଲୁଟି ନେଇଛନ୍ତି।

ସୂଚନା ଅନୁଯାୟୀ, ଡିଞ୍ଛିଣି ଓ ଅଲଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ବିଭିନ୍ନ କାରଣକୁ ନେଇ ପୂର୍ବ ଶତ୍ରୁତା ଲାଗି ରହିଥିଲା। ହେଲେ ଏବେ ନିର୍ବାଚନ ସମୟରେ ଅଲଣ୍ଡା ଗ୍ରାମରେ ୪୩୨ଜଣ ଭୋଟରଙ୍କ ମଧ୍ୟରେ ଡିଞ୍ଛିଣି ଗ୍ରାମର ୩୨୩ ଜଣ ରହିଥିବାରୁ କେତେଜଣ ବ୍ୟକ୍ତି ବୁଧବାର ସେହି ୪ ନଂ. ବୁଥ୍‌କୁ ମତଦାନ ପାଇଁ ଯାଇଥିଲେ। ହେଲେ ଅଲଣ୍ଡା ଗ୍ରାମବାସୀ ସେମାନଙ୍କୁ ମତଦାନ ଦେବାକୁ ବାରଣ କରିଥିଲେ। ଏହି କଥାକୁ ନେଇ ୨ ଗ୍ରାମବାସୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ପରେ ଉଗ୍ରରୂପ ନେଇଥିଲା। ଫଳରେ ୨ ଗୋଷ୍ଠୀ ମଧ୍ୟରେ ଠେଙ୍ଗା, ଲାଠି, ଧାରୁଆ ଅସ୍ତ୍ର, ଇଟାରେ ପରସ୍ପରକୁ ଆକ୍ରମଣ କରିବା ସହ ୩୦ରୁ ଊର୍ଦ୍ଧ୍ୱ ବୋମାମାଡ଼ ମଧ୍ୟ କରିଥିଲେ। ଏଥିରେ ଗାଡ଼ିମୋଟର, ଦୋକାନ-ଘର ଭାଙ୍ଗିରୁଜି ଯିବା ସହ ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିଲେ। ଏହି ସମୟରେ ମତଦାନ କେନ୍ଦ୍ରରେ ଥିବା ପ୍ରିଜାଇଡିଂ ଅଫିସର, ଭୋଟର, ପୋଲିସ ଭୟଭୀତ ହୋଇଯାଇଥିବା ବେଳେ ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ନିକଟରେ ଥିବା ୮ନଂ. ବାଲଟ ବକ୍ସକୁ ଲୁଟି ନେଇଛନ୍ତି। ଖବରପାଇ ଘଟଣାସ୍ଥଳରେ କୃଷ୍ଣପ୍ରସାଦ ଥାନା ଆଇଆଇସି ଦିଲୀପ କୁମାର ସ୍ୱାଇଁ, ତହସିଲଦାର ଉଲ୍ଲାସ କୁମାର ସେଠୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଘଟଣାସ୍ଥଳରେ ଫୋର୍ସ ମୁତୟନ ରହିଛନ୍ତି। ପରେ ଆହତ ବ୍ୟକ୍ତିମାନଙ୍କୁ ପ୍ରଥମେ କୃଷ୍ଣପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଯାଉଥିବା ବେଳେ ଅନ୍ୟ କେତେଜଣଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଫୁଲ୍ଲ ବଡଜେନା ଉକ୍ତ ଗ୍ରାମରେ ପହଞ୍ଚି ଘଟଣାସ୍ଥଳ ଦେଖିବା ସହ ପରିସ୍ଥିତି ଶାନ୍ତ ହୋଇଯାଇଥିବା କହିଛନ୍ତି। ଏ ନେଇ ବିଡିଓ ମନୋଜ କୁମାର ନାୟକ କହିଛନ୍ତି, ୮ନଂ. ବୁଥ୍‌ରୁ ବାଲଟ ବକ୍ସ ଲୁଟ ହୋଇଯାଇ ଥିବାବେଳେ ଖୋଜାଖୋଜି ଚାଲିଥିଲେ ମଧ୍ୟ ବର୍ତ୍ତମାନ ତାହା ମିଳିପାରି ନାହିଁ। ତେଣୁ ସେଠାରେ ଆଗାମୀ ସମୟରେ ପୁଣିଥରେ ନିର୍ବାଚନ କରାଯିବ। ସେହିପରି କୃଷ୍ଣପ୍ରସାଦର ୧୦ନମ୍ବର ବୁଥରେ ମଧ୍ୟ କୌଣସି କାରଣକୁ ନେଇ ଉତ୍ତେଜନା ହୋଇ କିଛି ସମୟ ମତଦାନ ବନ୍ଦ ଥିଲା। ରାମଲଙ୍କାର ଏକ ବୁଥ୍‌ରେ ମଧ୍ୟ ବିଶୃଙ୍ଖଳା ହୋଇ ପରେ ମତଦାନ ହୋଇଥିଲା।



ଆହତମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

- ୨ ଗ୍ରାମବାସୀଙ୍କ ମଧ୍ୟରେ ୩୦ ବୋମାମାଡ଼
- ୪୦ ଆହତ, ଅନ୍ୟ ବୁଥ୍‌ର ବାଲଟ ବକ୍ସ ଲୁଟ୍

# ପୋଲିଂ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ

**ଢେଙ୍କାନାଳ ଅଫିସ,୧୬।୨**

ଢେଙ୍କାନାଳ ଜିଲାରେ ବୁଧବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ବେଳେ ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତରେ ହିଂସା ଦେଖିବାକୁ ମିଳିଛି। ପଞ୍ଚାୟତର ୩ଟି ବୁଥ୍ ୬, ୭ ଓ ୧୧ ନମ୍ବରକୁ ଜବରଦଖଲ କରାଯାଇଛି। ଏପରିକି ୧୧ନଂ ବୁଥ୍‌ର ପୋଲିଂ ଅଫିସର ପୂର୍ଣ୍ଣଚନ୍ଦ୍ର ରାଉଳଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଦୁର୍ବୃତ୍ତମାନେ ଏହି ବୁଥ୍‌ରୁ ଏକ ଭୋଟ ବାକ୍ସ ଲୁଟି ନେବା ସହ ଗାଡ଼ି ଭଙ୍ଗାରୁଜା କରିଛନ୍ତି। ପୋଲିସ ଉପସ୍ଥିତିରେ ଏହି ଘଟଣା ଘଟିଥିବା ଆହତ ଅଫିସର ପୂର୍ଣ୍ଣଚନ୍ଦ୍ର ଗଣମାଧ୍ୟମ ଆଗରେ କହିଛନ୍ତି। ଘଟଣାସ୍ଥଳରେ ଏସ୍‌ପି ଓ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଲୁଟ୍ ଭୋଟ ବାକ୍ସ ଉଦ୍ଧାର ଉଦ୍ୟମ ଜାରି ରଖିଛନ୍ତି।

ଘଟଣାରୁ ଜଣାପଡିଛି, ୧୧ନଂ. ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଠିକ୍‌ଠାକ୍ ଚାଲିଥିଲା। ୧ଟା ବାଜିବା ପରେ ବୁଥ୍ ମଧ୍ୟରେ ଯେଉଁମାନେ ରହିଯାଇଥିଲେ ସେମାନେ ମତଦାନ କରୁଥିଲେ। ଏହି ସମୟରେ ବାହାରେ ଗଣ୍ଡଗୋଳ ହେଉଥିବା ଜାଣି କବାଟ ଝରକା ବନ୍ଦ କରିଦିଆଯାଇଥିଲା। ହେଲେ ଅପରାହ୍ନ ୨ଟା ବେଳକୁ ମାତ୍ର ୨ଜଣ ଭୋଟର ବୁଥ୍ ମଧ୍ୟରେ ଥିବା ସମୟରେ ପ୍ରାୟ ୩୦ରୁ ୪୦ ଲୋକ ହାତରେ ଠେଙ୍ଗା, ବାଡି ଓ ମାରଣାସ୍ତ୍ର ଧରି କବାଟ ଝରକା ଭାଙ୍ଗି ଭିତରକୁ ପ୍ରବେଶ କରି ଗାଳିଗୁଲଜ କରିଥିଲେ। ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କୁ ଧମକ ଦେଇ ଭୋଟ ବାକ୍ସ ଲୁଟି ନେଇ ପଳାଇଥିଲେ। ବୁଥ୍ କର୍ମଚାରୀଙ୍କ ମୋବାଇଲ ଛଡାଇ ନେଇଥିଲେ। ସେଠାରେ ଉପସ୍ଥିତ ଥିବା ପୋଲିଂ ଅଫିସର ପୂର୍ଣ୍ଣଚନ୍ଦ୍ର ରାଉଳଙ୍କୁ ଆକ୍ରମଣ କରିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ଜଣେ ଏଏସ୍‌ଆଇ, ହାବିଲଦାର, କନଷ୍ଟେବଲ ଓ ହୋମଗାର୍ଡ ଉପସ୍ଥିତ ଥିଲେ ମଧ୍ୟ ସେମାନଙ୍କୁ ଧକ୍କାମାରି ଦୁର୍ବୃତ୍ତମାନେ ଏହି ଘଟଣା ଘଟାଇଥିଲେ। ସେହିପରି ୬ ଓ ୭ନଂ ବୁଥ୍ ମଧ୍ୟରେ ପଶି କେତେଜଣ ଦୁର୍ବୃତ୍ତ ଜବରଦସ୍ତି ବାଲଟ ପେପରରେ ଭୋଟ ପ୍ରଦାନ କରିଥିବା ଜଣାପଡ଼ିଛି। ୨ନଂ ବୁଥ୍‌ରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଘଟଣା ସମ୍ପର୍କରେ ପ୍ରିଜାଇଡିଂ ଅଫିସର ପ୍ରଶାସନ ଓ ନିହଲପ୍ରସାଦ ଥାନାକୁ ଖବର ଦେଇଥିଲେ ବୋଲି ଆହତ ପୋଲିଂ ଅଧିକାରୀ ପୂର୍ଣ୍ଣଚନ୍ଦ୍ରଙ୍କ ସୂଚନାରୁ ଜଣାପଡିଛି। ଖବରପାଇ ଏସ୍‌ପି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭିଙ୍କୁ ମୋବାଇଲ ନଂ.୯୪୩୮୯୧୬୪୭୦ରେ ଯୋଗାଯୋଗ କରିବାରେ କୌଣସି ଉତ୍ତର ମିଳି ନ ଥିଲା। ନିହଲପ୍ରସାଦ ଥାନା ଅଧିକାରୀ ଜିତେନ୍ଦ୍ର ସାହୁ କହିଛନ୍ତି, ସମ୍ପୃକ୍ତ ପୋଲିଂ ଅଧିକାରୀଙ୍କ ଅଭିଯୋଗ ମିଳିବା ପରେ ଯାହାକିଛି କରାଯିବ। ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, ନିହଲପ୍ରସାଦ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ କୁହାଯାଇଛି। ରାଜ୍ୟ ନିର୍ବାଚନ କମିଶନଙ୍କୁ ରିପୋର୍ଟ ଦିଆଯିବା ପରେ ସେ ଯାହା ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଜିଲାପାଳ କହିଛନ୍ତି।



ଆକ୍ରମଣରେ ଆହତ ହୋଇଥିବା ପୋଲିଂ ଅଧିକାରୀ।

- ଢେଙ୍କାନାଳ ଜିଲାରେ ନିର୍ବାଚନୀ ହିଂସା
- ନିହଲପ୍ରସାଦରେ ୩ ବୁଥ୍ ଜବରଦଖଲ
- ଭୋଟ ବାକ୍ସ ଲୁଟିନେଲେ, ଗାଡ଼ି ଓ ବାଇକ୍ ଭଙ୍ଗାରୁଜା







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ